


‘ଦାଦା ସାହେବ ଫାଲ୍‌କେ’କୁ ନେଇ ଚର୍ଚ୍ଚା

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-79 ◆FRIDAY ◆12 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୭୯ ◆ଶୁକ୍ରବାର ◆୧୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ୭୨ ଘଣ୍ଟାରେ ୬ ମୁସ୍‌ଲିମ ଦେଶ ଉପରେ ଇସ୍ରାଏଲର ଆକ୍ରମଣ

## ୨୦୦ ମୃତ, ସହସ୍ରାଧିକ ଆହତ



■ ଜେରୁଜେଲମ, ୧୧।୯ (ଏଜେନ୍ସି): ଗତ ୭୨ ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ୬ଟି ମୁସଲିମ୍ ଦେଶ ଉପରେ ଆକ୍ରମଣ କରିଛି। ଏହି ୬ଟି ଦେଶ ହେଲା ଗାଜା (ପାଲେଷ୍ଟାଇନ୍), ସିରିଆ, ଲେବାନନ୍, କାତାର, ୟେମେନ ଓ ଟ୍ୟୁନିସିଆ। ଇସ୍ରାଏଲର ଏହି ଆକ୍ରମଣରେ ୨୦୦ରୁ ଅଧିକ ଲୋକ ନିହତ ହୋଇଥିବା ବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୋମବାରରୁ ବୁଧବାର ମଧ୍ୟରେ ଇସ୍ରାଏଲ ଏହି ଆକ୍ରମଣ କରିଥିଲା। ଏହି ଦେଶଗୁଡିକରେ ଥିବା ଆତଙ୍କବାଦୀଙ୍କ ଠିକଣା ଉପରେ ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ତରଫରୁ କୁହାଯାଇଛି। ଅବଶ୍ୟ ଏ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସନ୍ତୋଷ ଜାହିର କରିଛନ୍ତି। କିନ୍ତୁ ୯/୧୧ ଆତଙ୍କବାଦୀ ଆକ୍ରମଣ ପରେ ଆମେରିକା ଯାହା କରିଥିଲା, ଆମେ ତାହା କରିଛୁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି ନେତାନ୍ୟାହୁ। ମଙ୍ଗଳବାର ଇସ୍ରାଏଲ କାତାର ରାଜଧାନୀ ଦୋହା ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ହମାସ ମୁଖ୍ୟ ଖଲିଲ-ଅଲ ହାୟାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥଲା ବୋଲି ଇସ୍ରାଏଲ କହିଥିଲା। ଏଥିରେ ଅଲ ହାୟାଙ୍କ ପୁଅ, ଅଫିସ ଡାଇରେକ୍ଟର, ୩ଜଣ ଗାର୍ଡ, ଜଣେ କାତାରର ସୁରକ୍ଷାକର୍ମୀଙ୍କ ସହ ୬ ଜଣ ମୃତ୍ୟୁବରଣ କରିଥିଲେ। ୭୨ ଘଣ୍ଟା ମଧ୍ୟରେ ହୋଇଥିବା ଆକ୍ରମଣରେ ଗାଜାରେ ୧୫୦, ୟେମେନରେ ୧୦, ଲେବାନନ୍‌ରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ। କିନ୍ତୁ ଟ୍ୟୁନିସିଆ ଓ ସିରିଆରେ କେହି ମୃତାହତ ହୋଇଥିବା ଜଣାପଡ଼ିନାହିଁ। ଗାଜାରେ ୨୦୨୩ରୁ ଏପର୍ଯ୍ୟନ୍ତ ୬୪, ୦୦୦ ଲୋକ ଯୁଦ୍ଧରେ ଅର୍ଥାତ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କତାର ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛନ୍ତି। କତାର ନେତାଙ୍କୁ ଫୋନ୍ କରି ମୋଦୀ ଏହାର ନିନ୍ଦା କରିବା ସହିତ କହିଛନ୍ତି ଯେ କତାରର ସାର୍ବଭୌମତ୍ୱର ସୁରକ୍ଷାକୁ ସମ୍ମାନ ଦିଆଯିବା ଉଚିତ।

## ବ୍ୟାଙ୍କ ଋଣ ନ ଶୁଝିଲେ ଲକ୍ ହେବ ଫୋନ୍

■ ମୁମ୍ବଇ, ୧୧।୯ (ଏଜେନ୍ସି): ଋଣଦାତାଙ୍କ ପୁନରୁଦ୍ଧାର କ୍ଷମତା ବୃଦ୍ଧି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ନୂତନ ନିୟମ ଆଣିବାକୁ ବିଚାର କରୁଛି। ଏହି ନିୟମ ଅନୁଯାୟୀ, ଋଣଦାତାମାନେ ବହୁ ଦୂରରେ ଥାଇ ମଧ୍ୟ ଖିଲାପକାରୀଙ୍କ ଫୋନ୍ ଲକ୍ କରିପାରିବେ। ଗତ ବର୍ଷ ଭାରତୀୟ ରିଜର୍ଭ ବ୍ୟାଙ୍କ ଋଣଦାତାମାନଙ୍କୁ ଋଣ ଖିଲାପକାରୀଙ୍କ ଫୋନ୍ ଲକ୍ କରିବାକୁ କହିଥିଲା। ଡିଭାଇସ୍ ଲକ୍ ବା ବନ୍ଦ କରିବା ପାଇଁ ଋଣ ପ୍ରଦାନ ସମୟରେ ଋଣଗ୍ରହୀତାଙ୍କ ଫୋନ୍‌ରେ ଏକ ଆପ୍ ସଂସ୍ଥାପିତ ହେବ। ଋଣଦାତାଙ୍କ ସହ ଆଲୋଚନା ପରେ ଆର୍‌ବିଆଇ ଆଗାମୀ କିଛି ମାସ ମଧ୍ୟରେ ଫେୟାର ପ୍ରାକ୍ଟିସ୍ କୋଡ୍ ଅପଡେଟ୍ କରିବା ସହିତ ଫୋନ୍-ଲକ୍ କରିବା ପଦ୍ଧତି ଉପରେ ନିର୍ଦ୍ଦେଶାବଳୀ ଜାରି କରିପାରେ। ଏଥିରେ ଆର୍‌ବିଆଇ ଦୁଇଟି ଜିନିଷ ସୁନିଶ୍ଚିତ କରିବାକୁ ଚାହୁଁଛି, ପ୍ରଥମତଃ ଋଣଦାତାମାନେ ଫୋନ୍ ଲକ୍ କରି ଋଣ ▶ପୃଷ୍ଠା-୭

## ‘ଡ୍ରଗ୍ ମନି’ ରାକେଟ: ୨୬୪ କୋଟି ଜବତ

**ନାଇଜେରିଆ ପଠାଯାଇଛି ୫୯୮ କୋଟିର କମିଶନ**

**ସପ୍ତାହକୁ ପଠା ଯାଉଥିଲା ୧୮୪ କୋଟି ଟଙ୍କା**

■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ତେଲଙ୍ଗାନା ଇଗଲ ଫୋର୍ସ ବଡ଼ଧରଣର ହାୱାଲା ର୍ୟାକେଟର ପର୍ଦ୍ଦାଫାସ କରିଛି। ବିଦେଶରୁ ରହି ଭାରତରେ ନିଶା ଚାଲାଣ କରାଯାଉଥିଲା। ଏଥିରୁ ମିଳୁଥିବା ବିପୁଳ ଅର୍ଥକୁ ହାୱାଲା ମାଧ୍ୟମରେ କଳାରୁ ଧଳା କରାଯାଉଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ୩୦ ନିୟୁତ ଡଲାର ତଥା ୨୬୪ କୋଟି ଟଙ୍କା ଜବତ କରିଛି। ଏହି ମାମଲାରେ ୫ ରାଜ୍ୟରୁ ୫୦ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି କଳା କାରବାରର ଚେର ବିଦେଶକୁ ଲମ୍ବିଛି। ବିଦେଶରୁ ନିଶା ଦ୍ରବ୍ୟ ଆଣି ଦେଶରେ ବିକ୍ରି କରାଯାଉଥିଲା। ସୂଚନା ଅନୁଯାୟୀ ନାଇଜେରିଆ ନାଗରିକ ଓନେଇସି ଏସୋମିଚ କେନେଥ ଓରଫ ମାକ୍ସୱେଲଙ୍କୁ ଗିରଫ ପରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା। କୋକେନ ଏବଂ ଏକାଷ୍ଟାସି ଟାବ୍‌ଲେଟ ବିକ୍ରି ସମୟରେ ସେ ଧରା ପଡ଼ିଥିଲା। ▶ପୃଷ୍ଠା-୭

# ସାର ପାଇଁ ସାରା ରାତି ଅନିଦ୍ରା

## ଘନଘନ ସମୀକ୍ଷା; ଫଳ ଶୂନ୍

■ ଭୁବନେଶ୍ୱର, ୧୧।୯ (ସମିସ): ଆବଶ୍ୟକ ସମୟରେ ସାର ପାଉ ନାହାନ୍ତି ଚାଷୀ। ସମବାୟ ସମିତିରେ ସାର ପାଇଁ ଲମ୍ବା ଧାଡ଼ି ଲାଗୁଛି। ରାତି ସାରା ଅନିଦ୍ରା ହୋଇ ସାରକୁ ଅପେକ୍ଷା କରିବା ସତ୍ତ୍ୱେ ବି ଚାଷୀ ନିରାଶରେ ଘରକୁ ଫେରୁଛି। ଯେତିକି ସାର ଲ୍ୟାମ୍ପ୍‌ସକୁ ଆସୁଛି, ତାହା ପର୍ଯ୍ୟାପ୍ତ ହେଉନି। ଅନେକ ସ୍ଥାନରେ ଲ୍ୟାମ୍ପ୍‌ସକୁ ସାର ନ ଆସି ବେସରକାରୀ ଡିଲର୍‌ଙ୍କୁ ସାର ଦିଆଯାଉଥିବା ଅଭିଯୋଗ ହେଉଛି। ଏ ସବୁ ଭିତରେ ଚାଷୀ କେବେ ସାର ପାଇବ ଓ କେବେ କ୍ଷେତରେ ପକାଇବ ତାହାକୁ ନେଇ ଚାଷୀଙ୍କ ଚିନ୍ତା ପଶିଛି। ବିଭାଗୀୟ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, କୃଷି ସଚିବ ଆଦି ସାର ପ୍ରସଙ୍ଗରେ ଘନଘନ ବୈଠକ କରିବା ସତ୍ତ୍ୱେ ଚାଷୀଙ୍କ ସମସ୍ୟା ସମାଧାନ ହେଉ ନାହିଁ। ଏପରି ସ୍ଥିତିରେ ଚାଷୀମାନେ କେବେ ସାର ପାଇବେ ତାହାକୁ ନେଇ ପ୍ରଶ୍ନ ଉଠିଛି।

ତଥ୍ୟ ଅନୁସାରେ ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିଲା ଓ କେନ୍ଦ୍ର ▶ପୃଷ୍ଠା-୭



ସରକାର କହୁଛନ୍ତି ପର୍ଯ୍ୟାପ୍ତ ଅଛି; ଚାଷୀ ପାଇଲାବେଳକୁ ହଟହଟା

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ରାଜ୍ୟରେ ସାର କଳାବଜାର ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଲୋକସେବା ଭବନରେ ସାର ଯୋଗାଣର ସମୀକ୍ଷା କରିଛନ୍ତି। ଜିଲ୍ଲାଗୁଡ଼ିକରେ ଥିବା ପାକ୍‌ସ ଓ ଲାମ୍ପସ୍ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ (ମନିଟରିଂ) କରିବା ପାଇଁ ଜିଲ୍ଲାପାଳମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର କଳାବଜାରୀ, ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସ୍ଥାନରେ ସାରକୁ ଜବତ ନ କରି ସେହି ସାରକୁ ନିକଟସ୍ଥ ପାକ୍‌ସ କିମ୍ବା ଲ୍ୟାମ୍ପ୍‌ସକୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇ କୃଷକମାନଙ୍କୁ ପରାମର୍ଶ ଦେବା ସହ ବନ୍ୟାଞ୍ଚଳରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେ ବିଷୟରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଇଣ୍ଡସ୍ ଅକ୍ସନ୍ ରିପୋର୍ଟ: ଘରୋଇ ବିଦ୍ୟାଳୟରେ ୨୫% ଗରିବ ପିଲା

## ଆର୍‌ଟିଇ ପାଠପଢ଼ାରେ ଓଡ଼ିଶା ପ୍ରଥମ

**ସଫଳତା ନେଇ ଖୁସିବ୍ୟକ୍ତ କଲେ ନବୀନ ପଟ୍ଟନାୟକ**

**ବିଜେଡି ସରକାରଙ୍କ ସଫଳ କାର୍ଯ୍ୟାନ୍ୱୟନର ପ୍ରତିଫଳନ**



■ ଭୁବନେଶ୍ୱର, ୧୧।୯ (ସମିସ): ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ)ରେ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବାରେ ରେକର୍ଡ କରିଛି ଓଡ଼ିଶା। ଆର୍‌ଟିଇ ଅଧୀନରେ ଘରୋଇ ବିଦ୍ୟାଳୟରେ ନାମଲେଖାଇଥିବା ରାଜ୍ୟର ୯୭ ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଜାରି ରଖିଛନ୍ତି। ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଇଣ୍ଡସ୍ ଅକ୍ସନ୍ ପକ୍ଷରୁ ପ୍ରକାଶିତ ଶିକ୍ଷା ଅଧିକାର ଆଇନ୍ ରିଟେନ୍‌ସନ୍ ରିପୋର୍ଟରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି। ଉତ୍ତରାଖଣ୍ଡ ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ଆଦି ରାଜ୍ୟରେ ପ୍ରାୟ ୯୧ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଜାରି ରଖିଛନ୍ତି। ୫-ଟି ଉପକ୍ରମ ଅଧୀନରେ ବିଦ୍ୟାଳୟର ରୂପାନ୍ତରୀକରଣ କରିବା ପରେ ଆର୍‌ଟିଇ ରିଟେନ୍‌ସନ୍ ରିପୋର୍ଟରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରି ପାରିଛି।

କରୋନା ମହାମାରୀ ପରେ ଶିକ୍ଷା କ୍ଷେତ୍ର ବ୍ୟାପକ ପ୍ରଭାବିତ ହେବା ସତ୍ତ୍ୱେ ଆର୍ଥିକ ଅନଗ୍ରସର ପିଲାମାନେ ପାଠପଢ଼ା ଜାରି ରଖିଛନ୍ତି। ସାରା ଦେଶରେ ଆର୍‌ଟିଇ ଆଇନ୍‌ରେ ପ୍ରତିଟି ଘରୋଇ ବିଦ୍ୟାଳୟର ମୋଟ୍ ସିଟ୍‌ର ୨୫ ପ୍ରତିଶତ ସିଟ୍‌ରେ ନାମଲେଖାଇବାର ବ୍ୟବସ୍ଥା ରହିଛି। ଆର୍ଥିକ ▶ପୃଷ୍ଠା-୭

## ୧୮ରୁ ବିଧାନସଭାର ମୌସୁମୀ ଅଧିବେଶନ

**୧୬ରେ ସର୍ବଦଳୀୟ ବୈଠକ**

■ ଭୁବନେଶ୍ୱର, ୧୧।୯ (ସମିସ): ଆସନ୍ତା ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ ମୌସୁମୀ ଅଧିବେଶନ ଆରମ୍ଭ ହେବ । ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ୧୬ ତାରିଖରେ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଛନ୍ତି। ବୈଠକରେ ବିଧାନସଭା ଶୃଙ୍ଖଳିତ ପରିଚାଳନା ନେଇ ବାଚସ୍ପତି ସବୁ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ଅଧିବେଶନରେ କେମିତି ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହେବ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ କେମିତି ବିରୋଧୀଙ୍କୁ ପୁରା ସୁଯୋଗ ମିଳିବ ସେ ସଂପର୍କରେ ▶ପୃଷ୍ଠା-୭

## ଲୋକାୟୁକ୍ତରେ ଅଚଳାବସ୍ଥା

### ଖାଲି ପଡ଼ିଛି ଅଧ୍ୟକ୍ଷ ଓ ସଦସ୍ୟ ପଦ

**ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**



■ କଟକ, ୧୧।୯ (ସମିସ): ଅଧ୍ୟକ୍ଷ ଓ ସଦସ୍ୟ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ିବା କାରଣରୁ ଲୋକାୟୁକ୍ତରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଉକ୍ତ ପଦବୀ ପୂରଣ ସଂକ୍ରାନ୍ତରେ ଆସନ୍ତା ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଅଦାଲତ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୧୬ତାରିଖକୁ ଧାର୍ଯ୍ୟ ହୋଇଛି। ଲୋକାୟୁକ୍ତର ▶ପୃଷ୍ଠା-୭

### ଭାଦ୍ରବରେ ଗ୍ରୀଷ୍ମର ଭ୍ରମ

## ଚାନ୍ଦବାଲି ଦେଶର ଦଶମ ଉତ୍ତପ୍ତ ସହର





■ ଭୁବନେଶ୍ୱର, ୧୧।୯ (ସମିସ): ଭାଦ୍ରବ ମାସରେ ଗ୍ରୀଷ୍ମର ଭ୍ରମ ସୃଷ୍ଟି ହୋଇଛି। ରାଜ୍ୟରେ ବର୍ଷା ବନ୍ଦ ହେଉ ହେଉ ହଠାତ୍ ତାତି ଆରମ୍ଭ ହୋଇଛି। ଖରାର ପ୍ରକୋପ ସାଙ୍ଗକୁ ଆର୍ଦ୍ରତା ଯୋଗୁଁ ହାଲୁକା ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି। ଗୁରୁବାର ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବା ବେଳେ ୩୬.୮ ଡିଗ୍ରୀ ସହ ଚାନ୍ଦବାଲି ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ଦଶମ ଉତ୍ତପ୍ତ ସହର ପାଲଟିଛି। ଚାନ୍ଦବାଲି ତଳକୁ ନୟାଗଡ଼ରେ ୩୬.୫, ଭୁବନେଶ୍ୱରରେ ତାପମାତ୍ରା ୩୬ ଡିଗ୍ରୀ ରହିଥିବା ବେଳେ ବାଲେଶ୍ୱର, କଟକ, ପୁରୀ, ବାରିପଦା, ସମ୍ବଲପୁର, ଭଦ୍ରକ, ଜଗତସିଂହପୁର ଆଦିରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି। ବର୍ତ୍ତମାନ ରାଜ୍ୟ ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ଏଥିପାଇଁ ଆକାଶ ନିର୍ମଳ ରହୁଛି। ଏହାସହିତ ବଙ୍ଗୋପସାଗରପଟୁ କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ହେତୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ମାତ୍ରା ମଧ୍ୟ ରହୁଛି। ଏହା ପ୍ରଭାବରେ ଦିନବେଳା ସୂର୍ଯ୍ୟଙ୍କ ପ୍ରଖର କିରଣ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ଦିନ ବେଳା ସୃଷ୍ଟି ହେଉଥିବା ଏହି ସ୍ଥିତି ଯୋଗୁଁ ଅପରାହ୍ଣରେ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ପାଇଁ ପାଗ ଅନୁକୂଳ ହେଉଛି। ଏହି କ୍ରମରେ ଗୁରୁବାର ବାରିପଦା, ରାୟଗଡ଼ା ଓ ପାରଳାଖେମୁଣ୍ଡି ଆଦିରେ ୧୫-୨୦ ମିମି ପର୍ଯ୍ୟନ୍ତ ବର୍ଷା ହୋଇଥିବା ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ଆସନ୍ତା ୨ ଦିନ ମଧ୍ୟରେ ସମାନ ▶ପୃଷ୍ଠା-୭




# ଟ୍ରମ୍ପଙ୍କ ଘନିଷ୍ଠ ଚାର୍ଲି କିର୍କଙ୍କୁ ହତ୍ୟା

**ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ବେକରେ ବାଜିଲା ଗୁଳି**

**୪ ଦିନ ଅର୍ଦ୍ଧନମିତ ରହିବ ଜାତୀୟ ପତାକା**

ୱାଶିଂଟନ, ୧୧।୯(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ତଥା ଦକ୍ଷିଣପନ୍ଥୀ କାର୍ଯ୍ୟକର୍ତ୍ତା ଭାବେ ଜଣାଶୁଣା ଚାର୍ଲି କିର୍କଙ୍କୁ ବୁଧବାର ହତ୍ୟା କରାଯାଇଛି। ଆମେରିକାର ପଶ୍ଚିମରେ ଥିବା ଉଟା ରାଜ୍ୟର ଓରେମସ୍ଥିତ ଓଟା ଭାଲି ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରୁଥିବା ବେଳେ ତାଙ୍କ ବେକକୁ ଗୁଳି କରାଯାଇଥିଲା। ସେ 'ଦି ଆମେରିକାନ କମ୍‌ବ୍ୟାକ ଟୁର' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏକ ଟେଣ୍ଟ ତଳେ ମାଇକ ନେଇ ସେ କିଛି କହୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଅଚାନକ ତାଙ୍କ ବେକରେ ଏକ ଗୁଳି ବାଜିଥିଲା ଓ ସେ ସଙ୍ଗେ ସଙ୍ଗେ ଟଳି ପଡ଼ିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ଟ୍ରମ୍ପ ଶୋକ ଜାହିର କରିଛନ୍ତି ଓ ୪ ଦିନ ଆମେରିକାର ପତାକା ଅର୍ଦ୍ଧନମିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ଆମେରିକାର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଛନ୍ତି। ଚାର୍ଲି ଜଣେ ସଚ୍ଚା ତଥା ମହାନ ଦେଶଭକ୍ତ ଥିଲେ ବୋଲି ଟ୍ରମ୍ପ କହିଛନ୍ତି। ଚାର୍ଲି 'ଟର୍ଣ୍ଣିଂ ପଏଣ୍ଟ ୟୁଏସ୍‌ଏ' (ଟିପିୟୁଏସ୍‌ଏ) ନାମରେ ଏକ ସଂସ୍ଥା ଚଳାଉଥିଲେ। ଏହା ମାଧ୍ୟମରେ ସେ ବିଭିନ୍ନ ସ୍କୁଲ, କଲେଜ ଯାଇ ଛାତ୍ରଛାତ୍ରୀଙ୍କୁ ରାଜନୀତି ସଂକ୍ରାନ୍ତରେ ବୁଝାଇବାକୁ ପ୍ରୟାସ କରୁଥିଲେ। କିଏ ତାଙ୍କୁ ଗୁଳି ମାରିଛି ଓ ଏହା ପଛରେ କାରଣ କ'ଣ ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇପାରିନାହିଁ। ତେବେ ଆକ୍ରମଣକାରୀକୁ ଛାତ ଉପରେ ଦେଖିବାକୁ ମିଳୁଛି।




# ଐଶ୍ୱର୍ଯ୍ୟାଙ୍କ ଫଟୋ, ଭିଡିଓ ପାଇଁ ଅନୁମତି ଦରକାର



ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଅନୁମତି ବିନା ଐଶ୍ୱର୍ଯ୍ୟାଙ୍କ କୌଣସି ଫଟୋ କିମ୍ବା ଭିଡିଓ ଓ ତାଙ୍କ ବ୍ୟକ୍ତିତ୍ୱ ସହିତ ଜଡ଼ିତ ଜିନିଷକୁ କୌଣସି ଡିଜିଟାଲ ପ୍ଲାଟଫର୍ମ ଓ ବ୍ୟବସାୟିକ ସାମଗ୍ରୀରେ ବ୍ୟବହାର କରାଯାଇପାରିବ ନାହିଁ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଏହାକୁ ଅପବ୍ୟବହାର କରାଯାଇପାରିବ ନାହିଁ ବୋଲି ଜଷ୍ଟିସ ତେଜସ କାରିଆ ନିର୍ଦ୍ଦେଶ ଦେଇଛନ୍ତି। କେତୋଟି କମ୍ପାନୀ ଓ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇ କୋର୍ଟ କହିଛନ୍ତି ଯେ, ଏପରି ଅପବ୍ୟବହାର ଆର୍ଥିକ ଭାବେ କ୍ଷତି ପହଞ୍ଚାଇବା ସହ ଜଣେ ବ୍ୟକ୍ତିଙ୍କ ସମ୍ମାନ ଓ ଗରିମାକୁ କ୍ଷୁର୍ଣ୍ଣ କରିଥାଏ। ନୋଟିସ ପାଇବା ପରେ ୭୨ ଘଣ୍ଟା ମଧ୍ୟରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୋର୍ଟ ଗୁଗଲକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟକୁ ମଧ୍ୟ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଜାନୁଆରୀ ୧୫ରେ ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ହେବ।

## ଆଜି ଶପଥ ନେବେ ନୂଆ ଉପ-ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ନବ ନିର୍ବାଚିତ ଉପ-ରାଷ୍ଟ୍ରପତି ସିପି ରାଧାକୃଷ୍ଣନ ଶୁକ୍ରବାର ଶପଥ ଗ୍ରହଣ କରିବେ। ଏଥିପାଇଁ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସକାଳ ୯ଟା୩୦ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ ବୋଲି ସୂଚନା ମିଳିଛି। ତେବେ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇନାହିଁ। ୬୭ ବର୍ଷୀୟ ରାଧାକୃଷ୍ଣନ ମଙ୍ଗଳବାର ବିରୋଧୀ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଥିଲେ। ନୂଆ ଉପ-ରାଷ୍ଟ୍ରପତି ବୁଧବାର ଶ୍ରୀ ରେଡ୍ଡୀଙ୍କୁ ଭେଟିଥିଲେ। ଶପଥ ନେବାର ଦିନକ ପୂର୍ବରୁ ଆଜି ସେ ମହାରାଷ୍ଟ୍ର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଏହାକୁ ଗ୍ରହଣ କରି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ମହାରାଷ୍ଟ୍ରର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ମହାରାଷ୍ଟ୍ରର ଦ୍ୱିତୀୟ ରାଜ୍ୟପାଳ ଭାବେ ଶ୍ରୀ ରାଧାକୃଷ୍ଣନ ଉପ-ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଛନ୍ତି।

## ମହିଳାଙ୍କୁ କୁକର୍ ସାହାଯ୍ୟରେ ହତ୍ୟାକଲେ ୪ ଜଣ

ହାଇଦରାବାଦ୍, ୧୧।୯(ଏଜେନ୍ସି): ହାଇଦାରାବାଦ୍‌ରେ ଏକୁଟିଆ ଥିବା ଜଣେ ମହିଳାଙ୍କୁ ୪ ଜଣ ଲୋକ ତାଙ୍କ ଘରେ ପଶି ଏକ କୁକର ସାହାଯ୍ୟରେ ହତ୍ୟା କରିଛନ୍ତି। ଗୁରୁବାର ଏହି ଘଟଣା ସାମ୍ନାକୁ ଆସିଛି। ହତ୍ୟା ପରେ ଲୁଟେରାମାନେ ଘରୁ ଜିନିଷ ଚୋରି କରିଥିଲେ। ପୁଣି ଏହି କାଣ୍ଡ ଘଟାଇବା ପରେ ଚୋରମାନେ ସେହି ଘରେ ଗାଧୋଇବା ସହ ନୂଆ ପୋଷାକ ପିନ୍ଧି ବାହାରି ଯାଇଥିଲେ। ଲୁଟେରାମାନେ ୪୦ ଗ୍ରାମ ସୁନା ସହ ଲକ୍ଷେ ଟଙ୍କା ସାଥିରେ ନେଇ ଯାଇଥିଲେ। ପୁଲିସର ପ୍ରାରମ୍ଭିକ ଯାଞ୍ଚ ଅନୁସାରେ ସାଇବରାବାଦ ଅଞ୍ଚଳରେ ସ୍ୱାନ ଆପାର୍ଟମେଣ୍ଟରେ ସେପ୍ଟେମ୍ବର ୧୦ରେ ଏହି ଘଟଣା ଘଟିଥିଲା। ମୃତକ ମହିଳା ହେଉଛନ୍ତି ୫୦ ବର୍ଷୀୟା ରେଣୁ ଅଗ୍ରୱାଲ। ସେ ନିଜ ସ୍ୱାମୀ ଓ ପୁଅଙ୍କ ସହ ଏହି ଆପାର୍ଟମେଣ୍ଟରେ ୧୩ତମ ମହଲାରେ ରହୁଥିଲେ। ଘଟଣା ଦିନ ରେଣୁ ଏକାଥିଲେ। ସକାଳେ ୨୬ ବର୍ଷୀୟ ପୁଅ ଓ ସ୍ୱାମୀ ଅଫିସ ଯାଇଥିଲେ। ଏହାପରେ ଦୁଇଜଣ ଚୋର ଘରେ ପଶି ଥିଲେ। ରେଣୁ କବାଟ ନ ଖୋଲିବାରୁ ପ୍ଲମ୍ବରଙ୍କୁ ଡାକି ସ୍ୱାମୀ କବାଟ ଖୋଲିଥିଲେ। ପରେ ଓ ପୁଲିସକୁ ସୂଚନା ଦେଇଥିଲେ। ଚୋରମାନେ କୁକର ସାହଯ୍ୟରେ ତାଙ୍କୁ ମାରିବା ପରେ କଇଁଚିରେ ତାଙ୍କ ଗଳା କାଟିଥିଲେ। ଦୁଇଜଣ ଚୋର ଆପାର୍ଟମେଣ୍ଟରୁ ଯାଉଥିବା ସିସିଟିଭିରେ ଦେଖାଯାଉଛି। ପ୍ରାରମ୍ଭିକ ଯାଞ୍ଚରେ ଘରେ କାମ କରୁଥିବା ଚାକରକୁ ପୁଲିସ ସନ୍ଦେହ କରୁଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇ ପଠାଇଛି।

## ୪ ରାଜ୍ୟରୁ ୫ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଓ କେନ୍ଦ୍ରୀୟ ଏଜେନ୍ସି ଏକ ଆତଙ୍କବାଦୀ ନେଟ୍‌ୱର୍କ ପର୍ଦ୍ଦାଫାସ୍ କରିବାରେ ସକ୍ଷମ ହୋଇଛି। ଏହି କ୍ରମରେ ୪ଟି ଦିଲ୍ଲୀ, ଝାଡ଼ଖଣ୍ଡ, ତେଲଙ୍ଗାନା ଓ ମଧ୍ୟପ୍ରଦେଶରେ ଏହି ୫ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଏହି ଆତଙ୍କବାଦୀଙ୍କ ନିକଟରୁ ସଲ୍‌ଫର ପାଉଡର, ସଲଫ୍ୟୁରିକ ଏସିଡ୍, ନାଇଟ୍ରିକ୍ ଏସିଡ୍, ସୋଡ଼ିୟମ ବାଇକାର୍ବୋନେଟ, ବଲ୍ ବିୟରିଙ୍ଗ, ସେଫ୍ଟି ଗ୍ଲାସ, ରେସ୍ପିରେଟୋରୀ ମାସ୍କ, ସର୍କିଟ ତାର, ମଦର ବୋର୍ଡ, ଲାପଟପ୍ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହି ଆତଙ୍କବାଦୀ ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ହାଣ୍ଡଲରମାନଙ୍କ ସମ୍ପର୍କରେ ଥିଲେ। ଏମାନେ ସାମାଜିକ ଗଣମାଧ୍ୟମ ଜରିଆରେ ଯୁବକମାନଙ୍କୁ ଭର୍ତ୍ତି କରାଉଥିଲେ। ଦାନିଶ ଏହି ଆତଙ୍କବାଦୀ ଟିମ୍‌ର ନେତୃତ୍ୱ ନେଉଥିଲା। ତାକୁ ଗଜନୀ ବୋଲି କୁହାଯାଉଥିଲା। ପୂର୍ବରୁ ୧୪ ଦିନ ତଳେ ବିହାରରେ ୩ ପାକିସ୍ତାନୀ ଆତଙ୍କବାଦୀ ଅନୁପ୍ରବେଶ କରିଥିଲେ ଓ ଏ ନେଇ ସେତେବେଳେ ଚର୍ଚ୍ଚା ହୋଇଥିଲା।

## ବିମାନରୁ ୨୦୦ ଯାତ୍ରୀଙ୍କୁ ଦିଲ୍ଲୀରେ ଓହ୍ଲାଇ ଦିଆଗଲା

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ବୁଧବାର ରାତିରେ ସିଙ୍ଗାପୁର ଯାଉଥିବା ଏୟାର ଇଣ୍ଡିଆ ବିମାନରୁ ୨୦୦ ଜଣ ଯାତ୍ରୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଓହ୍ଲାଇ ଦିଆଯାଇଥିଲା। ବିମାନର ଏୟାର କଣ୍ଡିସନିଂ ସିଷ୍ଟମ ଖରାପ ହେବା ଓ ଇଲେକଟ୍ରିକ୍ ସପ୍ଲାଇ ହୋଇପାରି ନ ଥିଲା। ଏହାସତ୍ତ୍ୱେ ଯାତ୍ରୀଙ୍କୁ ବିନା ଏସିରେ ବିମାନରେ ଦୁଇ ଘଣ୍ଟା ବସା ଯାଇଥିଲା। ଗରମ କାରଣରୁ ସେମାନେ ବ୍ୟସ୍ତ ହୋଇ ପଡ଼ିଥିଲେ। ଏହାପରେ କ୍ରୁ ମେମ୍ବରମାନେ କୌଣସି କାରଣ ନ ଦର୍ଶାଇ ଯାତ୍ରୀମାନଙ୍କୁ ଓହ୍ଲାଇଯିବାକୁ କହିଥିଲେ। ପାଖାପାଖି ୬ ଘଣ୍ଟା ବିଳମ୍ବରେ ଅର୍ଥାତ ଗୁରୁବାର ସକାଳ ୫ଟା ୩୬ରେ ଅନ୍ୟଏକ ବିମାନରେ ଯାତ୍ରୀଙ୍କୁ ସିଙ୍ଗାପୁର ପଠାଯାଇଥିଲା।

# ନେପାଳରେ ଅଚଳାବସ୍ଥା, ତୁଟୁନି ନେତା ବିବାଦ



**କିଏ ହେବେ ନେପାଳ ପ୍ରଧାନମନ୍ତ୍ରୀ; ସୁଶୀଳା ନା ଘିସିଂ?**

**ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ମତଭେଦ**

କାଠମାଣ୍ଡୁ, ୧୧।୯: ତିନି ଦିନ ଧରି ଅଶାନ୍ତ ରହିବା ପରେ ନେପାଳରେ ଆଜି ପରିସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ତେବେ ନୂଆ ପ୍ରଧାନମନ୍ତ୍ରୀ କିଏ ହେବ, ତାହାକୁ ନେଇ ଅଚଳାବସ୍ଥା ଲାଗି ରହିଛି। ଗତ ୮ ତାରିଖରେ ଆନ୍ଦୋଳନକାରୀଙ୍କ ଉଗ୍ର ବିକ୍ଷୋଭ ପରେ ୯ ତାରିଖରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ କେପି ଶର୍ମା ଓଲି। ଓଲି ସରକାରର ପତନ ପରେ ସେନା ଅସ୍ଥାୟୀ ରୂପେ ଦାୟିତ୍ୱ ସମ୍ଭାଳିଛି। ଦେଶରେ ଗଠିତ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ସରକାରର ନେତୃତ୍ୱ କିଏ ନେବ, ତାହାକୁ ନେଇ 'ଜେନ୍ ଜେଡ୍' ନାମରେ ପରିଚିତ ଆନ୍ଦୋଳନକାରୀଙ୍କ ମଧ୍ୟରେ ସହମତି ହୋଇପାରି ନାହିଁ। ସେମାନଙ୍କ ମଧ୍ୟରେ ମତଭେଦ ଭିତରେ ପ୍ରଧାନମନ୍ତ୍ରୀ ପଦ ପାଇଁ ୪ ଜଣଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି। ସେମାନେ ହେଲେ କାଠମାଣ୍ଡୁ ମେୟର ବୁଲେନ ଶାହ, ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି, ଇଞ୍ଜିନିୟର କୁଲମାନ ଘିସିଂ ଏବଂ ହାରକା ସମ୍ପଙ୍ଗ।

ଆନ୍ଦୋଳନକାରୀମାନେ ପ୍ରଥମେ ବୁଲେନ ଶାହଙ୍କ ନାମର ପ୍ରସ୍ତାବ ଦେଇଥିଲେ। ସେ କିନ୍ତୁ ରାଜି ନହେବାରୁ ଜଷ୍ଟିସ ସୁଶୀଳାଙ୍କ ନାମ ଉଠିଥିଲା। ଏହାକୁ ନେଇ ଏକ ପ୍ରକାର ସହମତି ମଧ୍ୟ ହୋଇଯାଇଥିଲା। ସୁଶୀଳା ମଧ୍ୟ ମଧ୍ୟବର୍ତ୍ତିକାଳୀନ ସରକାରର ନେତୃତ୍ୱ ନେବାଲାଗି ରାଜି ହୋଇଯାଇଥିଲେ। କେବଳ ଏତିକି ନୁହେଁ, ସେ ସେନା ସହିତ ବିଚାରବିମର୍ଶ ମଧ୍ୟ ଆରମ୍ଭ କରିଦେଇଥିଲେ। କିନ୍ତୁ ଆଜି ଆନ୍ଦୋଳନକାରୀଙ୍କ ଗୋଟିଏ ଗୋଷ୍ଠୀ ଜଷ୍ଟିସ ସୁଶୀଳାଙ୍କୁ ବିରୋଧ କରିବା ପରେ ମତଭେଦ ପଦାରେ ପଡ଼ିଥିଲା। ଏହି ଗୋଷ୍ଠୀ ପକ୍ଷରୁ କୁହାଯାଇଛି ଯେ ସୁଶୀଳାଙ୍କୁ ୭୩ ବର୍ଷ ହେଲାଣି ଏବଂ ଏ ବୟସରେ ସରକାରର ନେତୃତ୍ୱ ନେବା ତାଙ୍କ ପାଇଁ ଠିକ୍ ହେବନାହିଁ। ତାଙ୍କୁ ପ୍ରଧାନମନ୍ତ୍ରୀ କରିବା ରାସ୍ତାରେ ଅନ୍ତରାୟ ହୋଇଛି କେତେକ ସାମ୍ବିଧାନିକ ବ୍ୟବସ୍ଥା। ଜଣେ ପୂର୍ବତନ ବିଚାରପତି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ସମ୍ବିଧାନରେ ବ୍ୟବସ୍ଥା ରହିଛି। ଗତକାଲି ପର୍ଯ୍ୟନ୍ତ ସୁଶୀଳାଙ୍କୁ ପ୍ରଧାନମନ୍ତ୍ରୀ ପଦ ଲାଗି ଦୃଢ଼ ଦାବିଦାର ବିବେଚନା କରାଯାଉଥିଲା। ତାଙ୍କ ସ୍ଥାନରେ ଏବେ ଯେଉଁ ନେତାଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ଲାଗି ଶୁଣାଯାଉଛି ସେ ହେଲେ ବିଦ୍ୟୁତ ଇଞ୍ଜିନିୟର କୁଲମାନ ସିଂହ। ନେପାଳର ବିଦ୍ୟୁତ ସଙ୍କଟ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୫୫ ବର୍ଷୀୟ ଘିସିଂ ନେପାଳ ବିଦ୍ୟୁତ ବୋର୍ଡର ମହାନିର୍ଦ୍ଦେଶକ ଅଛନ୍ତି। ତାଙ୍କୁ ନେଇ ସହମତି ହେଉଥିବାର ଖବର ମିଳିଛି। ଆନ୍ଦୋଳନକାରୀମାନେ କୌଣସି ରାଜନୈତିକ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ପଦରେ ବସାଇବାକୁ ଚାହୁଁ ନାହାନ୍ତି। ସେନା ସହିତ ସେମାନଙ୍କର ଏସଂପର୍କରେ ବିଚାର ଆଲୋଚନା ଚାଲିଛି।

ଇତିମଧ୍ୟରେ ନେପାଳ ଆଜି ଶାନ୍ତ ରହିଛି। ସେନାର ଯବାନମାନେ ରାଜଧାନୀ କାଠମାଣ୍ଡୁ ଏବଂ ଅନ୍ୟ ଅଞ୍ଚଳରେ ପାଟ୍ରୋଲିଂ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ ତିନି ଧରି ଚାଲିଥିବା ହିଂସାରେ ୩୧ ଜଣ ପ୍ରାଣ ହରାଇଥିବା ବେଳେ ୨ ହଜାରରୁ ଅଧିକ ଆହତ ହୋଇଥିଲେ। ୧୫ ହଜାରରୁ ଅଧିକ କଏଦୀ ବିଭିନ୍ନ ଜେଲରୁ ଫେରାର ହୋଇଯାଇଛନ୍ତି।

# ୟୁକ୍ରେନରେ ଫସିଛନ୍ତି ଭାରତୀୟ ଯୁବକ



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନି। କିନ୍ତୁ ଏହି ଯୁଦ୍ଧ ଭାରତୀୟଙ୍କ ଲାଗି ବିପଦ ପାଲଟି ଯାଇଛି। ପ୍ରଥମେ ରୁଷ ସେନାରେ ଭାରତୀୟଙ୍କୁ ଜୋର ଜବରଦସ୍ତି ସାମିଲ କରାଯାଉଥିବା ଖବର ସାମ୍ନାକୁ ଆସିଥିଲା। କିନ୍ତୁ ଏବେ ୟୁକ୍ରେନରୁ ଏଭଳି ଖବର ଆସିଛି। ହରିୟାଣା ଏବଂ ପଞ୍ଜାବର ଅନେକ ଯୁବକ ୟୁକ୍ରେନ ଫସି ରହିଛନ୍ତି। ସେମାନଙ୍କୁ ଜୋର ଜବରଦସ୍ତି ଧମକ ଦେଇ ୟୁକ୍ରେନ ସେନାରେ ସାମିଲ କରାଯାଇଛି। ରୁଷ୍ ବିରୋଧରେ ଲଢ଼ିବାକୁ ବାଧ୍ୟ କରାଯାଉଛି। ଏମାନଙ୍କ ମଧ୍ୟରେ ହରିୟାଣା ଫତେହାବାଦର ୨ ଯୁବକ ସାମିଲ ଅଛନ୍ତି। ଉଭୟେ ନିଜ ସମ୍ପର୍କୀୟଙ୍କୁ ଭିଡିଓ ପଠାଇ ସହାୟତା ପାଇଁ ନିବେଦନ କରିଛନ୍ତି। ଭିଡିଓରେ କୁହାଯାଇଛି ଯେ ଆମ ହାତରେ ୨-୩ ଦିନ ସମୟ ରହିଛି। ପରେ ଯୁଦ୍ଧ କ୍ଷେତ୍ରକୁ ନେଇଯିବେ। ଏଠାରୁ ଯିଏ ଯୁଦ୍ଧ କ୍ଷେତ୍ରକୁ ଯାଉଛି ସେ ଆଉ ଫେରୁନାହିଁ। ପୂର୍ବରୁ ୧୩-୧୪ ଜଣ ସହଯୋଗୀ ଯାଉଥିଲେ। କିନ୍ତୁ ସେମାନେ ଆଉ ଫେରି ନ ଥିଲେ। ସମସ୍ତେ ପ୍ରାଣ ହରାଇ ଥିଲେ। ଫତେହାବାଦର ଅଙ୍କିତ ଜାଙ୍ଗଡ଼ା ଏବଂ ବିଜୟ ପୁନିଆ କହିଛନ୍ତି ଯେ ରୁଷ୍ ସେନାରେ ଚାକିରି ପାଇବାର ଲୋଭରେ ଆସି ୟୁକ୍ରେନରେ ଫସି ଯାଇଛନ୍ତି।

୧୫ ଜଣଙ୍କ ମଧ୍ୟରେ ଉତ୍ତର ପ୍ରଦେଶ, ପଞ୍ଜାବ, ଜମ୍ମୁ-କଶ୍ମୀରର ଯୁବକ ମଧ୍ୟ ଫସି ରହିଛନ୍ତି। ସମସ୍ତଙ୍କୁ ରୁଷ୍ ବିରୋଧରେ ଯୁଦ୍ଧକୁ ପଠାଇବା ପାଇଁ ବାଧ୍ୟ କରାଯାଉଛି। ମଙ୍ଗଳବାର ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କୁ ମଧ୍ୟ ଭେଟିଛନ୍ତି। ସେ ବିଦେଶ ମନ୍ତ୍ରାଳୟ ପାଖକୁ ମାମଲା ପଠାଇବା ପାଇଁ କହିଛନ୍ତି। ସରକାର ସମ୍ପୂର୍ଣ୍ଣ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍କିତ ପଠାଇଥିବା ଭିଡିଓରେ ଦେଖାଯାଉଛି ଯେ ସେ ସେନା ପୋଷାକ ପିନ୍ଧିଛନ୍ତି। ତାଙ୍କ ପାଖରେ ଅନେକ ଯୁବକ ଜଙ୍ଗଲ ପାଖରେ ବସିଛନ୍ତି। ଏହା କୌଣସି ପ୍ରଶିକ୍ଷଣ ସ୍ଥଳ ମଧ୍ୟ ହୋଇପାରେ। ଏଠାରେ ଜଣେ ଶିଖ୍ ଯୁବକ ଥିବା ମଧ୍ୟ ଦେଖିବାକୁ ମିଳୁଛି। ସମସ୍ତଙ୍କ ମୁହଁରେ ଭୟ ଏବଂ ନିରାଶ ଦେଖିବାକୁ ମିଳୁଛି। ଅଙ୍କିତ କହୁଛନ୍ତି ଯେ ତାଙ୍କ ସହ ଜୋର ଜବରଦସ୍ତି କରାଯାଇପାରେ। ଏହା ଶେଷ ଭିଡିଓ ମଧ୍ୟ ହୋଇପାରେ। ସେ ୯ ସହଯୋଗୀଙ୍କ ସହ ପ୍ରଶିକ୍ଷଣ ନେବାକୁ ଯାଉଛନ୍ତି। ତାଙ୍କ ସହ ୨୫ ଜଣ ଆସିଥିଲେ। ସ୍ୱାକ୍ଷର ନେଇ ତାଙ୍କୁ ପ୍ରଶିକ୍ଷଣ ପାଇଁ ପଠେଇ ଦେଲେ। ସେନା ଗାଡ଼ି ଆସି ତାଙ୍କୁ ପ୍ରଶିକ୍ଷଣ କେନ୍ଦ୍ରକୁ ନେଇଯାଇଛି।

## ରୁଷ ସେନାରେ ଭାରତୀୟଙ୍କୁ ସାମିଲ କରା ନଯାଉ: ଭାରତ

ନୂଆଦିଲ୍ଲୀ, ୧୧।୯(ଏଜେନ୍ସି): ୨୦୨୨ ଫେବୃଆରୀରୁ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଚାଲୁ ରହିଥିବା ବେଳେ ରୁଷ ସୈନ୍ୟବାହିନୀରେ ଭାରତୀୟଙ୍କୁ ସାମିଲ କରାଯିବା ନେଇ ଭାରତ ସରକାର ଏବେ ଆପତ୍ତି ଉଠାଇଛନ୍ତି। ରୁଷିଆ ତା'ର ସେନାରେ ଭାରତୀୟଙ୍କୁ ସାମିଲ ବନ୍ଦ କରୁ ବୋଲି ଭାରତ କହିଛି। ଏଥିସହ ପୂର୍ବରୁ ସେନାରେ ସାମିଲ ହୋଇଥିବା ଭାରତୀୟଙ୍କୁ ମଧ୍ୟ ଛାଡିବାକୁ ରୁଷ୍‌କୁ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ରୁଷ ସେନାରେ ଭର୍ତ୍ତି ହେବା ପାଇଁ ଦିଆଯାଉଥିବା ପ୍ରସ୍ତାବକୁ ଭାରତୀୟ ଗ୍ରହଣ ନ କରନ୍ତୁ । ଏହା ଅତ୍ୟନ୍ତ ବିପଜ୍ଜନକ।

ରୁଷ୍ ସେନାରେ ଭାରତୀୟଙ୍କୁ ସାମିଲ କରାଯିବାର ଖବର ମିଳିବା ପରେ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସତର୍କ ରହିବା ପାଇଁ ସ୍ପଷ୍ଟ କରାଯାଇଛି। ଏହି ଯୁଦ୍ଧରେ ରୁଷ୍ ଅନ୍ୟଦେଶର ନାଗରିକଙ୍କୁ ନିଜ ସେନାରେ ସାମିଲ କରିବା ନେଇ ଅଭିଯୋଗ ହୋଇଥିଲା। ରୁଷ୍ ସେନାରେ କେତେଜଣ ଭାରତୀୟଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଚାକିରି ସନ୍ଧାନରେ ରୁଷ ଯାଇଥିବା ଭାରତୀୟମାନେ ସେଠାରେ ଫସି ଯାଇଥିଲେ। ପୂର୍ବରୁ ଏ ସଂକ୍ରାନ୍ତରେ ଏକାଧିକବାର ଚେତାବନୀ ଦେଇଥିଲୁ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ହରିୟାଣାର ଫତେହାବାଦ୍‌ର କେତେକ ଯୁବକ ୟୁକ୍ରେନ ସେନାରେ ସାମିଲ ହୋଇଥିଲେ। କିନ୍ତୁ ଗତ ସୋମବାର ଏହି ଯୁବକମାନେ ଭିଡିଓ ସେୟାର କରି ସେମାନଙ୍କ ପରିବାରକୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏ ଯୁବକଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ନାଏବ ସିଂ ସୈନିଙ୍କୁ ସାକ୍ଷାତ କରିଥିଲେ।

## ପ୍ରେସିଡେନସିଆଲ ରେଫେରେନ୍ସ ମାମଲାର ଶୁଣାଣି ଶେଷ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାଗିଥିବା ପରାମର୍ଶ ଉପରେ ସୁପ୍ରିମକୋର୍ଟରେ ଗୁରୁବାର ଶୁଣାଣି ଶେଷ ହୋଇଛି। ୧୦ ଦିନ ପର୍ଯ୍ୟନ୍ତ ଉଭୟ ପକ୍ଷର ଯୁକ୍ତିତର୍କ ଶୁଣିବା ପରେ ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଛନ୍ତି। ଶେଷ ଦିନରେ ଆଜି କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ



**ରାଷ୍ଟ୍ରପତି-ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିବା ଭୁଲ୍: କେନ୍ଦ୍ର**


ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିବା ଭୁଲ୍। ଏପ୍ରିଲ ୮ରେ ସମୟସୀମା ଧାର୍ଯ୍ୟ ନେଇ ଦୁଇ ଜଣିଆ ଖଣ୍ଡପୀଠ ଦେଇଥିବା ରାୟ ଭୁଲ୍ ଥିଲା ବୋଲି କୋର୍ଟ ସ୍ପଷ୍ଟ କରିବା ଉଚିତ। ଯଦି ସେହି ନିଷ୍ପତ୍ତିକୁ ସଠିକ୍ ଧରାଯିବ ତେବେ ଭବିଷ୍ୟତରେ କୋର୍ଟରେ ଅନେକ ମାମଲା ଦାଖଲ କରାଯିବ। ନ୍ୟାୟପାଳିକା ଉପରେ ବୋଝ ପଡ଼ିବ। ପୁରୁଣା ନିଷ୍ପତ୍ତି ଭୁଲ୍ ଥିଲା ବୋଲି ସୁପ୍ରିମକୋର୍ଟ ରାୟ ଦେଇପାରିବେ। ଏହା ଦ୍ୱାରା ନିଷ୍ପତ୍ତି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ତେବେ ବରିଷ୍ଠ ଓକିଲ କପିଲ ସିବଲ ଏହି ଯୁକ୍ତିକୁ ବିରୋଧ କରିଥିଲେ। ରାଷ୍ଟ୍ରପତି ଏ ବିଷୟରେ କୌଣସି ପ୍ରଶ୍ନ ପଚାରି ନାହାନ୍ତି ବୋଲି କହିଥିଲେ। ତେଣୁ ସୁପ୍ରିମକୋର୍ଟ ମାମଲାରେ ପୁନର୍ବିଚାର କରିବା ଉଚିତ। ଏହି ଖଣ୍ଡପୀଠରେ ସିଜେଆଇଙ୍କ ବ୍ୟତୀତ ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିଂହ, ଏବଂ ଏଏସ ଚନ୍ଦ୍ରଚୂଡ଼କର ସାମିଲ ଥିଲେ। ରାଷ୍ଟ୍ରପତିଙ୍କ ୧୪ ପ୍ରଶ୍ନ ଉପରେ ଅଗଷ୍ଟ ୧୯ରୁ ଶୁଣାଣି ଆରମ୍ଭ ହୋଇଥିଲା।

## ମଥୁରା-ବୃନ୍ଦାବନର ଅଧା ଅଞ୍ଚଳ ଜଳମଗ୍ନ

**ହରିୟାଣାର ଘାଗର ଡ୍ରେନ୍‌ରେ ଘାଇ**

**୩୦୦ ଏକର ଫସଲ ନଷ୍ଟ**

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଉତ୍ତର ଭାରତରେ ବର୍ଷା ଓ ବନ୍ୟା ଯୋଗୁଁ ଏବେ ବି ସ୍ଥିତି ସଙ୍ଗୀନ ରହିଛି। ହରିୟାଣର ସିର୍ସାରେ ହିସାର ମଲ୍ଟିପର୍ପଜ ଘାଗର ଡ୍ରେନ୍ ଭାଙ୍ଗିବା କାରଣରୁ ୩୦୦ ଏକର ଜମିର ଫସଲ ନଷ୍ଟ ହୋଇଯାଉଛି। ଡ୍ରେନ୍‌ରେ ୫୦ ଫୁଟ ଓସାରର ଘାଇ ହୋଇଛି। ହରିୟାଣାର ୬ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ଗଙ୍ଗା, ଯମୁନା ସମେତ ଅନ୍ୟ ନଦୀଗୁଡିକରେ ପାଣି ତଥା ଜଳସ୍ତର ବୃଦ୍ଧି ପାଇଛି। ହାଥିନୀ କୁଣ୍ଡ ବ୍ୟାରେଜରେ ପାଣି ଛଡ଼ାଯିବା ଯୋଗୁଁ ମଥୁରା ଓ ବୃନ୍ଦାବନରେ ବନ୍ୟା ଆସିଛି ଓ ୫୦ ପ୍ରତିଶତ ଅଞ୍ଚଳ ଜଳମଗ୍ନ ହୋଇଛି। ସେହିପରି ରାଧାବଲ୍ଲଭ ମନ୍ଦିରରେ ମଧ୍ୟ ପାଣି ପଶିଯାଇଛି। ଛତିଶଗଡ଼ ରାଜଧାନୀ ରାୟପୁରରେ ବଜ୍ରପାତ ଯୋଗୁଁ ବିମାନବନ୍ଦରର ନାଭିଗେସନ ସିଷ୍ଟମ ଖରାପ ହୋଇଯାଇଛି। ଫଳରେ ୫ଟି ବିମାନର ଗତିପଥ ବଦଳାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗାମୀ ୪-୫ ଦିନ ପର୍ଯ୍ୟନ୍ତ ପ୍ରଭାବ ପକାଇବ। ଏହାର ପ୍ରଭାବ କେବଳ ଦେଶର ଉପକୂଳ ଓ କେନ୍ଦ୍ର ଅଞ୍ଚଳରେ ରହିବ। ଫଳରେ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ ସମେତ ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଶୁକ୍ରବାର ପ୍ରବଳ ବର୍ଷା ହେବ ବୋଲି ଆଶଙ୍କା କରାଯାଉଛି। ସେହିପରି ଗୁଜରାଟ ବନାସକାଣ୍ଠାରେ ୧୬ ଇଞ୍ଚର ବର୍ଷା କାରଣରୁ ୧୨ରୁ ଅଧିକ ଗାଁ ଜଳମଗ୍ନ ହୋଇଯାଇଛି। କର୍ଣ୍ଣାଟକ କଲବୁର୍ଗିରେ କ୍ରମାଗତ ବର୍ଷା କାରଣରୁ ସଡକରେ ପାଣି ବହିଛି। ହରିୟାଣାରେ ଏକ ଚଳନ୍ତା ସ୍କୁଲ ବସ୍ ସଡ଼କ ଉପରେ ହିଁ ଧସି ପଡ଼ିଛି।



## ରାଜନୈତିକ ଭାବେ ମୋତେ ଟାର୍ଗେଟ ପାଇଁ ଟଙ୍କା ଖର୍ଚ୍ଚ କରାଯାଉଛି: ଗଡକରୀ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ମୋତେ ରାଜନୈତିକ ଭାବେ ନିଶାଣ କରାଯାଉଛି। ଅର୍ଥ ଦେଇ ସାମାଜିକ ଗଣମାଧ୍ୟମରେ ମୋ ବିରୋଧରେ ପ୍ରଚାରପ୍ରସାର କରାଯାଉଛି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଏହି ଅଭିଯୋଗ ଲଗାଇଛନ୍ତି। 'ସୋସାଇଟି ଅଫ୍ ଅଟୋମୋବାଇଲ ମାନ୍ୟୁଫ୍ୟାକ୍ଚର'ର ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରି ଇଥାନଲ ବେଣ୍ଡିଂକୁ ନେଇ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ଗଡ଼କରୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଅଟମୋବାଇଲ ରିସର୍ଚ୍ଚ ଆସୋସିଏସନ ଅଫ୍ ଇଣ୍ଡିଆ (ଏଆରଏଆଇ) ଭଳି ଅଟୋମୋବାଇଲ ଉତ୍ପାଦକ ସଂଗଠନ ପେଟ୍ରୋଲରେ ଇଥାନଲ ମିଶାଇବାକୁ ନେଇ ରିପୋର୍ଟ ଦେଇଥିଲେ। ଯେଉଁ ଭଳି ଭାବେ ଏହି ଉଦ୍ୟୋଗ କାମ କରୁଛି ସେହିଭଳି ଭାବେ ରାଜନୀତି ମଧ୍ୟ ହେଉଛି। ଟଙ୍କା ଦେଇ ମୋ ବିରୋଧରେ ଅଭିଯାନ ଚଲାଯାଉଛି। ଏହା କେବଳ ରାଜନୈତିକ ନିଶାଣ କରିବା ଲାଗି ଉଦ୍ଦିଷ୍ଟ। ଇଥାନଲ୍ ମିଶ୍ରଣକୁ ନେଇ ସବୁ କିଛି ସ୍ପଷ୍ଟ ରହିଛି। ଏହା ଆମଦାନୀର ବିକଳ୍ପ, କମ୍ ଖର୍ଚ୍ଚ, ପ୍ରଦୂଷଣମୁକ୍ତ ଏବଂ ସ୍ୱଦେଶୀ । ଇ୨୦ ପେଟ୍ରୋଲ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ସରକାର କହୁଥିବାବେଳେ ଗାଡ଼ି ମାଲିକ ମାଇଲେଜ ହ୍ରାସ ପାଉଥିବା ଦାବି କରୁଛନ୍ତି। ଏ ନେଇ ବୃଥା ଯୁକ୍ତି କରାଯାଉଛି।

ଗଡକରୀ କହିଛନ୍ତି ଯେ ଜୀବାଶ୍ମ ଇନ୍ଧନ ଆମଦାନୀ ପାଇଁ ଭାରତ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରୁଛି। ଜୀବାଶ୍ମ ଇନ୍ଧନ ତଥା ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା ଏବଂ ସଞ୍ଚିତ ଟଙ୍କାକୁ ଭାରତୀୟ ଅର୍ଥନୀତିରେ ଲଗାଇବା କ'ଣ ଆର୍ଥିକ ଦୃଷ୍ଟିରୁ ଏକ ଭଲ ପଦକ୍ଷେପ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଆମେ ମକାରୁ ଇଥାନଲ୍ ପାଇଲୁ। ଏଥିଯୋଗୁଁ ଚାଷୀମାନେ ୪୫ ହଜାର କୋଟି ଟଙ୍କା ଲାଭ କରିଛନ୍ତି। ସେହିପରି ପ୍ରଦୂଷଣ ହ୍ରାସ କରିବାକୁ ନେଇ ବିଶ୍ୱ ଏକମତ ରହିଛି। ଯଦି ଏହି ସ୍ତରର ପ୍ରଦୂଷଣ ଜାରି ରହେ ତେବେ ଦିଲ୍ଲୀ ବାସିନ୍ଦା ୧୦ ବର୍ଷ ଆୟୁଷ ହରାଇବେ।

# ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୧୧।୯ (ସମିସ): ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରବାର ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜଳସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନ ସ୍ଥଳଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



- ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି
- ସମ୍ବଲପୁରର ମାଣ୍ଡାଲିଆରୁ ଚୌନପୁର ପର୍ଯ୍ୟନ୍ତ ମହାନଦୀ ତଟ ବିକାଶ ପାଇଁ ୧୬୦ କୋଟି,
- ଭୁବନେଶ୍ୱର ପାଣ୍ଡରା ନିକଟ କୂଆଖାଇ ଓ କୁଶଭଦ୍ରା ତଟ ବିକାଶ ପାଇଁ ୮୦ କୋଟି

ଏହି ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି, ସମ୍ବଲପୁରର ମନ୍ଦଲିଆରୁ ଚାଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଙ୍ଗ୍ ପାର୍କ, ସେଲଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତୀକରଣ, ସ୍ନାନଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସଫିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ।

ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଂରୋଡ୍ ସହ ଦୃଶ୍ୟ ପଏଣ୍ଟ ବିକାଶ, ଭାସମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

ସୂଚନାଯୋଗ୍ୟ, ନଦୀକୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ। ସେହିପରି ଯୋଜନା ଅଧୀନରେ ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡ଼ା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତ୍ତନ କରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି।

## ବିଡିଓଙ୍କ ବିଲ୍ ପାସ୍ କ୍ଷମତା ବୃଦ୍ଧିକୁ ବିଜେଡିର ଦୃଢ଼ ବିରୋଧ

# 'ପଞ୍ଚାୟତ ସମିତି କ୍ଷମତା ସଙ୍କୁଚିତ ନିଷ୍ପତ୍ତି ଅଗଣତାନ୍ତ୍ରିକ'

ଭୁବନେଶ୍ୱର, ୧୧।୯ (ସମିସ): ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ବିଡିଓମାନଙ୍କ ଆର୍ଥିକ ମଞ୍ଜୁରି କ୍ଷମତା ବୃଦ୍ଧି କରାଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ କରିବା କ୍ଷେତ୍ରରେ ବିଡିଓମାନଙ୍କ କ୍ଷମତା କୌଣସି ପ୍ରତି ସ୍ୱାକ୍ଷର ବିନା ପୂର୍ବରୁ ୨ ଲକ୍ଷ ଥିବା ବେଳେ ଏହାକୁ ୧୦ ଲକ୍ଷକୁ ବୃଦ୍ଧି କରାଯାଇଛି। ସରକାରଙ୍କ ଏପରି ନିଷ୍ପତ୍ତିକୁ ବିଜେଡି ଦୃଢ଼ ସମାଲୋଚନା କରିଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ସଦୃଶ୍ୟ। ନବୀନ ସରକାରଙ୍କ ସମୟରେ ପଞ୍ଚାୟତ ସମିତିକୁ ପ୍ରଭୂତ କ୍ଷମତା ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନର ବିଜେପି ସରକାର ତାହାକୁ ପ୍ରତ୍ୟାହାର କରିବା ପାଇଁ ଅପଚେଷ୍ଟା କରୁଛି। ତେଣୁ, ଏହା ବିରୋଧରେ ଆନ୍ଦୋଳନ କରିବ ବୋଲି ଦଳ ଚେତାବନୀ ଦେଇଛି।

ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ, ଉପସଭାପତି ତଥା ରାଜ୍ୟ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଏହି ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି କହିଛନ୍ତି।

ଡ. ସାହୁ କହିଥିଲେ ଯେ ପୂର୍ବରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ପରିମାଣର ବିଲ୍ ଆସିଲେ, ସେଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତି ସ୍ୱାକ୍ଷର ଆବଶ୍ୟକ ଥିଲା। ପରିବର୍ତ୍ତିତ ନିୟମ ଅନୁଯାୟୀ ବିଲ୍ ମୂଲ୍ୟ ୧୦ ଲକ୍ଷ ପର୍ଯ୍ୟନ୍ତ ଥିଲେ କେବଳ ବିଡିଓଙ୍କ ସ୍ୱାକ୍ଷର ପର୍ଯ୍ୟାପ୍ତ ହେବ। ପଞ୍ଚାୟତ ସମିତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକର ବିଲ୍ ମୂଲ୍ୟ ପ୍ରାୟତଃ ୧୦ ଲକ୍ଷରୁ ତଳେ ରହିଥାଏ। କାଁ ଭାଁ ଗୋଟେ ଅଧେ



ବିଲ୍ ୧୦ ଲକ୍ଷରୁ ଅଧିକ ମୂଲ୍ୟର ଥାଏ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ। ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତ ସମିତିରେ ନିର୍ବାଚିତ ପ୍ରତିନିଧି ମାଧ୍ୟମରେ କାର୍ଯ୍ୟ ହେଉଥିବାରୁ ଏହି ନିଷ୍ପତ୍ତି ସମ୍ବିଧାନ ବିରୋଧୀ ବୋଲି ସେ କହିଛନ୍ତି।

ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ରାଜ୍ୟର ଅଧିକାଂଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ଦଖଲରେ ଥିବାରୁ ସେମାନଙ୍କ କ୍ଷମତା ସଂକୁଚିତ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷେ ଏହା କେବଳ ବାବୁରାଜକୁ ପ୍ରୋତ୍ସାହନ ଯୋଗାଉଛି।

ବିରୋଧୀ ଦଳରେ ଥିବା ବେଳେ ବାବୁରାଜ ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଥିବା ବିଜେପି କ୍ଷମତାକୁ ଆସିବା ପରେ ବାବୁରାଜକୁ ପ୍ରୋତ୍ସାହନ ଦେଉଥିବା ଏହି ନିଷ୍ପତ୍ତିରୁ ସ୍ପଷ୍ଟ ହେଉଛି। ଏହା ପୂର୍ବରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପଞ୍ଚାୟତରୁ ଆସୁଥିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରିବାକୁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା। ଏହାଛଡ଼ା ବିଧାୟକମାନେ ମଧ୍ୟ ଏହି ଯୋଜନାର ୪୦ ପ୍ରତିଶତ ପ୍ରସ୍ତାବ ଦେଇପାରିବେ ବୋଲି ସରକାର ନିୟମ କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ରାଜ୍ୟ ବିଜେପି ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କଠାରୁ କ୍ଷମତା କାଢ଼ିନେଇ ନିଜେ ଉପଭୋଗ କରିବାକୁ ଉଦ୍ୟମ କରୁଛନ୍ତି। ଏହି ନିଷ୍ପତ୍ତି ବିରୋଧରେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ।

ବରିଷ୍ଠ ନେତା ପ୍ରତାପ ଜେନା କହିଥିଲେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ। ରାଜ୍ୟ ସରକାର ନିଜ କ୍ଷମତାର ଅପବ୍ୟବହାର କରି ଏପରି ନିଷ୍ପତ୍ତି ନେଇଛନ୍ତି। ବିଡିଓମାନଙ୍କୁ ହାତବାରିସି କରି ଓ ତାଙ୍କ ଉପରେ ଚାପ ପକାଇ ପଞ୍ଚାୟତରେ ହେଉଥିବା କାର୍ଯ୍ୟଗୁଡ଼ିକରୁ ବିଜେପି ନେତାମାନେ କିପରି ପିସି ଆଦାୟ କରିପାରିବେ, ସେଥିପାଇଁ ରାଜ୍ୟ ସରକାର ଏହି ବ୍ୟବସ୍ଥା କରିଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରାନଗଲେ ରାଜ୍ୟର ସମସ୍ତ ବ୍ଲକ୍‌ର ଅଧ୍ୟକ୍ଷ, ପଞ୍ଚାୟତ ସମିତି ସଦସ୍ୟ ଓ ସରପଞ୍ଚମାନଙ୍କୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

- ବିଡିଓଙ୍କ କ୍ଷମତା ବୃଦ୍ଧି ମାଧ୍ୟମରେ ବାବୁରାଜକୁ ପ୍ରୋତ୍ସାହନ
- ବିଡିଓଙ୍କୁ ଚାପରେ ରଖି ବିଜେପି ନେତାଙ୍କ ପାଇଁ ପିସି ସଂଗ୍ରହ ଲକ୍ଷ୍ୟ

# ବଜ୍ରପାତରେ ଜଣେ ମୃତ

ନୂଆପଡ଼ା/ବୋଡେନ,୧୧।୯(ସମିସ): ନୂଆପଡ଼ା ଜିଲ୍ଲା ବୋଡେନ୍ ଥାନା ଡୁର୍କାମୁଣ୍ଡା ଗାଁରେ ଆଜି ବଜ୍ରପାତରେ ଜଣଙ୍କ ଜୀବନ ଯାଇଛି। ମୃତକ ହେଲେ, ଗାଁର ପର୍ଶୁରାମ ସତନାମି (୩୦)। ସେହିପରି ଏହି ଅଘଟଣରେ ଗାଁର ଲଭ ସତନାମି (୪୫) ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ, ଆଜି ଉଭୟ ଚାଷ ଜମିକୁ ଯାଇଥିଲେ। ଏହି ସମୟରେ ହଠାତ ମେଘ ହେବା ସହ ବଜ୍ରପାତ ହେବାରୁ ସେମାନେ ଚାଷ ଜମି ପାଖରେ ଥିବା ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ସେମାନଙ୍କ ଉପରେ ଏକ ବଜ୍ରପାତ ହେବାରୁ ଦୁହେଁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଡ଼ିଆଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ପର୍ଶୁରାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲଭଙ୍କୁ ଗୁରୁତର ଅବସ୍ଥାରେ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଛତିଶଗଡ଼ରେ ଏନ୍‌କାଉଣ୍ଟର; ୧୦ ମାଓବାଦୀ ନିହତ

ନୂଆପଡ଼ା/ମାଲକାନଗିରି, ୧୧।୯ (ସମିସ): ମାଓବାଦୀ ବିରୋଧୀ ଅଭିଯାନରେ ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ଛତିଶଗଡ଼ ଗରିଆବନ୍ଦ ଜିଲ୍ଲା ମୈନପୁରୀ ଜଙ୍ଗଲରେ ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ଏହି ସଂଘର୍ଷରେ ୧୦ ମାଓବାଦୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଏକ କୋଟି ଟଙ୍କା ପୁରସ୍କାର ଥିବା ଦୁର୍ଦ୍ଦାନ୍ତ ନକ୍ସଲି ମୋଡେମ ବାଲକୃଷ୍ଣ ସାମିଲ ରହିଛି। ସେହିପରି ୨ ଯବାନ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ ବି ଉକ୍ତ ଅଞ୍ଚଳରେ ଏସ୍‌ପି ନିଖିଲ ରାଖେଚ ଏହି ସୂଚନା ଦେଇଛନ୍ତି। ଏହି ଏନ୍‌କାଉଣ୍ଟରରେ ସ୍ପେସିଆଲ ଟାର୍କ ଫୋର୍ସ (ଏସ୍‌ଟିଏଫ), ସିଆରପିଏଫର କୋବ୍ରା କମାଣ୍ଡୋ ଏବଂ ରାଜ୍ୟ ପୁଲିସ ବାହିନୀର ଅନେକ ଏଜେନ୍ସି ସାମିଲ ହୋଇଛନ୍ତି।

- ବାଲକୃଷ୍ଣ ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର
- ନାରାୟଣପୁରରେ ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

ରାୟପୁର ରେଞ୍ଜର ଆଇଜି ଅମରେଶ ମିଶ୍ରା କହିଛନ୍ତି ଯେ ମୈନପୁରୀ ଜଙ୍ଗଲରେ ମାଓବାଦୀ ବିରୋଧୀ ଅଭିଯାନ ଚାଲିଥିଲା। ଏହି ସମୟରେ ସୁରକ୍ଷାବାହିନୀ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଦେଖୁ ଦେଖୁ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇ ଯାଇଥିଲା। ଜଙ୍ଗଲରେ ମାଓବାଦୀଙ୍କ ମୃତଦେହ ପଡ଼ି ରହିଛି। ଆଇଇଡି ଲଗା ଯାଇଥିବା ଆଶଙ୍କା କରାଯାଉଛି। ସେଥିପାଇଁ ରାତିରେ ତଲାସୀ ଅଭିଯାନ ଆରମ୍ଭ କରାଯାଇନାହିଁ।

ଅନ୍ୟପକ୍ଷରେ ନାରାୟଣପୁର ଜିଲ୍ଲାରେ ୧୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ବୁଧବାର ସନ୍ଧ୍ୟାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଅସ୍ତ୍ର ଛାଡ଼ିଥିଲେ। ନାରାୟଣପୁର ଏସ୍‌ପି କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ବ୍ୟକ୍ତି ମାଓବାଦୀଙ୍କ ଚିନ୍ତାଧାରକୁ ନେଇ ବିଚଳିତ ଥିଲେ। ନିରୀହ ଆଦିବାସୀଙ୍କ ଉପରେ ସେମାନଙ୍କ ଦ୍ୱାରା କରାଯାଇଥିବା ଅତ୍ୟାଚାର ଏବଂ ନିଷିଦ୍ଧ ସଂଗଠନରେ ବଢୁଥିବା ଆଭ୍ୟନ୍ତରୀଣ ମତଭେଦକୁ ନେଇ ବୀତସ୍ପୃହ ହୋଇ ଯାଇଥିଲେ। ସମସ୍ତ ୧୬ ଜଣ ମାଓବାଦୀ ଜନତା ସରକାର, ଚେତନା ନାଟ୍ୟ ମଣ୍ଡଳି ଏବଂ ମାଓବାଦୀଙ୍କ ପଞ୍ଚାୟତ ମିଲିସିଆ ସଦସ୍ୟ ସମେତ ବିଭିନ୍ନ ୟୁନିଟର ନିମ୍ନ ସ୍ତରର କ୍ୟାଡର ଥିଲେ। ନିମ୍ନସ୍ତରରେ କାର୍ଯ୍ୟ କରୁଥିଲେ ମଧ୍ୟ ବିଭିନ୍ନ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ।

# ଗଣେଶ ବିସର୍ଜନରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

କେସିଙ୍ଗା, ୧୧।୯(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସାନପଡ଼ା ଗଣେଶ ପୂଜା କମିଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ଭସାଣି ଉତ୍ସବ ହେଉଥିଲା। ମେଢ଼ ସ୍ଥାନୀୟ ବୁଢ଼ାଡଙ୍ଗର ଛକ ନିକଟରେ ପହଞ୍ଚିଥିବା ବେଳେ କୌଣସି କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହା ଦେଖି ସେଠାରେ ଉପସ୍ଥିତ ପୁଲିସ୍ ଏହାକୁ ଅଟକାଇବାକୁ ଚେଷ୍ଟା କରିବାରୁ କେସିଙ୍ଗା ଥାନାରେ କାର୍ଯ୍ୟରତ କନେଷ୍ଟବଳ ପ୍ରବୀଣ ଗଡ଼ତିଆ ଆହତ ହୋଇଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏହି ଘଟଣାରେ କେସିଙ୍ଗା ପୁଲିସ ଉକ୍ତ ପଡ଼ାର ଜଣଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।

## ଜଣେ ପୁଲିସ ଆହତ

## କନେଷ୍ଟବଳ କ୍ୱାର୍ଟରରୁ ବ୍ରାଉନସୁଗାର ଜବତ ଘଟଣା

# ନିଶାମାଫିଆ ଚିତ୍ତରଞ୍ଜନଙ୍କୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, ୧୧।୯(ସମିସ): କନେଷ୍ଟବଳ କ୍ୱାର୍ଟରରୁ ବ୍ରାଉନସୁଗାର ଜବତ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଦ୍ୱିତୀୟ ଅତିରିକ୍ତ ସେସନ୍ସ କୋର୍ଟର ବିଚାରପତି ବନ୍ଦନା କର ମାମଲାର ବିଚାର କରି ଅଭିଯୁକ୍ତ ଚିତ୍ତରଞ୍ଜନ ସାହୁ ଓରଫ୍ ମଧୁକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଓ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାନୁସାରେ, ୨୦୨୩ ମେ' ୨୦ ତାରିଖ ଦିନ ୟୁନିଟ୍-୮ ଅଞ୍ଚଳରେ ବେଆଇନ ବ୍ରାଉନସୁଗର କାରବାର ହେଉଥିବା ନେଇ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସଟିଏଫ୍) ଖବର ପାଇଥିଲା। ଏସ୍‌ଟିଏଫ୍ ଇନ୍ସପେକ୍ଟର୍ ସୁନୀତା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ୟୁନିଟ୍-୮ ଡିଏଭି ସ୍କୁଲ ପଛପଟେ ଥିବା କ୍ୱାର୍ଟର୍ ନଂ ଆଇଆର୍ -୨ରେ ଚଢ଼ଉ କରିଥିଲା। ସେଠାରେ ଚିତ୍ତରଞ୍ଜନଙ୍କୁ ଅଟକ ରଖିବା ସହ ତଲାସୀ କରିଥିଲା। ଯାଞ୍ଚ ବେଳେ ପାଖାପାଖି ୨ କୋଟିର ବ୍ରାଉନସୁଗାର (୧୧୦୭ ଗ୍ରାମ୍) ଜବତ କରିଥିଲା। ଏନେଇ ଏସଟିଏଫ୍ ଥାନା କେସ୍ ନଂ - ୧୧/୨୩ରେ ମାମଲା ରୁଜୁ କରିଥିଲା। କ୍ୱାର୍ଟର୍‌ଟି ଜଣେ କନେଷ୍ଟବଳଙ୍କୁ ଆବଣ୍ଟନ କରାଯାଇଥିବା ବେଳେ ସେ ଚିତ୍ତକୁ ଭଡ଼ାରେ ଦେଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। କନେଷ୍ଟବଳଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର୍ ପ୍ରବୀଣ ଚନ୍ଦ୍ର ତ୍ରିପାଠୀ ଚିତ୍ତରଞ୍ଜନଙ୍କୁ କୋର୍ଟଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହ ସଂପୃକ୍ତ ୧୪ଜଣ ସାକ୍ଷୀ ଓ ୨୮ଟି ଦସ୍ତାବିଜ୍ ଆଧାରରେ ମାମଲାର ବିଚାର କରି ଚିତ୍ତରଞ୍ଜନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରଶ୍ମିରଞ୍ଜନ ବ୍ରହ୍ମା ଏହି ମାମଲା ପରିଚାଳନା କରୁଥିଲେ।

# ପୁଲିସକୁ ଭୁଜାଲି ଦେଖାଇ ଜବତ ଟ୍ରାକ୍ଟର୍ ଛଡ଼ାଇନେଲେ

ନୀଳଗିରି, ୧୧।୯ (ସମିସ): ପୁଲିସକୁ ଭୁଜାଲି ଦେଖାଇ ଜବତ ବାଲି ଟ୍ରାକ୍ଟର ଛଡ଼ାଇ ନେଲେ ବାଲିମାଫିଆ। ଏଭଳି ଏକ ଘଟଣା ଘଟିଛି, ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଞ୍ଚଳରେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସୋନ ନଦୀର କାଂଶ ନିକଟ ତିନଦେଶ ଘାଟରୁ ବେଆଇନ ଭାବେ ନମ୍ବର ବିହୀନ ଏକ ଟ୍ରାକ୍ଟର ଯୋଗେ ବାଲି ଉଠାଯାଉଥିବା ଖବର ପାଇ ଘଟଣାସ୍ଥଳରେ ବାଲେଶ୍ୱରର କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣି ଓ ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏକ ସ୍ୱତନ୍ତ୍ର ଟିମ୍ କରି ନୀଳଗିରି ପୁଲିସ ସହାୟତାରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଅଯୋଧ୍ୟା ଫାଣ୍ଡିକୁ ଆଣୁଥିବା ବେଳେ ପ୍ରତାପପୁର ଛକ ନିକଟରେ ୧୫ଟି ବାଇକ୍‌ରେ ୨୫ରୁ ଉର୍ଦ୍ଧ୍ୱ ବାଲିମାଫିଆ ସେଠାରେ ରୁଣ୍ଡ ହେବା ସହ ଖଣି ଅଧିକାରୀଙ୍କୁ ଅଟକାଇଥିଲେ। ପରେ କନଷ୍ଟେବଳଙ୍କୁ ଭୁଜାଲି ଦେଖାଇ ଉକ୍ତ ଟ୍ରାକ୍ଟରଟିକୁ ଛଡ଼ାଇ ନେଇଥିଲେ। ନୀଳଗିରି କନିଷ୍ଠ ଖଣି ଅଧିକାରୀ ଏ ସଂପର୍କରେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି।





ମା' ଆସୁଛନ୍ତି ବୋଲି .... ହସୁଛି କାଶତଣ୍ଡୀ

# ନେପାଳରୁ ଫେରିଲେ ୨୩ ଓଡ଼ିଆ

ଭୁବନେଶ୍ୱର, ୧୧।୯(ସମିସ): ନେପାଳ ଭ୍ରମଣରେ ଯାଇଥିବା ୨୩ ଓଡ଼ିଆ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଅଣାଯାଇଛି। ଆସନ୍ତାକାଲି ସମସ୍ତେ ଓଡ଼ିଶାରେ ପହଞ୍ଚିବେ ବୋଲି ଜଣାଯାଇଛି। ନେପାଳରେ ଗୃହଯୁଦ୍ଧ ପରିସ୍ଥିତି ଯୋଗୁଁ ସେମାନେ ଫସି ରହିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନେପାଳ କାଠମାଣ୍ଡୁସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ରହିଥିବା ଭାରତର ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ୨୩ଜଣ ଓଡ଼ିଆ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ସେମାନଙ୍କୁ ଭାରତ-ନେପାଳ ବର୍ଡର୍ (ରକ୍ସଲ) ଦେଇ ଅଣାଯାଇଛି। ବର୍ତ୍ତମାନ ସେମାନେ ବିହାରରେ ଅଛନ୍ତି। ସେଠାରୁ ଆଜି ରାତିରେ ଶତାବ୍ଦୀ ଏକ୍ସପ୍ରେସରେ ବାହାରି ଆସନ୍ତାକାଲି (ଶୁକ୍ରବାର) ଯାଜପୁର ରେଳଷ୍ଟେସନ୍‌ରେ ପହଞ୍ଚିବେ। ସେଠାରୁ ସମସ୍ତେ ନିଜନିଜ ଘରକୁ ଯିବେ। ଏଥିପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବା କରୁଥିବା ଜଣାପଡ଼ିଛି।

**ଆସନ୍ତାକାଲି ଓଡ଼ିଶାରେ ପହଞ୍ଚିବେ**

## ଅପରେସନ୍ 'ପ୍ରହାର'

# ସପ୍ତାହରେ ୫ କେଜି ଗଞ୍ଜେଇ ଓ ଅଢ଼େଇ କେଜି ବ୍ରାଉନସୁଗର ଜବତ

ଭୁବନେଶ୍ୱର,୧୧।୯ (ସମିସ): ରାଜ୍ୟକୁ ନିଶାମୁକ୍ତ କରିବା ସହ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅପରେସନ୍ 'ପ୍ରହାର' ଜାରି ରହିଛି। ଗତ ୧ ତାରିଖରୁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସମସ୍ତ ଜିଲ୍ଲା ପୁଲିସ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ପ୍ରଥମ ସପ୍ତାହରେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନସୁଗର ଓ କଫ-ସିରପ୍ ଭଳି ନିଶାଦ୍ରବ୍ୟ ଜବତ ହୋଇଛି। ପୁଲିସ ପକ୍ଷରୁ ମୋଟ ୧୧୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫୭ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି।

ଗତ ସପ୍ତାହକ ମଧ୍ୟରେ ଗଞ୍ଜେଇ ଚୋରାଚାଲାଣ ବିରୋଧରେ ୭୨ଟି ମାମଲା ରୁଜୁ କରାଯିବା ସହ ୪୮୦୮ କେଜି ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚାଲାଣ ମାମଲାରେ ସମ୍ପୃକ୍ତ ୯୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ବେଆଇନ ବ୍ରାଉନସୁଗର କାରବାର କ୍ଷେତ୍ରରେ ୨୭ଟି ମାମଲା ରୁଜୁ ହୋଇଥିବା ବେଳେ ୨ କେଜି ୩୭୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି ପୁଲିସ। ବ୍ରାଉନସୁଗାର ବିକ୍ରିରେ ସଂପୃକ୍ତ ୪୫ଜଣ ନିଶାବେପାରୀଙ୍କୁ ଗିରଫ କରାଯାଇଛି। ସେହିଭଳି ୩୦୫୨ ବୋତଲ କଫ-ସିରପ୍ ଜବତ ସହ ଏଥିରେ ସମ୍ପୃକ୍ତ ଥିବା ୧୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସହ ୭୦ଜଣ ଅଭ୍ୟାସଗତ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୯ ଅନୁଯାୟୀ (ସିଆରପିସି-୧୧୦) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଚୋରା ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ସମ୍ପୃକ୍ତି ୩ଟି ଦୋକାନକୁ ବନ୍ଦ କରାଯାଇଛି।

# ଜାନୁଆରୀରୁ କାର୍ଯ୍ୟକ୍ଷମ ହେବ କଳିଙ୍ଗ ଷ୍ଟୁଡିଓ

## ୩ ମାସର କଣ୍ଟକୁ ୬୦% କାମ ବାକି

ଭୁବନେଶ୍ୱର, ୧୧।୯(ସମିସ): ଆସନ୍ତା ଜାନୁଆରୀରୁ କାର୍ଯ୍ୟକ୍ଷମ ହେବ ବହୁପ୍ରତୀକ୍ଷିତ କଳିଙ୍ଗ ଷ୍ଟୁଡିଓ। ଏଣିକି ଓଡ଼ିଆ ସିନେମା ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ସୁଟିଂ ପାଇଁ ହାଇଦ୍ରାବାଦ, କାଶ୍ମୀର, ଦିଲ୍ଲୀ, ବେଙ୍ଗାଲୁର, ଆଦି ବାହାର ରାଜ୍ୟକୁ ଯିବାକୁ ପଡ଼ିବନି। ପୂର୍ବଭଳି ପୁଣି କଳିଙ୍ଗ ଷ୍ଟୁଡିଓରେ କଳାକାରଙ୍କ ଭିଡ଼ ଜମିବ। ସିନେମା ସୁଟିଂ ପାଇଁ ଓଲିଉଡ୍ ସିନେନିର୍ମାତାଙ୍କ ଲାଇନ୍ ଲାଗିବ କଳିଙ୍ଗ ଷ୍ଟୁଡିଓରେ। ଏଥିପାଇଁ କାମ ମଧ୍ୟ ଜୋରଦାର୍ ଚାଲିଛି। ଆଜି ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ୍ ଆନୁକୂଲ୍ୟରେ ୭ଜଣିଆ ବିଧାୟକଦଳ କମିଟି କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରିଥିବା ବେଳେ ଭିତ୍ତିଭୂମିର ଯାଞ୍ଚ ସାଙ୍ଗକୁ ବିଭିନ୍ନ ଆଲୋଚନା କରିଥିଲେ। ଏହି ଓଏଫ୍‌ଡିସିର ଚେୟାରମ୍ୟାନ୍ ସମର୍ଥ ବର୍ମା, କମିଟିର ଚେୟାରମ୍ୟାନ୍ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ଲକ୍ଷ୍ମଣ ବାଗ, ପ୍ରତାପ ଚନ୍ଦ୍ର ପ୍ରଧାନ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ପ୍ରମୁଖ କଳିଙ୍ଗ ଷ୍ଟୁଡିଓର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଷ୍ଟୁଡିଓ ପରିସରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଏଥିପାଇଁ ଆଉ କ'ଣ ଆବଶ୍ୟକତା ରହିଛି, ସେ ଉପରେ ମତ ରଖିଥିଲେ।

- ଭିତ୍ତିଭୂମି ଯାଞ୍ଚ କଲେ ୭ଜଣିଆ ବିଧାୟକ ଦଳ



କମିଟି ଚେୟାରମ୍ୟାନ୍ ଦୁଷ୍ମନ୍ତ ସ୍ୱାଇଁ କହିଛନ୍ତି, ଖୁବ୍‌ଶୀଘ୍ର କିଭଳି କାର୍ଯ୍ୟକ୍ଷମ ହେବ, ସେ ଦିଗରେ ସରକାର ସମସ୍ତ ଚେଷ୍ଟା କରୁଛନ୍ତି। ଆଗକୁ ଜାନୁଆରୀ ସୁଦ୍ଧା କାମ ଶେଷ ହୋଇ ଏହା କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ରଖାଯାଇଛି। ତେବେ, ଏହା ପୂର୍ବରୁ ଗତ ଜୁନ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରି ଏକ ସ୍ୱତନ୍ତ୍ର ଡିପିଆର୍ ପ୍ରସ୍ତୁତ କରିବା ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ।

ସୂଚନା ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟୁଡିଓର ନବକଳେବର ପାଇଁ ଅଣ୍ଟା ଭିଡ଼ିଥିଲେ। ଷ୍ଟୁଡିଓର ନବକଳେବର କାର୍ଯ୍ୟ ଇଡ୍‌କୋକୁ ପ୍ରଦାନ କରାଯାଇଥିବା ବେଳେ ଇଡ୍‌କୋ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରିଥିଲା। ୨୦୨୧ ଡିସେମ୍ବର ୭ରେ ୨ ଲକ୍ଷ ୪୦ହଜାର ବର୍ଗଫୁଟ୍ ପରିମିତ ସ୍ଥାନରେ ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୦୦ କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ୨୦୨୪ ଅଗଷ୍ଟ ସୁଦ୍ଧା ଶେଷ କରାଯିବାର ଧାର୍ଯ୍ୟ ହୋଇଥିଲା। ପ୍ରକଳ୍ପ କାମ ୨୦୨୨ ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଉଦ୍‌ଘାଟନ କରାଯିବାର ଯୋଜନା ରହିଥିଲା। ହେଲେ କାମ ଶେଷ ହୋଇନଥିବାରୁ ଉଦ୍‌ଘାଟନ ହୋଇପାରି ନଥିବା ବେଳେ ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିଲା। ପରେ ନୂତନ ସରକାର ଆସିବା ପରେ ମଧ୍ୟ ବଳକା କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଷ୍ଟୁଡିଓ କାର୍ଯ୍ୟକ୍ଷମ ହେବାର ସମୟ ଘୁଞ୍ଚିଘୁଞ୍ଚି ଯାଉଛି। ଫଳରେ ସିନେ ନିର୍ମାତାମାନେ ସିନେମା ସୁଟିଂ ପାଇଁ ବାହାର ରାଜ୍ୟକୁ ଭରସା କରୁଛନ୍ତି। ତେବେ ଆଜିର ବିଧାୟକ କମିଟି ଷ୍ଟୁଡିଓ ପରିଦର୍ଶନ କରିଥିବା ବେଳେ ୪୦ ପ୍ରତିଶତ କାମ ଶେଷ ହୋଇଥିବା କହିଛନ୍ତି। ବଳକା ୬୦ ପ୍ରତିଶତ କାମ ୩ମାସ ମଧ୍ୟରେ କିଭଳି ଶେଷ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ‘ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ସାହିତ୍ୟର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ’

ସମ୍ବଲପୁର, ୧୧।୯ (ସମିସ)




## ଜିଏମ୍ୟୁରେ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା

ପରିବେଶ ମନୁଷ୍ୟ କେନ୍ଦ୍ରିକ ନହୋଇ ସମସ୍ତ ସଜୀବ ଓ ନିର୍ଜୀବ ଜଗତର ସମାହାର ଉପରେ ନିର୍ଭର କରେ। ସମ୍ପ୍ରତି ବିଶ୍ୱ ତାପମାନରେ ବୃଦ୍ଧି ଏବଂ ତାହାରି ପ୍ରଭାବରେ ହିମପ୍ରବାହ ଜଳବାୟୁ ସନ୍ତୁଳନରେ ପରିବର୍ତ୍ତନ ଆଣୁଛି। ପୃଥିବୀର ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ସାହିତ୍ୟର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରମୋଦ ନାୟାର ମତବ୍ୟକ୍ତ କରିଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଦ୍ୱାରା ଅଧ୍ୟାପନା ପ୍ରକୋଷ୍ଠ-୧ରେ ଆଜି ପୂର୍ବାହ୍ଣରେ ଚତୁର୍ଥ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ନାୟାର ମୁଖ୍ୟବକ୍ତା ଭାବେ ଯୋଗଦେଇ ‘ଦ କ୍ଲାଇମେଟ୍ ବିଲ୍‌ଡଙ୍ଗସ୍‌ରୋମାନ୍ : ଲିଟ୍‌ରେଚର୍ ଆଣ୍ଡ ମଲ୍ଟିସ୍ପେସିସ୍ କମନ୍ସ୍ ଇନ୍ ଦି ଏଜ୍ ଅଫ୍ ପ୍ଲାନେଟାରୀ ପ୍ରିକାରିଟି’ ଶୀର୍ଷକ ବିଷୟବସ୍ତୁ ଉପରେ ତଥ୍ୟଭିତ୍ତିକ ଓ ଯୁଗପୋଯୋଗୀ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ବିଭାଗ ସମୂହ ଅଧକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, କୁଳସଚିବ ସନତ କୁମାର ନାଏକ, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ତଥା ବିଶ୍ୱବିଦ୍ୟାଳୟର ଅଧାପକ ଅଧାପିକାମାନେ ଯୋଗ ଦେଇଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡଃ ପି. ମୁରଲୀଧର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱର୍ଗତ ପ୍ରଫେସର ପତିଙ୍କ ପୁଅ ହିମାଂଶୁ ପତି ତାଙ୍କ ପିତାଙ୍କ ସ୍ମୃତିଚାରଣ କରିଥିଲେ। ବିଭାଗମୁଖ୍ୟ ଡଃ ତ୍ରିପାଠୀ ପ୍ରଫେସର ପତିଙ୍କର ଶିକ୍ଷାପ୍ରତି ପ୍ରତିବଦ୍ଧତା, ସାହିତ୍ୟ ପ୍ରତି ଦୃଷ୍ଟିକୋଣ ଓ ନୂଆ ପିଢ଼ିଙ୍କୁ ପ୍ରେରିତ କରିବାର ସାମର୍ଥ୍ୟ କଥା ଉଲ୍ଲେଖ କରିଥିଲେ। ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର ଅଶୋକ ମହାପାତ୍ର, ପ୍ରଫେସର ସବିତା ତ୍ରିପାଠୀ, ଡଃ କାମଦେବ ସାହୁ, ଡଃ ବିଷ୍ଣୁପ୍ରିୟା ହୋତା, କିଶୋର ବହିଦାର, ଡଃ ଦାଶରଥି ପାତ୍ର, ଡଃ ସୁରେନ୍ଦ୍ର ପଣ୍ଡା ଓ ଡଃ ଗୌର ପାଣିଗ୍ରାହୀଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡଃ ବ୍ରହ୍ମାନନ୍ଦ ପାତ୍ର, ଡଃ ସଞ୍ଚିତା ତ୍ରିପାଠୀ, ଡଃ ନମ୍ରତା ବେହେରା, ଜସ୍ୱାଲ କୌର ପ୍ରମୁଖ ବିଭାଗର ଅଧାପକ ଓ ଅଧାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଶିକ୍ଷା ଓ ଗବେଷଣା ସମ୍ବନ୍ଧିୟ ଅନେକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ତଥା ଏହି ବିଭାଗର ଛାତ୍ରଛାତ୍ରୀ ମାନେ ଜାତୀୟସ୍ତରର ପରୀକ୍ଷାରେ କୃତକାର୍ଯ୍ୟ ହେଉଥିବା ବିଷୟକୁ ଅତିଥି ମାନେ ପ୍ରଶଂସା କରିଥିଲେ।

# ହୀରାକୁଦ ଜଳସ୍ତର ୬୨୮.୬୫ ଫୁଟ୍

**ସମ୍ବଲପୁର, ୧୧।୯ (ସମିସ):** ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୬୫ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୩, ୪୨୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୧, ୬୬୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬, ୩୩୪ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦, ୭୨୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୭୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୦୬ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୨୭ ଫୁଟ୍ ରହିଥିଲା।

# ବିରଳ ରକ୍ତ ଦେଇ ଜୀବନ ବଞ୍ଚାଇଲେ ସ୍ୱେଚ୍ଛାସେବୀ



**ସମ୍ବଲପୁର, ୧୧।୯ (ସମିସ):** ଭିମସାରରେ ବହୁସମୟରେ ରକ୍ତାଭାବ ଦେଖାଦେଉଥିବାବେଳେ ଛୋଟ ଛୋଟ ଶିବିର କରିବାକୁ ଅନୁରୋଧ କରାଯାଉଛି। ଏଭଳି ସ୍ଥିତିରେ ବୌଦ୍ଧ ଜିଲ୍ଲାର ଜଣେ ରୋଗୀଙ୍କୁ ଅତ୍ୟନ୍ତ ବିରଳ ରକ୍ତ ଏବି-ନେଗେଟିଭ ଆବଶ୍ୟକତା ପଡ଼ିଥିଲା। ରୋଗୀଙ୍କର ରକ୍ତବାନ୍ତି ହେଉଥିଲା। ବୁର୍ଲା ରକ୍ତଭଣ୍ଡାରରେ ଗୋଟିଏ ବି ରକ୍ତ ନ ଥିଲା। ରକ୍ତଭଣ୍ଡାରର ଦେବାଶିଷ ମିଶ୍ର ଏବଂ ଦଲେଇପଡ଼ାର ପ୍ରିତିଶ ବାରିକ ‘ସମ୍ବଲ’ ଅନୁଷ୍ଠାନର ସମାଜସେବୀ ରାମଦାସ ପଣ୍ଡାଙ୍କୁ ରକ୍ତ ପାଇଁ ଯୋଗାଯୋଗ କରିଥିଲେ। ଖବରପାଇ ରାମଦାସ ପଣ୍ଡା ସମ୍ବଲ ଅନୁଷ୍ଠାନର ନିୟମିତ ରକ୍ତଦାତା ସନ୍ତକ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ସନ୍ତକ ଭାଇ ସମ୍ବଲପୁରରୁ ବୁର୍ଲାକୁ ଯାଇ ରକ୍ତଦାନ କରି ଗୋଟିଏ ରୋଗୀର ଜୀବନ ବଞ୍ଚେଇବା ପାଇଁ ଚେଷ୍ଟା କରିଛନ୍ତି। ଏଥିରେ ରକ୍ତଭଣ୍ଡାରର ଦେବାଶିଷ ମିଶ୍ର ଏବଂ ମଣ୍ଟୁ ପ୍ରଧାନ ସହଯୋଗ କରିଥିଲେ। ରୋଗୀକୁ ଆହୁରି ରକ୍ତର ଆବଶ୍ୟକତା ଥିବାବେଳେ ଧନୁପାଲିର ଦିବ୍ୟାଂଶୁ ଘୋଷ ମଧ୍ୟ ଗୋଟିଏ ୟୁନିଟ୍ ଏବି-ନେଗେଟିଭ ରକ୍ତଦାନ କରିଛନ୍ତି। ରକ୍ତପାଇ ରୋଗୀ ସମ୍ପର୍କୀୟ ସନ୍ତକ ପଣ୍ଡା, ଦିବ୍ୟାଂଶୁ ଘୋଷ ଏବଂ ରାମଦାସ ପଣ୍ଡାଙ୍କୁ ଧନ୍ୟବାଦ ଜଣେଇଛନ୍ତି।

## ■ ଅଗ୍ନିଶମ ଅଫିସ ସମ୍ମୁଖରେ ବାଇକ୍ ଦୁର୍ଘଟଣା

# ଚାଳକ ଗୁରୁତର, ଜଣେ ଆହତ

**ଜମନକିରା, ୧୧।୯(ସମିସ):** ଚିନିମହୁଲ-ଷଣ୍ଢପଥର ଅଗ୍ନିଶମ ଅଫିସ୍ ସମ୍ମୁଖ ବୁଲାଣିରେ ବୁଧବାର ସନ୍ଧ୍ୟା ସାଢ଼େ ୬ ଟା ରେ ବାଇକ୍ ଦୁର୍ଘଟଣା ଘଟିଥିଲା। ଚିନିମହୁଲ ଗାଁର ବାସିନ୍ଦା ବାଇକ ଚାଳକ ରଞ୍ଜନ ନାଏକ (୫୧)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସେହି ଗାଁର ପ୍ରଦୀପ ପଟେଲ୍ (୩୦) ଗୁରୁତର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଉଭୟେ ହିରୋହୋଣ୍ଡା ସିଡ଼ି ଡିଲକ୍ସ ବାଇକ୍ ନଂ ଓଡ଼ି ୧୫ ଏସ ୩୬୭୩ ଯୋଗେ ଚିନିମହୁଲ ଗାଁକୁ ଫେରୁଥିଲେ। ଅଗ୍ନିଶମ ଅଫିସ୍ ସମ୍ମୁଖ ବୁଲାଣିରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲ। ଜଣାପଡ଼ିନାହିଁ। ତାଙ୍କୁ ଅଗ୍ନିଶମ ଗାଡ଼ିରେ ଫାଶିମାଲ୍ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତ ରଞ୍ଜନକୁ ବୁର୍ଲାରେ ଆଇସିୟୁନ ମିଳିବାରୁ ସେଠାରୁ ଜୟପ୍ରକାଶ ମେଡ଼ିକାଲ ରାଉରକେଲା ପଠାଯାଇଥିଲ। ୧୦୮ ଗାଡି ଅଭାବରୁ ପ୍ରଦୀପ ପଟେଲ ଭଲ ସେବାରୁ ବଞ୍ଚିତ ହୋଇ ଥିଲେ।

# ରେଙ୍ଗାଲିରେ ଏସ୍‌ଡିପିଓ କାର୍ଯ୍ୟାଳୟ ପାଇଁ ଦାବି



**ସମ୍ବଲପୁର, ୧୧।୯(ସମିସ):** ରେଙ୍ଗାଲିରେ ଉପଖଣ୍ଡ ପୁଲିସ ଅଧିକାରୀଙ୍କ କାର୍ଯ୍ୟାଳୟ (ଏସଡିପିଓ) ପ୍ରତିଷ୍ଠା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସମ୍ପାଦକ ପ୍ରଦେଶ କଂଗ୍ରେସ କମିଟି ତଥା ବିଧାୟକ ପ୍ରାର୍ଥୀ ଇଂ ଦିଲିପ କୁମାର ଦୁରିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସମ୍ବଲପୁର ଏସପି ଓ ଜିଲ୍ଲାପାଳଙ୍କ ଭେଟି ଦାବି ପତ୍ର ଦେଇଛନ୍ତି। ସେମାନେ କହିଛନ୍ତି, ରେଙ୍ଗାଲିକୁ ବର୍ତ୍ତମାନ ଏନଏସି ଭାବେ ଘୋଷଣା କରାଯାଇଛି। ତେଣୁ ରେଙ୍ଗାଲିରେ ଏସ୍‌ଡିପିଓ କାର୍ଯ୍ୟାଳୟର ଗୁରୁତ୍ୱ ରହିଛି। ଦାବିପତ୍ର ଦେବା ସମୟରେ ତାପସ କୁମାର ରାଜ୍ୟ ସମ୍ପାଦକ (ଅନୁସୂଚିତ ଜାତି ସେଲ), ଯୁବ ନେତା ରମେଶ ଷଣ୍ଢ, ଆଶିଷ ଚୌଧୁରୀ, କୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭିସୁଟ୍‌ରେ ସଟ୍‌ସର୍କିଟ୍‌ରୁ ନିଆଁ

**ସମ୍ବଲପୁର, ୧୧।୯ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ର ୱାର୍କସପ୍ ନିକଟରେ ଥିବା ଏକ ଲାବୋରେଟୋରୀରେ ବିଦ୍ୟୁତ୍ ସଟ୍‌ସର୍କିଟ ହୋଇ ନିଆଁ ଲାଗିଥିବା ସୂଚନା ମିଳିଛି। ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ବାରଣ୍ଡାରେ ଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଭୟରେ ଛାତ୍ରଛାତ୍ରୀ ଦୌଡ଼ି ପଳାଇ ଯାଇଥିଲେ। ନିଆଁକୁ ତୁରନ୍ତ ଆୟତ୍ତ କରାଯାଇଥିବା ବେଳେ କେହି ଆହତ ହୋଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଲାବୋରେଟୋରୀର କିଛି ଉପକରଣ ପୋଡ଼ିଯାଇଥିବା ସୂଚନା ମିଳିଛି। ଏହି ଲ୍ୟାବ୍‌ରେ ଥିବା କ୍ଲାସକୁ ଆଜି ବାତିଲ କରାଯାଇଛି। ଏନେଇ କୁଳସଚିବ ପ୍ରଦୀପ କୁମାର ଡାଙ୍ଗ କହିଛନ୍ତି ଯେ, ଲାବୋରେଟୋରୀ ନୁହଁ କମ୍ପ୍ୟୁଟର ବିଭାଗରେ ସଟ୍‌ସର୍କିଟ୍ ଯୋଗୁଁ ଧୂଆଁ ବାହାରୁଥିଲା, ନିଆଁ ଲାଗିବା ସମୟରେ ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ତାହାକୁ ଆୟତ୍ତ କରାଯାଇଥିଲା। ସେଭଳି କିଛି କ୍ଷୟକ୍ଷତି ହୋଇନାହିଁ ବୋଲି ଶ୍ରୀ ଡାଙ୍ଗ କହିଛନ୍ତି।

# ସରକାରୀ କ୍ୱାର୍ଟର୍ସ ନଛାଡ଼ିବାରୁ ନୋଟିସ୍

**ସମ୍ବଲପୁର, ୧୧।୯ (ସମିସ) :** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜଣେ ମହିଳା କର୍ମଚାରୀଙ୍କୁ ସରକାରୀ କ୍ୱାଟର ଛାଡ଼ିନଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୂଚନା ଅନୁଯାୟୀ ଉକ୍ତ କର୍ମଚାରୀ ଜଣକ ୟୁପିଏଚ୍‌ସି ଧନକଉଡ଼ାରେ କାର୍ଯ୍ୟ କରିବା ସମୟରେ ସରକାରୀ କ୍ୱାଟରରେ ରହୁଥିଲେ। ତାଙ୍କୁ ଗତ ଫେବୃଆରୀ ୨୪ ତାରିଖରୁ କୁନ୍ତରା ସିଏଚ୍‌ସି ଅନ୍ତର୍ଗତ ସାଲେଭାଡ଼ି ଏସ୍‌ସିକୁ ବଦଳି କରାଯାଇଛି। ତେବେ, ବାରମ୍ବାର ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ କର୍ମଚାରୀ ଜଣକ ଧନକଉଡ଼ା ସରକାରୀ କ୍ୱାଟର ଏପର୍ଯ୍ୟନ୍ତ ଛାଡ଼ିନାହାନ୍ତି। ଏନେ ଆଜି ସିଡିଏମ୍‌ଓ ତିନିଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ରଖିବାକୁ ସମୟ ଦେଇଛନ୍ତି, ଅନ୍ୟଥା ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେଥିରେ ଉଲ୍ଲେଖ କରାଯାଇଛି।

# ରିଲ୍ସ ପାଇଁ ୧୧ ହଜାର ଜରିମାନା

**ସମ୍ବଲପୁର, ୧୧।୯ (ସମିସ):** ରିଲ୍ସ ନିଶା ପଡ଼ିଛି ମହଙ୍ଗା। ବିପଦପୂର୍ଣ୍ଣ ଭାବେ ଗାଡ଼ି ଚଳାଇ ଭିଡ଼ିଓ ଅପଲୋଡ କରିବା ଯୋଗୁଁ ମୋଟା ଅଙ୍କର ଫାଇନ ଦେବାକୁ ପଡ଼ିଛି। ଏଥିପାଇଁ ସମ୍ବଲପୁର ଆରଟିଓ ସମ୍ବଲପୁର ପକ୍ଷରୁ ୧୧ ହଜାର ଟଙ୍କା ଜରିମାନା କରାଯାଇଛି। ସୂଚନା ଅନୁସାରେ ରେଢାଖୋଲ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ କୋଳରେ ବସାଇ ଚାରିଚକିଆ ଗାଡ଼ି ଚାଳନା ଶିଖାଉଥିଲେ। ଅନ୍ୟକେହି ଜଣେ ଗାଡ଼ି ଭିତରୁ ଏହାର ଭିଡ଼ିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଛାଡିଥିଲେ। ଏ ନେଇ ଜଣେ ମହିଳା ଏକ୍ସରେ ପୋଷ୍ଟ କରିଥିଲେ। ଏଥିପାଇଁ ଆରଟିଓ ଫାଇନ କାଟିଥିଲେ। ପରେ ଦମ୍ପତିଙ୍କୁ ରେଢାଖୋଲ ଥାନାକୁ ଡକାଯାଇଥିଲା। ଦମ୍ପତି ଏପରି ଆଗକୁ ଭୁଲ କରିବେ ନାହି ବୋଲି କହିଥିଲେ।

# ମହୁଲମୁଣ୍ଡା ଗ୍ରାମରେ ଇନ୍ଦ୍ର ପୂଜା



**ରେଢ଼ାଖୋଲ, ୧୧।୯(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମରେ ଗୁରୁବାର ଦିନ ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନାବୃଷ୍ଟି ଓ ଫସଲରେ ରୋଗପୋକ ଦାଉରୁ ଫସଲ ରକ୍ଷା, ଅଧିକ ବର୍ଷା ହେବା ସହିତ ଗ୍ରାମବାସୀଙ୍କ ମଙ୍ଗଳ ପାଇଁ ପୂଜା ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ପାଳିତ ହୋଇ ଆସୁଥିବା ଗ୍ରାମବାସୀ କହିଛନ୍ତି। ଇନ୍ଦ୍ରପୂଜାରେ କର୍ତ୍ତା ଭାବରେ ବିଦେଶୀ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ସଞ୍ଜୟ ଦାଶ ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଗ୍ରାମର ଚାଣକ୍ୟ ପ୍ରଧାନ ଋଷ୍ୟଶୃଙ୍ଗ ମୁନି ଅଭିନୟ କରିଥିଲେ। ଏଥିରେ ପୁରାଣ ବର୍ଣ୍ଣିତ ରୀତିନୀତି ମୁତାବକ ଦିନତମାମ ଆଦ୍ୟ କାଣ୍ଡ ପଠନ, ବେଲବରଣ, ଘରକୁ ଘର ବନ୍ଦାଣ ଆଦି ବିଭିନ୍ନ କାଯ୍ୟର୍କ୍ରମ ହୋଇଥିଲା। ରାତିରେ ଭାଗବତ ଟୁଙ୍ଗୀରେ ନାମ ସଙ୍କୀର୍ତ୍ତନ ସହ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମ ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ପ୍ରହ୍ଲାଦ ଚରଣ ସାହୁ, ରାମଚନ୍ଦ୍ର ସାହୁ, ଉପେନ୍ଦ୍ର ପ୍ରଧାନ, ଚିନ୍ତାମଣି ସାହୁ, ବେଲାରସେନ ସାହୁ, ମନ୍ଦରଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିରିଆନି ଦେବାରେ ବିଳମ୍ବରୁ ହତ୍ୟା ଉଦ୍ୟମ ଅଭିଯୋଗ, ମହିଳା ଗିରଫ

**ସମ୍ବଲପୁର, ୧୧।୯ (ସମିସ):** ହୋଟେଲକୁ ଯାଇ ବିରିଆନି ଅର୍ଡର କଲେ।ହେଲେ ଭିଡ଼ ଥିବାରୁ ଦେବାରେ ବିଳମ୍ବ ହେଲା। ଏତିକିରେ ଉତ୍ୟକ୍ତ ହୋଇ ପଥରରେ ଛେଚିବାକୁ ପଛାଇଲେନି ଜଣେ ମହିଳା। ସମ୍ବଲପୁର ଅଇଁଠାପାଲି ଥାନା ଆଦର୍ଶ ମାର୍ଗରେ ଥିବା ଏକ ହୋଟେଲ୍‌ରେ ଏଭଳି କାଣ୍ଡ ଘଟିଛି। ଖବର ପାଇ ପୁଲିସ ବହୁ ଚର୍ଚ୍ଚିତ ମହିଳା ଅମୂଲ୍ୟା ବିଶିକୁ ଗିରଫ କରିଛି। ଅଭିଯୋଗ ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୧୦.୩୦ରେ ଅମୂଲ୍ୟା ବିଶି ଅଇଁଠାପାଲି ଆଦର୍ଶମାର୍ଗସ୍ଥିତ ଏକ ବିରିଆନି ଦୋକାନକୁ ଯାଇଥିଲେ।ସେଠାରେ କାମ କରୁଥିବା ପୂର୍ଣ୍ଣିମା ବରୁଆଙ୍କୁ ବିରିଆନି ମାଗିଥିଲେ। କିନ୍ତୁ ବିରିଆନି ପାଇଁ ବିଳମ୍ବ ହେବ ବୋଲି କହିଥିଲେ ପୂର୍ଣ୍ଣିମା।ପରେ ଅମୂଲ୍ୟା ଓ ତାଙ୍କର ଜଣେ ବାନ୍ଧବୀ ଗାଳିଗୁଲଜ କରିଥିଲେ। ପୂର୍ଣ୍ଣିମାଙ୍କୁ ମାଡ଼ ମାରିଥିଲେ। ହୋଟେଲ୍ ମାଲିକ ଦେଖି ହସ୍ତକ୍ଷେପ କରିଥିଲେ କିନ୍ତୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏହି ସମୟରେ ଅମୂଲ୍ୟା ଓ ତାଙ୍କ ବନ୍ଧବୀଙ୍କ ମଧ୍ୟରୁ ଜଣେ ଏକ ପଥର ଆଣି ପୂର୍ଣ୍ଣିମାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଫିଙ୍ଗିଥିଲେ। ସେ ସେଠାରୁ ଘୁଞ୍ଚିଯିବାରୁ ଜୀବନ ଅଳ୍ପକେ ରକ୍ଷା ପାଇଥିଲା। ଏହାକୁ ନେଇ ପୂର୍ଣ୍ଣିମା ଅଇଁଠାପାଲି ଥନାରେ ଏତଲା ଦେଇଛନ୍ତି। ଅଇଁଠାପାଲି ଥାନା ମାମଲା ୧୨୯/୨୫ରେ ପୁଲିସ୍ ଅମୂଲ୍ୟାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ତାଙ୍କ ନାଁରେ ୨୦୨୧ରୁ ୨୦୨୫ ମଧ୍ୟରେ ୧୬ଟି ମାମଲା ରହିଛି। ଟାଉନ ଥାନାରେ ୯ଟା, ଧନୁପାଲିରେ ୩ଟା ଏବଂ ଅଇଁଠାପାଲିରେ ୩ଟା ମାମଲା ରହିଛି। ଏହାସହ କଟକ ଲାଲ୍‌ବାଗ୍ ଥାନାରେ ମଧ୍ୟ ଏକ ମାମଲା ରହିଛି।

# ୫୦୦କିସାନ ଜାତି ସମାଜ କେନ୍ଦ୍ରଗୁଡ଼ି କୁଆଗୋଲାର ନୂଆଖାଇ ଭେଟ୍‌ଘାଟ୍



**ଜମନକିରା, ୧୧।୯(ସମିସ):** ଜମନକିରା ମୁକ୍ତେଶ୍ୱର ମନ୍ଦିରରେ ୫୦୦ କିସାନ ଜାତି ସମାଜ କେନ୍ଦ୍ର ଗୁଡ଼ି କୁଆଗୋଲାର ନୂଆଖାଇ ଭେଟ୍‌ଘାଟ ସମାଜସେବୀ ମହେନ୍ଦ୍ର ବାଘଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଶୋଭାରାମ ପ୍ରଧାନ କିସାନ ଜାତି ସମାଜ ସମ୍ବଲପୁର ଜିଲ୍ଲା ସଭାପତି, ମୁଖ୍ୟବକ୍ତା ଭାବରେ ସୀତାରାମ ପ୍ରଧାନ ସାଧାରଣ ସମ୍ପାଦକ କୁଚିଣ୍ଡା ମହା ଗୁଡ଼ି, ଭଗବାନ ବାଘ ରାଜ୍ୟ ଉପସଭାପତି, ଉଦେକର ପ୍ରଧାନ, ସୀତା ରାମ ପ୍ରଧାନ, ଉଜଲ କିସାନ, ମନଫୁଲ ମାଝୀ, ବିଭୀଷଣ ପଧାନ, ଗୁଣନିଧି ପଧାନ, ସଦାନନ୍ଦ ପଧାନ, ପ୍ରଦୀପ କୁମାର ଚାରଦିଆ, ରାମ ପ୍ରସାଦ ପଧାନ, ଚିନ୍ତାମଣୀ ପଧାନ, ବିଛାଲାଲ ବାଘ, ମହେନ୍ଦ୍ର ମାଝୀ, ସଙ୍କୀର୍ତ୍ତନ କିସାନ, ବିଶି କେଶନ ଦେହୁରୀ, ଲଳିତ ପଧାନ। ପ୍ରଥମେ ଧର୍ମ ଦେବତାଙ୍କୁ ପୂଜା ଆରାଧନା କରି ଗୁଡ଼ିର ଆଞ୍ଚଳିକ କର୍ମ କର୍ତ୍ତାମାନଙ୍କୁ ତିଳକ, ପୁଷ୍ପ ଗୁଚ୍ଛଓ ଉପ ଧୋଇଦେଇ। ସମାଜର ପାରମ୍ପରିକ ନାଚ ଗୀତ ହୋଇଥିଲା।ଏଥିରେ କେନ୍ଦ୍ର ଗୁଡ଼ିର ୧୩ଟି କମିଟିର ସମାଜର ପୁରୁଷ ମହିଳା ଉପସ୍ଥିତ ଥିଲେ।ବୈଠକରେ ଶ୍ରୀପତି ଦେହୁରୀ, କିଶୋର ବାଘ, ଅଙ୍ଗଦ ବାଘ, କୃଷ୍ଣ ଚନ୍ଦ୍ର ବାଘ, ଖିର ସାଗର ପ୍ରଧାନ, ରିତା ବାଘ, ହେମମତି ପିଙ୍ଗ, ମନ୍ଦୋଦରୀ କିସାନ, ଯମୁନା କିସାନ, ଧନମତି କିସାନ, କନକ ପଧାନ, ତିଲୋତ୍ତମା ବାଘ, ରଜନୀ ପିଙ୍ଗ, ଶାନ୍ତି ପଧାନ ପ୍ରଭୃତି ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଦୀନବନ୍ଧୁ ବାଘ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମଣିଷ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ

**ସମ୍ବଲପୁର, ୧୧।୯ (ସମିସ):** ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଓ ପ୍ରଥମ ଶିକ୍ଷା ଫାଉଣ୍ଡେସନର ମିଳିତ ସହଯୋଗରେ




ଲପଙ୍ଗା ବଂଶୀମାଳ ଗ୍ରାମରେ ଗୁରୁଦିବସ ପାଳିତ ହୋଇଛି। ମଣିଷ ଗଠନରେ ଗୁରୁଙ୍କ ଭୂମିକା ଓ ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ପରେ ସମ୍ବଲପୁରୀ ଲୋକନୃତ୍ୟ, ଗୀତ ଓ ନାଚ ପ୍ରଦର୍ଶିତ ହୋଇଥିଲା। ଫାଉଣ୍ଡେସନ ସିଏସଆଇ ମୁଖ୍ୟ ବିଶାଳ ରାଜ, ପ୍ରଥମର କାର୍ଯ୍ୟକ୍ରମ ମୁଖ୍ୟ ମନସିନୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ କ୍ଷାମାସିଳା ମେହେର ଏବଂ ବୃଷଭାନୁ ଭୋଇ, ୱାର୍ଡ ସଦସ୍ୟ ସନ୍ତୋଷ କୁମାର ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ‘ହମାରା ଗାଁ’ କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ସ୍ଥାନୀୟ ଶିକ୍ଷା ସ୍ୱେଚ୍ଛାସେବକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏପରି କାର୍ଯ୍ୟକ୍ରମ ପାଇଁ କମ୍ପାନୀକୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଥିଲା।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପ୍ରସ୍ତୁତି

**ସମ୍ବଲପୁର, ୧୧।୯ (ସମିସ) :** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଆସନ୍ତା ଅକ୍ଟୋବର ୮ ତାରିଖରେ ସମ୍ବଲପୁରରୁ ଅଯୋଧ୍ୟା-ବାରାଣାସୀ ଅଭିମୁଖେ ସମ୍ବଲପୁରରୁ ଯାତ୍ରା ଆରମ୍ଭ ହେବ। ଏଥିରେ ୮ଟି ଜିଲ୍ଲାର ୭୭୫ ଜଣ ଯାତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆଜି ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ସମ୍ବନ୍ଧରେ ସବିଶେଷ ଭାବେ ଆଲୋଚନା କରାଯାଇଥିଲା। ସମ୍ବଲପୁରରୁ ଯାତ୍ରାରେ ବାହାରିବାକୁ ଥିବା ୭୭୫ ଜଣ ଯାତ୍ରୀ ସମ୍ବଲପୁରରେ ଆସି ପହଞ୍ଚିଲା ପରେ ସେମାନଙ୍କ ସକାଶେ ସାମୟିକ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯିବ। ସେଠାରେ ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ ଓ ଡାକ୍ତରୀ ଦଳ ରହିବେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ସମ୍ବଲପୁର ପାନ୍ଥନିବାସଠାରେ ସମ୍ବଲପୁର ଜିଲ୍ଲାର ୮୯ ଜଣ, ସୁବର୍ଣ୍ଣପୁର ଜିଲ୍ଲାର ୫୨ ଜଣ, ଦେବଗଡ଼ ଜିଲ୍ଲାର ୨୭ ଜଣ ଯାତ୍ରୀ ରହିବେ। ସେହିଭଳି ସମ୍ବଲପୁରର ରେଳବାଇ ତାଲିମ କେନ୍ଦ୍ରଠାରେ ଅନୁଗୋଳ ଜିଲ୍ଲାର ୧୦୯ ଜଣ ଯାତ୍ରୀ ରହିବାକୁ ଥିବାବେଳେ ରେଲୱେ କମ୍ୟୁନିଟି ହଲ୍‌ଠାରେ ଝାରସୁଗୁଡ଼ା ଜିଲ୍ଲାର ୫୦ ଜଣ, ସୁନ୍ଦରଗଡ଼ ଜିଲ୍ଲାର ୧୮୦ ଜଣ ଓ ବଲାଙ୍ଗୀର ଜିଲ୍ଲାର ୧୪୧ ଜଣ ଯାତ୍ରୀ ଏବଂ କ୍ଷେତରାଜପୁରସ୍ଥିତ ମାରୱାଡ଼ି ପଞ୍ଚାୟତି ଧର୍ମଶାଳାରେ ବରଗଡ଼ ଜିଲ୍ଲାର ୧୨୭ ଜଣ ଯାତ୍ରୀ ସାମୟିକ ରହିବା ପାଇଁ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ଜିଲ୍ଲାରୁ ମନୋନୀତ ତୀର୍ଥଯାତ୍ରୀ ମାନେ ସେମାନଙ୍କ ଜିଲ୍ଲାରେ ଡାକ୍ତରୀ ଯାଞ୍ଚ ପରେ ଜିଲ୍ଲା ପ୍ରଶାସନର ବସ୍ ଯୋଗେ ଆସି ସମ୍ବଲପୁରରେ ପହଞ୍ଚିବେ। ତୀର୍ଥଯାତ୍ରାରୁ ଫେରିବା ପରେ ମଧ୍ୟ ବିଭିନ୍ନ ଜିଲ୍ଲାକୁ ବସ୍ ଯୋଗେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି।

# କମଲି ବଜାର ନୂତନ ପିଣ୍ଡି ଅଲୋଡ଼ା

ସମ୍ବଲପୁର, ୧୧।୯ (ସମିସ)

ସମ୍ବଲପୁର ସହରର ଶହ ଶହ ବର୍ଷ ପୁରୁଣା ଐତିହାସିକ ହାଟ ହେଉଛି କମଲି ବଜାର ହାଟ। ଏହା ପ୍ରତି ରବିବାର ବସିଥାଏ। ଏହି ହାଟର ବିଶେଷତ୍ୱ ହେଉଛି ଏଠାରେ ଛୁଞ୍ଚିଠାରୁ ଆରମ୍ଭ କରି ପଲଙ୍କ ପର୍ଯ୍ୟନ୍ତ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଠାରୁ ଆରମ୍ଭ କରି ବିବାହୋତ୍ସବରେ ଆବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ମିଳିଥାଏ। ତେବେ, ଗତ ୨୦୨୧-୨୨ ମସିହାରେ ‘ସମଲେଇ’ ପ୍ରକଳ୍ପ ଆରମ୍ଭ ହେବାପରେ ଏହି ହାଟକୁ ଉଚ୍ଛେଦ କରାଯାଇଥିଲା। ଏହାପରେ ଓବିସିସି ଦ୍ୱାରା ନିର୍ମିତ କମଲିବଜାର ଏବେ ମହାନଗର ନିଗମ ପକ୍ଷରୁ ଆବଣ୍ଟନ ହେଉନଥିବାରୁ କୋଟି କୋଟି ଟଙ୍କା ଅପଚୟ ହେଉଛି।



କମଲିବଜାର ସାପ୍ତାହିକ ହାଟରେ ବସୁଥିବା ପରିବା ବିକାଳିଠାରୁ ଆରମ୍ଭ କରି ଅନ୍ୟ ବେପାରୀମାନେ ଏବେ ବାଲିବନ୍ଧା ସୋମନାଥ ବାବା ମନ୍ଦିର ସମ୍ମୁଖ ରାସ୍ତାକଡ଼ରେ ବସୁଛନ୍ତି। ଫଳରେ ରବିବାର ଦିନତମାମ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ରାସ୍ତା ଜାମ୍ ହେଉଛି। ସମଲେଇ ପ୍ରକଳ୍ପ ଆରମ୍ଭରୁ ତତ୍କାଳୀନ ସରକାରଙ୍କ ପକ୍ଷରୁ ଐତିହାସିକ କମଲିବଜାରକୁ ସୁଦୃଶ୍ୟ ଭାବେ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସେଠାରେ ଏବେ ତିନୋଟି ଧାଡ଼ିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପିଣ୍ଡି ବିକ୍ରେତା ମାନଙ୍କ ପାଇଁ ନିର୍ମାଣ କରାଯାଇଛି। ତେବେ, ତାହା ବର୍ଷାଧିକ କାଳ ହେଲା ଅଲୋଡ଼ା ହୋଇ ପଡ଼ିରହିଛି। ନୂଆ ପିଣ୍ଡି ବଦଳରେ ରାସ୍ତାକଡ଼ରେ ବସିବାକୁ ବେପାରୀମାନେ ପସନ୍ଦ କରୁଛନ୍ତି। ସୋମନାଥ ବାବା ମନ୍ଦିର ସମ୍ମୁଖ ରାସ୍ତା ତଥା ରିଂରୋଡକୁ ସଂଯୋଗ କରୁଥିବା ରାସ୍ତାରେ ବସୁଥିଲେ ହେଁ ଗ୍ରାହକ ଆସୁନଥିବା କାରଣ ଦର୍ଶାଇ ନବନିର୍ମିତ ଓ ସ୍ଥାୟୀ ପିଣ୍ଡିରେ ବସିବାକୁ ଅମଙ୍ଗ ହେଉଛନ୍ତି।

ପୁରୀର ଶ୍ରୀମନ୍ଦିର ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପରେ ଷୋଡ଼ଶ ଶତାବ୍ଦୀରେ ନିର୍ମିତ ମା’ ସମଲେଶ୍ୱରୀଙ୍କ ପୀଠର ବିକାଶ ପାଇଁ ରାଜ୍ୟ ସରକାର ସମଲେଶ୍ୱରୀ ଟେମ୍ପଲ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ୍ ଇକୋନୋମି ଇନିସିଏଟିଭସ୍ (ସମଲେଇ) ଯୋଜନା ଆରମ୍ଭ କରାଯାଇଥିଲା। ସେହି ସମୟରେ ସାପ୍ତାହିକ ହାଟ କମଲିବଜାରକୁ ଉଚ୍ଛେଦ କରାଯାଇଥିଲା। ପରେ ବେପାରୀଙ୍କୁ ଥଇଥାନ କରିବା ନିମନ୍ତେ ଏହି ପ୍ରକଳ୍ପ ସଂଲଗ୍ନ ଅଞ୍ଚଳରେ ହାଟ ବସାଇବାକୁ ସ୍ଥାୟୀ ପିଣ୍ଡି କାମ ଆରମ୍ଭ କରାଯାଇଥିଲା। ଏବେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସୁଦୃଶ୍ୟ ପିଣ୍ଡି ନିର୍ମାଣ କରାଯାଇଥିଲେ ହେଁ ତାହା ଉପଯୋଗ ହୋଇପାରୁନି। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏହି ହାଟକୁ ବେପାରୀମାନଙ୍କୁ ଆବଣ୍ଟନ କରାଯାଇନାହିଁ। ଏହାକୁ ଏକ ଖୋଲା ହାଟ ଭାବେ ବ୍ୟବହାର କରିବା ଏବଂ ନିର୍ଦ୍ଦିଷ୍ଟ ଭାବେ କାହାରିକୁ ଆବଣ୍ଟନ କରାଯିବାକୁ ଯୋଜନା ରହିନଥିବା ଜଣାପଡ଼ିଛି। ଏହାକୁ ଆବଣ୍ଟନ ନକରି ପକାଇ ରଖିଲେ ଆଗାମୀ ଦିନରେ ନଷ୍ଟହେବା ସହ ଭାଙ୍ଗିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ।

ମହାନଗର ନିଗମର ଜଣେ ଅଧିକାରୀଙ୍କ ଅନୁଯାୟୀ, ଏହି ହାଟରେ ନିର୍ମାଣ ହୋଇଥିବା ପିଣ୍ଡି ଅନୁଯାୟୀ ୧୦୦ରୁ ଉର୍ଦ୍ଧ୍ୱ ବିକ୍ରେତା ବସିପାରିବେ। ପ୍ରଥମେ ପରିବା ବିକାଳିଙ୍କୁ ଏଠାରେ ବସା ଯାଇଥିଲା, ତେବେ ସଂଖ୍ୟାରେ ଅଧିକ ହେବାସହ ଭିତର ଆଡ଼କୁ ହେଉଥିବାରୁ ସେମାନେ ବସିବା ପାଇଁ ରାଜି ହୋଇନଥିଲେ। ଏହି ହାଟ ଓବିସିସି ପକ୍ଷରୁ ନିର୍ମାଣ କରାଯାଇଥିବାବେଳେ ବାଲିବନ୍ଧା ପଟକୁ ମହାନଗର ନିଗମ ପକ୍ଷରୁ ପିଣ୍ଡି ତିଆରି କରି ଆଉ ଏକ ଅଂଶ ନିର୍ମାଣ କରାଯାଉଛି। ସେଠାରେ ପେଭର ବ୍ଲକ ମଧ୍ୟ ପକାଯାଉଛି। ତାହା ସମ୍ପୂର୍ଣ୍ଣ ହେଲେ ବିଭିନ୍ନ ସାମଗ୍ରୀ ଅନୁଯାୟୀ ସେଠାରେ ବସିବାକୁ କୁହାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଐତିହାସିକ କମଲିବଜାର

ଶତାଧିକ ବର୍ଷ ଧରି ପ୍ରତି ରବିବାର ବସୁଥିବା କମଲି ବଜାର ବା ରଏବାର୍ ହାଟ୍ ଇତିହାସ ପାଲଟି ଯାଇଛି। ୧୮୬୪ ମସିହା ଜାନୁଆରୀ ୧୯ ତାରିଖ ଆଲେକ୍‌ଜାଣ୍ଡାର ବୁଲ୍‌ଷ୍ଟ୍ରୋକ୍ କମର୍ଲେଜ୍ ଡେପୁଟି କମିଶନର ହୋଇ ଯୋଗଦେଲେ। ସେ ବହୁ ଜନହିତକର କାମ କରିଥିଲେ। ତାଙ୍କ ସମୟରେ କମର୍ଲେଜ୍‌ଙ୍କ ନାମ ଅନୁସାରେ କମଲି ବଜାର ହୋଇଥିବା ଶୁଣିବାକୁ ମିଳେ। ଗାଈଗୋରୁଠୁ ଆରମ୍ଭ କରି ବ୍ରତବିବାହ ଉତ୍ସବର ସମସ୍ତ ସାମଗ୍ରୀ ଏଠାରେ ମିଳୁଥିଲା। କବିରାଜି ଔଷଧ, ହାଣ୍ଡିସରେଇ, ବାଉଁଶ ଟୋକେଇ, ବାସନକୁସନ, କୋଡ଼ିକୋଦାଳ ଆଦି ଲୁହା ସାମଗ୍ରୀ, ବିଭିନ୍ନ ପ୍ରକାର ଦଉଡ଼ି, ଗାଈମଇଁଷିଙ୍କ ଚମଡ଼ା, ଚପଲଯୋତା, ମାଛମରା ସାମଗ୍ରୀ, ତେଜରାତି ସାମଗ୍ରୀ, ଶାଢ଼ୀକପଡ଼ା, ଲିଆହୁରୁମ୍, ଦାନ୍ତରୀ ଖଜା ଆଦି ମିଷ୍ଟାନ୍ନ ପରି କିସମ କିସମ ପାରମ୍ପରିକ ସାମଗ୍ରୀ ପାଇଁ କମଲି ବଜାର ଏକ ଭିନ୍ନ ମାନ୍ୟତା ଲାଭ କରିଥିଲା। ଏଠାରେ ଦୁଇଶହରୁ ଉର୍ଦ୍ଧ୍ୱ ବିକ୍ରେତା ସେମାନଙ୍କ ସାମଗ୍ରୀ ବିକ୍ରୟ କରୁଥିଲେ।

# ସଂଗଠନ ସୃଜନ ଅଭିଯାନ କଂଗ୍ରେସକୁ ଅଧିକ କ୍ରିୟାଶୀଳ କରିବ




**ବରଗଡ଼, ୧୧।୯ (ସମିସ):** ସଙ୍ଗଠନ ସୃଜନ ଅଭିଯାନ କଂଗ୍ରେସ ଦଳ କୁ ଅଧିକ କ୍ରିୟାଶୀଳ କରିବ ବୋଲି କହିଛନ୍ତି ଅଖିଳ ଭାରତୀୟ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା ସାଂସଦ ଶୋଭା ତାଇ ବଛବ। ଗୁରୁବାର ରେଙ୍ଗାଲିକ୍ୟାମ୍ପ ସ୍ଥିତ ଡିଭାଇନ ଗାର୍ଡେନ ଠାରେ ଅତାବିରା ନିର୍ବାଚନ ମଣ୍ଡଳୀ ସ୍ତରୀୟ କଂଗ୍ରେସ ଦଳର ସଂଗଠନ ସୃଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ଦ୍ୱାରା ସଂଗଠନ ମଜବୁତ୍ ହେବା ସାଙ୍ଗକୁ ଆଗାମୀ ଦିନରେ ସଙ୍ଗଠନରେ ସକ୍ରିୟତା ବୃଦ୍ଧି ପାଇବ ଓ ଏହି ପ୍ରକ୍ରିୟାରେ ଜଣେ ସାମୂହିକ ଭାବେ ମନୋନୀତ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ବଛା ଯାଇ ପାରିବ। ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦିପ ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଂଗଠନ ସୃଜନ କାର୍ଯ୍ୟକ୍ରମରେ ବଛବଙ୍କ ସମେତ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଦେବସ୍ମିତା ସାମଲ, ଅତାବିରା ବିଧାନ ସଭା ମଣ୍ଡଳୀ ଗତ ଥର ପ୍ରାର୍ଥୀ ଅଭିଷେକ ସେଟ, ବରଗଡ଼ ବିଧାନସଭା ମଣ୍ଡଳୀ ଗତ ଥର ପ୍ରାର୍ଥୀ ନିପନ ଦାଶ, ଯୁବ କଂଗ୍ରେସ ଜିଲ୍ଲା ସଭାପତି ଅମିତ୍ ଆଚାର୍ଯ୍ୟ, ରାଜ୍ୟ ଛାତ୍ର କଂଗ୍ରେସ ଉପ ସଭାପତି ଆଜାଦ ପତି, ଅତାବିରା ବ୍ଲକ କଂଗ୍ରେସ ସଭାପତି ଦୟାସାଗର ମେଣ୍ଡଲି, ଭେଡେନ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଅତାବିରା ନଗର କଂଗ୍ରେସ କମିଟି ସଭାପତି ଅବିନାଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବଛବ ଅତାବିରା ନିର୍ବାଚନ ମଣ୍ଡଳୀରେ ସଂଗଠନ ସୃଜନ କାର୍ଯ୍ୟକ୍ରମ ଅନୁଯାୟୀ ଅତାବିରା ବ୍ଲକ, ଏନଏସି ଓ ଭେଡେନ ବ୍ଲକର କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀ ମାନଙ୍କ ଠାରୁ ଜିଲ୍ଲା କଂଗ୍ରେସ ପ୍ରାର୍ଥୀ ଚୟନ ଉପରେ ବ୍ୟକ୍ତିଗତ ଓ ସାମୂହିକ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ସଂଯୋଜନାରେ ଅତାବିରା ଓ ଭେଡେନ ବ୍ଲକର କଂଗ୍ରେସ କର୍ମକର୍ତ୍ତା ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରତାପ ନାୟକ, ଶୁଭେନ୍ଦୁ ସାହୁ, ରବି ପଣ୍ଡା, ଉନି ନାୟାର, ପାଣ୍ଡବ କର୍ଣ୍ଣ, ସୁଶିଲ ଭୋଇ, ଗଣେଶ ପ୍ରଧାନ, ସଞ୍ଜୟ ନନ୍ଦ, ଦଶରଥ ମେହେର, କେପି ଶ୍ରୀନିବାସ, ରାଜେଶ ଅଗ୍ରୱାଲ, ସୁରେନ୍ଦ୍ର ନାୟକ, ମନୋଜ ଶତପଥୀ, ଅକ୍ଷୟ ମହାପାତ୍ର, ଅକ୍ଷୟ ପତି, ସୁରେଶ ମାଝୀ, ସୁନିତା ବାଗ, ସୁଶାନ୍ତ ଅଗ୍ରୱାଲ, କିଶୋର ସାହୁ ଭୂପେନ୍ଦ୍ର ପଟେଲ, ମୁକେଶ ଅଗ୍ରୱାଲ, ବିକାଶ ତ୍ରିପାଠୀ, ଦମୟନ୍ତୀ ଭୋଇ, ସୁନିତା ଲାକ୍ରା, ହିଚକେଲ ମୁର୍ମୁ, ରଞ୍ଜନ ପ୍ରଧାନ, ବୁଲୁ ଦାଶ, ସାହେବ ପ୍ରଧାନ, ଗୁରୁଦୟାଲ ଭୋଇ, ଉମା ଭୋସାଗର, କୈଳାଶ ବଗାର, ଲକ୍ଷ୍ମୀ ନାରାୟଣ ପାଢ଼ୀ, ମାଧବ ସାହୁ, ଜାପାନୀ ସାହୁ, ପରସାଦି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ସାମ୍ବାଦିକଙ୍କ ପୁତ୍ର ବିୟୋଗ

**ଗାଇସିଲେଟ, ୧୧।୯ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକର ବରିଷ୍ଠ ସାମ୍ବାଦିକ ଦୁର୍ଗାପ୍ରସାଦ ତ୍ରିବେଦୀଙ୍କ ଏକମାତ୍ର ପୁତ୍ର ସରୋଜଙ୍କ ଅକାଳ ବିୟୋଗ ହୋଇଛି। କିଛିଦିନ ହେବ ସେ ରୋଗାକ୍ରାନ୍ତ ଥିଲେ। ବୁଧବାର ରାତି ୧୧ଟା ପରେ ତାଙ୍କର ନିଧନ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୫ ବର୍ଷ ହେଇଥିଲା। ନିକଟସ୍ଥ କନ୍ଦାଗାଡ ବିଦ୍ୟାଳୟରେ ସେ ଶିକ୍ଷକତା କରୁଥିଲେ। ତେବେ ତାଙ୍କ ପିତା, ମାତା, ପତ୍ନୀ ଓ ଦୁଇ ସନ୍ତାନ ଅଛନ୍ତି। ଭାଇ ସୌରଭ ତ୍ରିବେଦୀ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଗାଇସିଲେଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ପଦ୍ମପୁରର ଏକମାତ୍ର ଟାଉନ୍‌ହଲ୍ ଜରାଜୀର୍ଣ୍ଣ

**ପଦ୍ମପୁର, ୧୧।୯ (ସମିସ)**

ପଦ୍ମପୁର ସହରର ଏକମାତ୍ର ଟାଉନହଲକୁ ଏନଏସି ପ୍ରଶାସନ ଭୁଲି ଯାଉଥିବା ପରି ମନେ ହେଉଛି। ପ୍ରଶାସନର ଆନ୍ତରିକତା ଅଭାବରୁ ପଦ୍ମପୁର ପାଇକମାଲ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ଟାଉନହଲଟି ଧ୍ୱଂସ ହେବା ଅବସ୍ଥାରେ ରହିଛି। ପୂର୍ବରୁ ଏହି ଟାଉନହଲ ସଭା ସମିତି, ଭୋଜିଭାତ ବିବାହର ଆୟୋଜନ ପାଇଁ ସହରବାସୀଙ୍କ ଏକମାତ୍ର ଭରସା ଯୋଗ୍ୟ ସ୍ଥାନ ଥିଲା। ମାତ୍ର ଏହା ଏବେ ଅଲୋଡ଼ା ହୋଇ ପଡ଼ିଛି। ସେତେବେଳେର ଏନଏସି ଅଧ୍ୟକ୍ଷ ଶିରିଷ ବହିଦାରଙ୍କ ଉଦ୍ୟମରେ ସେପ୍ଟେମ୍ବର ୯ତାରିଖ ୧୯୮୧ ମସିହାରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ସେତେବେଳେ ଏହାର ବ୍ୟୟ ଅଟକଳ ୨ଲକ୍ଷ ୯୧ ହଜାର ଥିବା ବେଳେ ଏହାର ନିର୍ମାଣ ପ୍ରାୟ ୫ବର୍ଷରେ ହୋଇଥିଲା। ଗରିବ ଲୋକଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ଲୋକ ଟାଉନହଲକୁ କମ୍ ପଇସା ଦେଇ ବୁକ୍ କରି ପାରୁଥିଲେ। ମାତ୍ର ଧିରେ ଧିରେ ପ୍ରଶାସନର ଅଣଦେଖାରୁ ଏହା ଜରାଜୀର୍ଣ୍ଣ ହୋଇପଡ଼ିଛି। କାନ୍ଥ ବାଡରେ ଗଛ ଉଠିବା ସହିତ କବାଟ ଗୁଡିକ ଠିକ ଭାବେ ପଡୁ ନାହିଁ। ଛାତରୁ ପାଣି ଗଳିବା ଆରମ୍ଭ କଲାଣି। ଅନେକ ସ୍ଥାନରେ ସିମେଣ୍ଟ ଫାଟି ଆଁ କଲାଣି। ଏନଏସି ଦ୍ୱାରା ଏହାର ପାର୍ଶ୍ୱରେ ଏକ ତିନି ମହଲା ଘର ନିର୍ମାଣ ହୋଇଥିବାରୁ ଏହାରି ପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୁଏ। ଏହି ପୁରାତନ ଟାଉନହଲକୁ ମରାମତି ନ କରି ଏହି ସ୍ଥାନରେ ଏକ ନୂତନ ଟାଉନହଲ ନିର୍ମାଣ ହେଲେ ପଦ୍ମପୁର ଜନସାଧାରଣ ଉପକୃତ ହୋଇପାରନ୍ତେ। ସହରରେ ଅନେକ କଲ୍ୟାଣ ମଣ୍ଡପ ଥିଲେ ମଧ୍ୟ ଅତ୍ୟଧିକ ଭଡା ଯୋଗୁଁ ଗରିବ ଲୋକେ ବୁକ୍ କରି ପାରୁ ନାହାନ୍ତି। ତେଣୁ ପଦ୍ମପୁର ସହରର ଜନସାଧାରଣ ସ୍ୱାର୍ଥଦୃଷ୍ଟିରୁ ଏହି ସ୍ଥାନରେ ଏକ ନୂତନ ଆଧୁନିକ ଟାଉନହଲ ନିର୍ମାଣ ହେଲେ ସହର ବାସିନ୍ଦା ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି।



# ଖଇର କାଠ ଗାଡ଼ି ଜବତ, ଡ୍ରାଇଭର ଗିରଫ

**ପଦ୍ମପୁର, ୧୧।୯ (ସମିସ):** ପଦ୍ମପୁର ରେଞ୍ଜ ଅଧୀନ ଗାଇସିଲେଟ ଥାନା କୁଦୁଲା ଗାଁରେ ଏକ ଖଇରକାଠ ବୋଝେଇ ପିକ୍‌ଅପ୍ ଗାଡିକୁ ପଦ୍ମପୁର ଜଙ୍ଗଲ ବିଭାଗର ଟିମ୍ ଜବତ କରିଛି। ଗାଇସିଲେଟ ଥାନା ଅଧୀନ କଠଉମାଲ ଗାଁର ଡ୍ରାଇଭର ବେଲମତି ସାହୁଙ୍କୁ ପଦ୍ମପୁର ରେଞ୍ଜ ଅଫିସ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ କାଠର ମୂଲ୍ୟ ଆନୁମାନିକ ୩୨ହଜାର ୫୦୦ହେବ ବୋଲି ରେଞ୍ଜ ଅଧିକାରୀ ରଣଜିତ ସିଂ ବାବୁ କହିଛନ୍ତି। ଏହି ଚଢ଼ଉରେ ଫରେଷ୍ଟର ଝରଣା ସାହୁ, ଫରେଷ୍ଟ ଗାର୍ଡ ପୃଥିରାଜ ଭୋଇ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

**ପଦମପୁର, ୧୧।୯ (ସମିସ):** ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ରାଜେଶ ଖମାରୀ ଓ ସୁଶାନ୍ତ ଯୋଶୀ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ସ୍କୁଲରୁ ୩୮ ଜଣ ଛାତ୍ରଛାତ୍ରୀ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବରିଷ୍ଠ ବିଭାଗରେ ଶ୍ରୀୟମ୍ ଶତପଥୀ, ସଂସ୍କାର ପଟ୍ଟନାୟକ ଓ ଜିନା ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ପ୍ରତୀକ ମହାନ୍ତି, ପୀୟୂଷ ବାବୁ ଓ ଶୁଭଶ୍ରୀ ସୁନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରୀତିରଶ୍ମି ସେଠ କରିଥିଲେ।

# ସର୍ବସାଧାରଣରେ ମାଂସ ବିକ୍ରିକୁ ବିରୋଧ



**ସମ୍ବଲପୁର, ୧୧।୯ (ସମିସ):** ସର୍ବସାଧାରଣରେ ମାଂସ କାଟିବା ପ୍ରକ୍ରିୟାକୁ ବନ୍ଦ କରିବାକୁ ବିଜେପି ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରୋହନ ଖେତ୍ରୀଙ୍କୁ ଦାବି କରିଛି। ମୁଖ୍ୟତଃ ପୀରବାବା ଛକରୁ ଜିଲ୍ଲା ସ୍କୁଲର ଛକ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ ଆମିଷ ଦୋକାନ ରହିଛି। ଯାହାଫଳରେ ସେମାନେ ରାସ୍ତା ପାର୍ଶ୍ୱରେ ମାଂସ କାଟୁଛନ୍ତି। ପରେ ବାହାରୁ ଥିବା ଅବ୍ୟବହାର ଜିନିଷ ସିଧା ସଳଖ ମୁଖ୍ୟ ଡ୍ରେନରେ ପକାଇ ଦେଉଛନ୍ତି। ସେହିପରି ବୁର୍ଲାରୁ ସମ୍ବଲପୁର ଆସୁଥିବା ମୁଖ୍ୟ ରାସ୍ତାରେ ମଧ ଏପରି ଦୋକାନ ରହିଛି। ଦୋକାନ ଗୁଡିକରେ ଛେଳି ଓ କୁକୁଡ଼ା ମାଂସ ଖୋଲାରେ ପ୍ରଦର୍ଶିତ କରାଯାଉଛି, ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ ଅଟେ। ସେଇ ରାସ୍ତା ଦେଇ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, କୋମଳମତି ଶିଶୁ ଓ ସାଧାରଣ ଲୋକ ଯାତାୟାତ କରୁଛନ୍ତି। ଏହାର କୁ ପ୍ରଭାବ କୁନି କୁନି ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ତତ୍ ସଙ୍ଗେ ସଙ୍ଗେ ନିରାମିଷ ଖାଉଥିବା ଲୋକଙ୍କ ଉପରେ ମଧ ଏକ ନକାରାତ୍ମକ ପ୍ରଭାବ ପଡୁଛି। ଏଣୁ, ସେଇ ଅଞ୍ଚଳ ର ଦୋକାନୀ ମାନଙ୍କୁ ମହାନଗର ନିଗମ ତରଫରୁ ନୋଟିସ ଜାରି କରାଯାଉ। କଟା ଛେଳି ଓ କୁକୁଡ଼ା ମାଂସକୁ ସର୍ବ ସାଧାରଣଙ୍କ ଦୃଷ୍ଟି ନ ପଡ଼ିବା ଭଳି ସ୍ଥାନ ରେ ରଖା ଯାଉ। ଆମିଷ ଦୋକାନୀଙ୍କ ପାଇଁ ହାଇକୋର୍ଟର ରହିଥିବା ନିର୍ଦ୍ଦେଶ ନିୟମାବଳୀ ଓ ସର୍ତ୍ତାବଳୀ କୁ କଡାକଡି ଭାବେ ଲାଗୁ କରାଯାଉ। ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳ ରେ ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ, ଅଜିତ ବେହେରା, ସୋମିତ୍ର ଜ୍ୟୋତି, ଆଲୋକ ପଣ୍ଡା, ମାନସ ରଞ୍ଜନ ବକ୍ସି ପ୍ରମୁଖ ସମିଲ ଥିଲେ।

# ମାଣ୍ଡୋସିଲରେ ସବ୍‌ଜୋନ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା

**ପାଇକମାଲ, ୧୧।୯ (ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ସଭାପତିତ୍ୱରେ ମାଣ୍ଡୋସିଲ ସବ୍‌ଜୋନ ସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ଡନସନା ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ କ୍ରୀଡା ସମ୍ପାଦକ ସୁଦର୍ଶନ ମହାକୁଡ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରତିଯୋଗିତାରେ ମାଣ୍ଡୋସିଲ, ଚେରେଙ୍ଗାଝାଞ୍ଜ, ମାଲପଡ଼ା ଓ ଡୁଡୁକିଝରିଆ କ୍ଲଷ୍ଟରରୁ ଉଭୟ ବାଳକ ଓ ବାଳିକା ୨୬୪ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଖେଳ ଶିକ୍ଷକ ହେମସାଗର ସାହୁ, ବୈବସ୍ବୁତ ପ୍ରଧାନ, ପଦ୍ମଲୋଚନ ମାଝୀ, ସ୍ୱତନ୍ତ୍ର ସାହୁ, ଶ୍ରବଣ ମେହେର, ଭେରିନାଥ ବାଗ, ରୁଦ୍ର ବୈଠାରୁ, ଅଜିତ ପ୍ରଧାନ, ଚକ୍ରେଶ୍ୱର ହଂସ ଖେଳ ପରିଚାଳନା କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୮ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ଭାଗ ନେବେ ବୋଲି ଜଣାପଡ଼ିଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ନୀଳମଣି ବରିହା, ଶଙ୍କରଲାଲ ମହାନନ୍ଦ, ବିକ୍ରମ ସିଂ, ନରହରି ସିଂ, କଲ୍ୟାଣୀ ଦନ୍ତା, ସଙ୍ଘମିତ୍ରା ବେହେରା, କୃଷ୍ଣ ବାଗ, ଅର୍ଜୁନ ଜେନା, ସଦାନନ୍ଦ ଭୋଇ, ସବିତା ସାହୁ, ନୀଳମଣି ପୁଟା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ



**ଶ୍ରୀ ଦେବଦତ୍ତ ସ୍ୱାଇଁ**
**ଅଧ୍ୟକ୍ଷ**
**ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍**

୧. **କାହିଁକି ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କଲେ?**

- ଯେତେବେଳେ ମୁଁ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ଏକ ନନ୍-ଟିଚିଂ ପୋଷ୍ଟରେ କାମ କରୁଥିଲି, ସେତେବେଳେ ମୁଁ ଅନୁଭବ କଲି ଯେ ଓଡିଶାରେ, ବିଶେଷ କରି କଟକରେ, ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷାର ଏକ ବିଶାଳ ଅଭାବ ରହିଛି। ତରୁଣମାନଙ୍କ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ପ୍ରତି ଅତୁଟ କୌତୁହଳ ଥିଲା, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସୁଯୋଗର ଅଭାବ ଥିଲା। ଏହି ଅଭାବକୁ ପୂରଣ କରିବା, ଯୁବପିଢ଼ିକୁ ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନକୁ ଗଠନ କରିବାର ଏକ ଦୃଢ଼ ଇଚ୍ଛା ମୋତେ ଏହି କ୍ଷେତ୍ରକୁ ଆସିବାକୁ ପ୍ରେରଣା କରିଥିଲା।

୨. **ଆପଣଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ବୁଦ୍ଧିମତ୍ତାକୁ କିଭଳି ଆସେସ୍ କରାଯାଉଛି?**

- ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ଅନନ୍ୟ। ବୁଦ୍ଧିମତ୍ତା କେବଳ ଏକାଡେମିକ୍ ମାର୍କଦ୍ୱାରା ଆସେସ୍ ହୋଇପାରେ ନାହିଁ। ଆମର ଆସେସମେଣ୍ଟ ପଦ୍ଧତି ସର୍ବାଙ୍ଗୀନ। ଏଥିରେ ନିୟମିତ କାପାସିଟି ବିଲ୍ଡିଂ କ୍ଲାସ, ପ୍ରୋଜେକ୍ଟ-ବେସ୍ଡ୍ ଲର୍ଣ୍ଣିଂ, କ୍ୱିଜ୍, ଡିବେଟ୍, ଅଲିମ୍ପିଆଡ୍ ଏବଂ ବ୍ୟବହାରିକ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ। ଆମେ ଛାତ୍ରମାନଙ୍କର ସୃଜନଶୀଳତା, ସାମାଜିକ ଦକ୍ଷତା, ନେତୃତ୍ୱ ଗୁଣ ଏବଂ ସମସ୍ୟା ସମାଧାନ କ୍ଷମତାକୁ ମଧ୍ୟ ମାପିଥାଉ

୩. **ଆପଣଙ୍କ ଇନଷ୍ଟିଚ୍ୟୁଟ ମୂଳଲକ୍ଷ୍ୟ ହେଲା ପିଲାମାନଙ୍କର ବେଟର୍ କ୍ୟାରିଅର୍, ଏହା ତ ସବୁ ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ, ଏଥିରେ ଫରକ୍ କଣ ରହିଲା?**

- ହଁ, କ୍ୟାରିଅର୍ ଗଠନ ହେଉଛି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ଲକ୍ଷ୍ୟ କିନ୍ତୁ ଆମେ କେବଳ ଏକ ଚାକିରି ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରୁନାହୁଁ, ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ ଉପରେ ଧ୍ୟାନ ଦେଉଛୁ। ଆମର ଫରକ୍ ହେଉଛି ଏକ 'ହୋଲିସ୍ଟିକ୍ ଆପ୍ରୋଚ୍'। ଏଥିରେ ଶିକ୍ଷା ସହିତ ସଂସ୍କାର, ନୈତିକତା, ଦୟା ଓ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ମଧ୍ୟ ଅନ୍ତର୍ଭୁକ୍ତ। ଆମେ ଛାତ୍ରମାନଙ୍କୁ ଏକ ଭଲ ନାଗରିକ ଏବଂ ଭଲ ମନୁଷ୍ୟ ହେବାପାଇଁ ପ୍ରସ୍ତୁତ କରୁଛୁ।

୪. **କ୍ୟାଫେଟେରିଆ ଶିକ୍ଷାଦାନ କଣ? ଯାହା ଆପଣଙ୍କ ଇନଷ୍ଟିଚ୍ୟୁଟ୍ର ଶିକ୍ଷାଦାନକୁ ଗୌରବ ମଣ୍ଡିତ କରିଛି?**

- କ୍ୟାଫେଟେରିଆ ଶିକ୍ଷାଦାନ ହେଉଛି ଏକ ନମନୀୟ ଶିକ୍ଷଣ ପଦ୍ଧତି ଯେଉଁଥିରେ ଛାତ୍ରମାନେ ନିଜର ରୁଚି ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ବିଷୟ ବାଛିପାରନ୍ତି। ଏହା ଏକ ଷ୍ଟାଣ୍ଡାର୍ଡାଇଜ୍ଡ୍ ପାଠ୍ୟକ୍ରମକୁ ଅନୁସରଣ କରେ ନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଶକ୍ତିକୁ ଉନ୍ନତ କରେ। ଆମ ଅନୁଷ୍ଠାନରେ ଏହି ପଦ୍ଧତି ଅନୁସରଣ କରାଯାଏ, ଯାହା ଛାତ୍ରମାନଙ୍କୁ ନିଜ ପସନ୍ଦ ଓ କ୍ଷମତା ଅନୁଯାୟୀ ବିଭିନ୍ନ ବିଷୟ ଏବଂ କ୍ରିୟାକଳାପ ବାଛିବାର ସ୍ୱାଧୀନତା ଦେଇଥାଏ। ଏହି ନମନୀୟତା ଓ ବ୍ୟକ୍ତିଗତ ଧ୍ୟାନ ହେଉଛି ଆମ ଶିକ୍ଷାଦାନ ପ୍ରଣାଳୀର ଗୌରବ।

୫. **ଆପଣଙ୍କ ଶିକ୍ଷାନୁଷ୍ଠାନରେ କେଉଁ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି ଯାହା ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ପୃଥକ୍ ବୋଲି ଆପଣ ଭାବୁଛନ୍ତି?**

- ଆମର ପ୍ରଧାନ ପଦ୍ଧତି ହେଉଛି 'ସମନ୍ୱିତ ଶିକ୍ଷଣ'। ଏଥିରେ ପାରମ୍ପରିକ କ୍ଲାସରୁମ୍ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟା, ବ୍ୟବହାରିକ ପ୍ରୟୋଗ, ପ୍ରୋଜେକ୍ଟ ୱାର୍କ ଏବଂ ଶିକ୍ଷା ଭ୍ରମଣକୁ ସମନ୍ୱିତ କରାଯାଏ। ଆମେ ଶିକ୍ଷକ- କେନ୍ଦ୍ରିକ ଶିକ୍ଷଣ ପରିବର୍ତ୍ତେ ଛାତ୍ର- କେନ୍ଦ୍ରିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛୁ ପ୍ରତ୍ୟେକ ଛାତ୍ରଙ୍କ ଦୁର୍ବଳତା ଓ ସାମର୍ଥ୍ୟକୁ ଚିହ୍ନଟ କରି ସେଥିପାଇଁ ବ୍ୟକ୍ତିଗତ ଧ୍ୟାନ ଦିଆଯାଏ। ଏହି ବ୍ୟକ୍ତିଗତ ଯତ୍ନ ଓ ଆଧୁନିକ ପଦ୍ଧତିର ସମନ୍ୱୟ ଆମକୁ ଅନ୍ୟଠାରୁ ପୃଥକ୍ କରେ।

୬. **ଶିକ୍ଷା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଭୂମିକାସହିତ, ଆପଣଙ୍କ ଅନୁଷ୍ଠାନ କିଭଳି ଖାପ ଖୁଆଇ ଚାଲିଛି?**

- ଆମେ ପ୍ରଯୁକ୍ତିବିଦ୍ୟାକୁ ଆମ ଶିକ୍ଷଣ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଭାବରେ ଗ୍ରହଣ କରିଛୁ। ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ, କମ୍ପ୍ୟୁଟର- ଏଡେଡ୍ ଲର୍ଣ୍ଣିଂ ମଟେରିଆଲ୍ ଆମର ନିତିଦିନିଆ ଅଭ୍ୟାସ। ଆମେ ଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ ଆଦି ଆଧୁନିକ ଟ୍ରେଣ୍ଡସମୂହ ସହିତ ଅପଡେଟେଡ୍ ରଖୁଥାଉ। ତଥାପି, ଆମେ ଏହା ମଧ୍ୟ ନିଶ୍ଚିତ କରୁଛୁ ଯେ ପ୍ରଯୁକ୍ତିବିଦ୍ୟା ଏକ ସାଧନ ମାତ୍ର, ଲକ୍ଷ୍ୟ ନୁହେଁ। ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ମାନବିକ ମୂଲ୍ୟବୋଧ ଆମର ମୂଳଭିତ୍ତି ରହିଛି।

୭. **ସରସ୍ୱତୀ ପବ୍ଲିକ ସ୍କୁଲ, ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲ୍, ଡିଗ୍ରୀ ସାଇ କଲେଜ ଖୋଲି କେବଳ ବିଜ୍ଞାନକୁ କାହିଁକି ଗୁରୁତ୍ୱ ଦେଉଛନ୍ତି?**

- ଯାହା ବିଜ୍ଞାନ ହେଉଛି ଆଧୁନିକ ଯୁଗର ମୂଳଭିତ୍ତି। ଏହା କେବଳ ଏକ ବିଷୟ ନୁହେଁ, ବରଂ ଏକ ଚିନ୍ତାଧାରା ତର୍କ, ବିଶ୍ଳେଷଣ ଓ ଗବେଷଣାକୁ ପ୍ରୋତ୍ସାହିତ କରେ। ଓଡିଶା ଏବଂ ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଯୁବଶକ୍ତିର ଆବଶ୍ୟକତା ଅନିବାର୍ଯ୍ୟ ଆମେ ଚାହୁଁଛୁ ଯେ ଆମର ଛାତ୍ରମାନେ ବିଜ୍ଞାନ ଓ ଟେକ୍ନୋଲୋଜିରେ ଦକ୍ଷତା ଅର୍ଜନ କରି ରାଜ୍ୟ ଓ ଦେଶର ପ୍ରଗତିରେ ଅଗ୍ରଣୀ ଭୂମିକା ନିଅନ୍ତୁ। ତେଣୁ, ବିଜ୍ଞାନ ଶିକ୍ଷା ଉପରେ ଆମର ବିଶେଷ ଗୁରୁତ୍ୱ

୮. **କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ସଫ୍ଟୱେର୍ ଥିବା ବେଳେ ଆପଣଙ୍କ ଇନଷ୍ଟିଚ୍ୟୁଟ୍ PM WANI Wi-Fi କାହିଁକି ଆପଣେଇଛି?**

- PM WANI WI-FI ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯାହା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ହାଇ- ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରେ। AI ଭଳି ସଫ୍ଟୱେର୍ ହେଉଛି ଏକ ସାଧନ, କିନ୍ତୁ ସେଥିରେ ପ୍ରବେଶ ପାଇଁ ଦ୍ରୁତ ଓ ସୁଲଭ ଇଣ୍ଟରନେଟ୍ ଆବଶ୍ୟକ। ଆମେ ଚାହୁଁଛୁ ଆମର ପ୍ରତ୍ୟେକ ଛାତ୍ର, ସେମାନଙ୍କର ଆର୍ଥିକ ଅବସ୍ଥା ଯାହାବି ହେଉ, ବିନା ବାଧାରେ ଡିଜିଟାଲ୍ ବିଶ୍ୱ ସହିତ ସଂଯୁକ୍ତ ହୋଇପାରନ୍ତୁ। ଏହି ଉଦ୍ଦେଶ୍ୟରେ ଆମେ PM WANI WI-FI ଆପଣେଇଛୁ, ଯାହା ଡିଜିଟାଲ୍ ବିଭେଦ ଦୂର କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରେ।

୯. **ବିଜ୍ଞାନ ରେସିଡେନ୍ସିଆଲ୍ କଲେଜ୍ ଖୋଲିବାର ଆପଣଙ୍କର ମାତ୍ର ୧୦ ବର୍ଷର ଅଭିଜ୍ଞତା, କିନ୍ତୁ ଏବେ ଅନ୍ୟ ଘରୋଇ କଲେଜଠାରୁ ଆପଣଙ୍କର ରେଜଲ୍ଟ ଆଶାତୀତ, ଏ ବିଷୟରେ କଣ କହିବେ?**

- ଏହାର ରହସ୍ୟ ହେଉଛି ଆମର ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବର୍ଷ ଅଳ୍ପ ହେଲେ ବି ଆମେ ଗୁଣାତ୍ମକ ଶିକ୍ଷା, ଉତ୍କୃଷ୍ଟ ଫ୍ୟାକଲ୍ଟି, ଛାତ୍ରମାନଙ୍କୁ ବ୍ୟକ୍ତିଗତ ଧ୍ୟାନ ଏବଂ ଏକ ଅନୁକୂଳ ଶିକ୍ଷଣ ବାତାବରଣ ଉପରେ କେବଳ ଧ୍ୟାନ ଦେଇଆସିଛୁ। ଆମର ଫଳାଫଳ ହେଉଛି ଆମ ଛାତ୍ର ଓ ଶିକ୍ଷକଙ୍କ ସମ୍ମିଧାନର ଫଳ। ଆମେ ଶିକ୍ଷାର ଗୁଣବତ୍ତାକୁ ପରିମାଣ ଉପରେ ପ୍ରାଧାନ୍ୟ ଦେଉଛୁ, ଏବଂ ଫଳାଫଳ ସ୍ୱୟଂଭାବେ ଭଲ ହୋଇଆସୁଛି।

୧୦. **ଚଳିତ ବର୍ଷ ଆପଣଙ୍କ ଇନଷ୍ଟିଚ୍ୟୁସନ୍‌ର ଯୁକ୍ତ ୨ ବିଜ୍ଞାନ ଟପ୍ପର, ଏ ଶ୍ରେୟ କାହାକୁ ଦେବେ?**

- ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆମର ମେଧାବୀ ଛାତ୍ର, ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା ଏବଂ ତା'ସହିତ ଆମର ଶିକ୍ଷକମାନଙ୍କର ଅନନ୍ୟ ତ୍ୟାଗ, ଯୋଗ୍ୟ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କର ଅବିଚଳିତ ସହଯୋଗ ମଧ୍ୟ ଏହି ସଫଳତାର ମୂଳ କାରଣ। ଏହା ଏକ ସାମୂହିକ ଉପଲବ୍ଧି ଏବଂ ଶ୍ରେୟ ସମସ୍ତଙ୍କୁ ଯାଏ।

୧୧. **ବିଭିନ୍ନ ଘରୋଇ କଲେଜରେ ଫାକଲ୍ଟି ପ୍ରାୟତଃ ଶିକ୍ଷା ବର୍ଷ ପୂର୍ବରୁ ବଦଳିଯାଆନ୍ତି, କିନ୍ତୁ ଏଥିରେ ଆପଣଙ୍କ ବ୍ୟତିକ୍ରମ ଘଟିଛି, ପ୍ରତ୍ୟେକ ଫାକଲ୍ଟି ପାଇଁ କେତେ ଜଣ ଅଧ୍ୟାପିକା/ ଅଧ୍ୟାପକ ନିଯୁକ୍ତି ଦେଇଥାନ୍ତି?**

- ଆମେ ବିଶ୍ୱାସ କରୁ ଯେ ଶିକ୍ଷକଙ୍କ ସ୍ଥିରତା ଛାତ୍ରମାନଙ୍କ ଶିକ୍ଷାର ଗୁଣବତ୍ତା ପାଇଁ ଅତ୍ୟନ୍ତ ଜରୁରୀ। ଆମେ ଆମର ଶିକ୍ଷକମାନଙ୍କୁ କେବଳ ଏକ କର୍ମଚାରୀ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ଭାବରେ ଦେଖୁ ଆମେ ସେମାନଙ୍କୁ ଉତ୍ତମ ବେତନ, ସୁବିଧା, ସମ୍ମାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟବାତାବରଣ ପ୍ରଦାନ କରୁ ଫଳରେ, ଶିକ୍ଷକମାନଙ୍କ ମଧ୍ୟରେ ଚାକିରି ଛାଡ଼ିବାର ହାର ଅତ୍ୟନ୍ତ କମ୍। ପ୍ରତ୍ୟେକ ବିଭାଗ ପାଇଁ ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷକ-ଛାତ୍ର ଅନୁପାତ (Faculty-Student Ratio) ବଜାୟରଖୁ, ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ରଙ୍କୁ ଯଥେଷ୍ଟ ଧ୍ୟାନ ମିଳେ।

୧୨. **ଆଜିକାଲିର ସାଂପ୍ରତିକ ପରିସ୍ଥିତିରେ ଶିକ୍ଷାର ଗାଇଡଲାଇନ୍, ଯାହା ଆପଣଙ୍କ ଶିକ୍ଷାନୁଷ୍ଠାନର ଅନୁଶାସନ କିଭଳି?**

- ଆଜିର ପରିବେଶରେ ଅନୁଶାସନ କେବଳ ନିୟମ କାନୁନର ବିଷୟ ନୁହେଁ, ବରଂ ଏହା ଛାତ୍ରମାନଙ୍କ ସହିତ ସଂଯୋଗ ଓ ବାର୍ତ୍ତାଳାପ ଉପରେ ଆଧାରିତ ଆମର ଅନୁଶାସନ ପଦ୍ଧତି ସ୍ପଷ୍ଟ, ପାରଦର୍ଶୀ ଏବଂ ନ୍ୟାୟପୂର୍ଣ୍ଣ। ଛାତ୍ରମାନେ ଯେ କୌଣସି ସମସ୍ୟା ନେଇ ସିଧାସଳଖ ଆମ ସହିତ ଆଲୋଚନା କରିପାରନ୍ତି। ଆମେ ଛାତ୍ରମାନଙ୍କୁ ନୈତିକ ମୂଲ୍ୟବୋଧ, ଅନୁଶାସନ ଓ ସ୍ୱାଧୀନତାର ସନ୍ତୁଳନ ଶିଖାଉଛୁ ଆମର ଲକ୍ଷ୍ୟ ହେଉଛି ଏକ ଅନୁଶାସିତ କିନ୍ତୁ ଭୟମୁକ୍ତ ବାତାବରଣ ସୃଷ୍ଟି କରିବା, ଯେଉଁଠାରେ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଶିଖିପାରିବେ ଏବଂ ବଢ଼ିପାରିବେ।

୧୩. **କିସ୍ ଭଳି ଅନ୍ତର୍ଜାତୀୟ ଘରୋଇ କଲେଜରେ ବହୁବାର ରାଗିଂର ଅଭିଯୋଗ ଆସିଛି। ଆପଣଙ୍କ ଇନଷ୍ଟିଚ୍ୟୁଟ୍ରେ ଏଭଳି ଘଟଣା ନ ଘଟିବ ବୋଲି କଣ ଗ୍ୟାରେଣ୍ଟି ଦେଇପାରିବେ?**

- ହଁ, ମୁଁ ଦୃଢ଼ତାର ସହିତ କହିପାରିବି ଯେ ଆମ ଅନୁଷ୍ଠାନରେ ରାଗିଂ ନାମକ ଜିନିଷଟି ପ୍ରାୟ ଅସ୍ତିତ୍ୱହୀନ। ଏହାର ପ୍ରମାଣ ହେଉଛି ଆମର ଅତୀତର ନିର୍ବିବାଦ ଇତିହାସ। ଆମର ଗ୍ୟାରେଣ୍ଟି ହେଉଛି ଆମର ପ୍ରତିଷ୍ଠା ଓ ମୂଲ୍ୟବୋଧ ଆମେ ଛାତ୍ରମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ସମ୍ମାନ ଓ ସହଯୋଗକୁ ପ୍ରୋତ୍ସାହିତ କରୁଛୁ ଆମର ଶିକ୍ଷକ ଓ ଷ୍ଟାଫ୍ ସର୍ବଦା ସଚେତନ ରହନ୍ତି ଏବଂ ହଷ୍ଟେଲରେ ସିସିଟିଭି ଓ ନିୟମିତ ପରିଦର୍ଶନ ରହିଥାଏ। କୌଣସି ପ୍ରକାରର ଉପୀଡ଼ନକୁ କଠୋର ଭାବରେ ଦଣ୍ଡିତ କରାଯାଏ।

୧୪. **ହଷ୍ଟେଲକୁ 'ହୋମ୍ ଫାର୍ ଫ୍ରମ୍ ହୋମ୍' ବୋଲି କହିବାର ଉଦ୍ଦେଶ୍ୟ କଣ?**

- 'ହୋମ୍ ଫାର୍ ଫ୍ରମ୍ ହୋମ୍'ର ଅର୍ଥ ହେଉଛି ଏକ ଘର ଯାହା ଆପଣାର ଘର ଭଳି, କିନ୍ତୁ ଘର ନୁହେଁ। ଆମର ଉଦ୍ଦେଶ୍ୟ ହେଉଛି ହଷ୍ଟେଲକୁ ଏକ ନିରାପଦ, ଆରାମଦାୟକ ଓ ସ୍ନେହପୂର୍ଣ୍ଣ ବାତାବରଣରେ ପରିଣତ କରିବା, ଯେଉଁଠାରେ ଛାତ୍ରମାନେ ନିଜକୁ ଘରେ ଥିବା ଭଳି ଅନୁଭବ କରିପାରିବେ। ଏଠାରେ ସେମାନେ ପାରିବାରିକ ସମ୍ପର୍କ ଗଢ଼ିପାରିବେ, ଏକାଠି ରହିବା ଶିଖିବେ ଏବଂ ଜୀବନର ଅମୂଲ୍ୟ ସମୟ ଅତିବାହିତ କରିପାରିବେ। ଏହି ଆତ୍ମୀୟତା ଓ ସୁରକ୍ଷିତ ଅନୁଭୂତି ହେଉଛି ଆମର ଲକ୍ଷ୍ୟ

୧୫. **ଆପଣଙ୍କ ସ୍କୁଲ୍ କେବଳ କ୍ୟାରିଅର୍ ଏକାଡେମିକ୍ ପିଲାଙ୍କୁ ପ୍ରାଧାନ୍ୟ ଦେଇନାହିଁ, ବରଂ କମ୍ ମାର୍କ ରଖୁଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟରେ ସୁଯୋଗ ଦେଇ ଟପ୍ପର କରାଇ ପାରୁଛନ୍ତି? ଏହା କିଭଳି ସମ୍ଭବ ହେଉଛି?**

- କାରଣ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାର ଏକ ଅନନ୍ୟ ପ୍ରତିଭା ଅଛି। କେବଳ ଏକାଡେମିକ୍ ମାର୍କ ଦ୍ୱାରା ଏକ ପିଲାର ସମ୍ଭାବନାକୁ ଆସେସ୍ କରିହୁଏ ନାହିଁ। ଆମେ ପ୍ରତ୍ୟେକ ଛାତ୍ରଙ୍କ ଶକ୍ତି କ୍ଷେତ୍ରକୁ ଚିହ୍ନଟ କରି ସେଥିପାଇଁ ବିଶେଷ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କରୁ। ଯେଉଁ ଛାତ୍ର ଏକାଡେମିକ୍ସରେ ଦୁର୍ବଳ, ସେ ହୋଇପାରେ କଳା, ସଙ୍ଗୀତ, କ୍ରୀଡ଼ା, ନେତୃତ୍ୱ ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀ। ଆମେ ସେହି ପ୍ରତିଭାକୁ ଚିହ୍ନଟ କରି ତାକୁ ଉନ୍ନତ କରିବାରେ ସାହାଯ୍ୟ କରୁ ଏହି ବ୍ୟକ୍ତିଗତ ଧ୍ୟାନ ଓ ପ୍ରୋତ୍ସାହନ ଦ୍ୱାରା ଅନେକ ଛାତ୍ର ଆଶ୍ଚର୍ଯ୍ୟଜନକ ଉନ୍ନତି କରିଛନ୍ତି।

୧୬. **ବିଦ୍ୟାର୍ଥୀଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପାୟନ ଦେବାରେ ଆପଣ କେତେ ସଫଳ?**

- ଆମେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ ଏବଂ ଆମକୁ ଯଥେଷ୍ଟ ସଫଳତା ମଧ୍ୟ ମିଳିଛି। ଆମେ ଛାତ୍ରମାନଙ୍କୁ ସାଇନ୍ସ ଏକ୍ଜିବିସନ୍, ପ୍ରୋଜେକ୍ଟ କମ୍ପିଟିସନ୍, ଇନୋଭେସନ୍ ୱର୍କସପ୍ ଆଦି ଆୟୋଜନ କରୁଛୁ ଆମର ଛାତ୍ରମାନେ ନିଜର ଆବିଷ୍କାର ଓ ପ୍ରୋଜେକ୍ଟ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କାର ମଧ୍ୟ ପାଇଛନ୍ତି। ଆମର ଲକ୍ଷ୍ୟ ହେଉଛି ଏକ ଅନୁପ୍ରାଣିତ କରୁଥିବା ବାତାବରଣ ସୃଷ୍ଟି କରିବା, ଯାହା ଛାତ୍ରମାନଙ୍କୁ ନୂତନତା ହାସଲ କରିବାକୁ ଉତ୍ସାହିତ କରେ

୧୭. **ସ୍କୁଲ୍ ସହିତ ଆପଣଙ୍କ ଯାତ୍ରାର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ କଣ?**

- ଆମର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ସ୍ମରଣୀୟ। କିନ୍ତୁ ୧୯୯୯ ମସିହାରେ କଟକରେ ଥିବା ଏକ ଛୋଟ କୋଠରୀରେ ଆମର ପ୍ରଥମ କମ୍ପ୍ୟୁଟର୍ ସେଣ୍ଟର୍ ଖୋଲିବାର ମୁହୂର୍ତ୍ତ, ସବୁଠାରୁ ସ୍ୱତନ୍ତ୍ର ସେହି ଛୋଟ ଆରମ୍ଭ, ଯେଉଁଠାରେ କେବଳ କିଛି କମ୍ପ୍ୟୁଟର୍ ଓ ଏକ ବୃହତ ସ୍ୱପ୍ନ ଥିଲା, ତାହା ଆଜି ଏହି ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି। ପ୍ରତ୍ୟେକ ବର୍ଷ ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ପାସ୍ କରାଇବା, ପ୍ରଥମ କଲେଜ୍ ଖୋଲିବା, ଏବଂ ପ୍ରତ୍ୟେକ ଛାତ୍ରଙ୍କ ସଫଳତାର ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ।

୧୮. **ସ୍କୁଲ ବିକାଶ ପ୍ରଗତିରେ ଅଭିଭାବକ ମାନଙ୍କର ଭୂମିକା କଣ ରହିବା ଆବଶ୍ୟକ?**

- ଅଭିଭାବକମାନେ ଆମର ଅଭିନ୍ନ ଅଂଶ। ସେମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ବିନା ଆମର ସଫଳତା ସମ୍ଭବ ନଥାନ୍ତା। ଅଭିଭାବକଙ୍କର ଭୂମିକା କେବଳ ଫୀ ଦେବା ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ନିୟମିତ PTA (Parent-Teacher Association) ମିଟିଂ ଆୟୋଜନ କରି ଛାତ୍ରମାନଙ୍କ ଅଗ୍ରଗତି ଓ ସମସ୍ୟା ନେଇ ଆଲୋଚନା କରୁ ଅଭିଭାବକମାନଙ୍କର ମୂଲ୍ୟବାନ ପରାମର୍ଶ ଆମର ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ। ଏକତ୍ରିତ ଭାବରେ ଆମେ ଛାତ୍ରମାନଙ୍କ ଭଲପାଇଁ କାମ କରିପାରୁ।

୧୯. **ଅଧ୍ୟକ୍ଷ ଭାବରେ ଆପଣଙ୍କ ସାମ୍ନାରେ ଆସିଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କଣ ଥିଲା? ତାକୁ କିଭଳି ସାମ୍ନା କରିଥିଲେ?**

- ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଥିଲା ଆରମ୍ଭର ଦିନଗୁଡିକରେ ସୃଜନଶୀଳ ହେବା ସହିତ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା। ସୀମିତ ସମ୍ବଳ ଥାଇ ମଧ୍ୟ ଶିକ୍ଷାର ଗୁଣବତ୍ତାକୁ କମ୍ କରିନଥିଲୁ ଏହାକୁ ସାମ୍ନା କରିବା ପାଇଁ ଆମେ ଆମର ଅଧିକାଂଶ ଲାଭକୁ ପୁନର୍ବିନିଯୋଗ କରିଛୁ, ଉତ୍ତମ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରଖିବାକୁ ଚେଷ୍ଟା କରିଛୁ, ଏବଂ ଧୀରେ ଧୀରେ ଆମର ପ୍ରସାର କରିଛୁ। ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଓ ଏକ ନିଷ୍ଠାବାନ ଟିମ୍ ଏହି ସବୁ ଚ୍ୟାଲେଞ୍ଜ୍ ମୁକାବିଲା କରିବାରେ ସାହାଯ୍ୟ କରିଛି!

୨୦. **ଆଜିର ଛାତ୍ରମାନଙ୍କ ପାଇଁ ଆପଣଙ୍କର କଣ ପରାମର୍ଶ ରହିବ?**

**ମୋର ପରାମର୍ଶ ହେବ ଯେ, ତୁମେ କେବଳ ଏକାଡେମିକ୍** ରେକର୍ଡ଼ ସୃଷ୍ଟି କରିବା ଉପରେ ଧ୍ୟାନ ଦିଅ ନାହିଁ, ବରଂ ଏକ ସମୃଦ୍ଧ ବ୍ୟକ୍ତିତ୍ୱ ଗଠନ କରା ନିଜର କୌତୁହଳ ଓ ପସନ୍ଦକୁ ଅନୁସରଣ କର, ନୂଆ ଜିନିଷ ଶିଖିବାକୁ କେବେହେଲେ ଭୟ କର ନାହିଁ ନୈତିକତା ଓ ସଚ୍ଚୋଟତା ଠାରୁ କେବେହେଲେ ବିଚ୍ୟୁତ ହୁଅ ନାହିଁ। ପ୍ରଯୁକ୍ତିବିଦ୍ୟାକୁ ଏକ ସାଧନ ଭାବରେ ବ୍ୟବହାର କର, କିନ୍ତୁ ମାନବୀୟ ମୂଲ୍ୟବୋଧକୁ କେବେହେଲେ ଅଣଦେଖା କର ନାହିଁ। ତୁମର ପରିବାର, ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱକୁ ସବୁଦିନ ସ୍ମରଣ ରଖ।

# ସମ୍ପାଦକୀୟ



ଶିଶୁମାନେ ବିଶ୍ୱର ସବୁଠାରୁ ମୂଲ୍ୟବାନ ସମ୍ପଦ।

- ଜେ ଏଫ୍. କେନେଡ଼ି

ସକାଳ
THE SAKALA

## ଗଣତନ୍ତ୍ରରେ ଗୋଳ

କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚିତ ସରକାରମାନେ ଜନଆକ୍ରୋଶର ଶିକାର ହୋଇ ଗାଦିଚ୍ୟୁତ ହେଉଥିବା ଧାରାକୁ ଦେଖିଲେ ଲାଗୁଛି ଗଣତନ୍ତ୍ରକୁ ସତେଯେମିତି ଗ୍ରହଣ ଲାଗିଛି। ୨୦୨୨ରେ ଶ୍ରୀଲଙ୍କାରୁ ଆରମ୍ଭ ହୋଇଥିବା ଶାସକ ବିରୋଧୀ ଜନଆକ୍ରୋଶର ଧାରା କ୍ରମେ ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ପରେ ଏବେ ବିକଶିତ ରାଷ୍ଟ୍ର ଫ୍ରାନ୍ସରେ ପହଞ୍ଚିଲାଣି।

ଉପରୋକ୍ତ ଗଣତାନ୍ତ୍ରିକ ଦେଶରେ ଯାହା ଘଟୁଛି ସେ ସବୁ ପଛରେ କେବଳ ଆମେରିକା କିମ୍ବା ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟର ଷଡ଼ଯନ୍ତ୍ରକୁ ଦାୟୀ କଲେ ହେବ ନାହିଁ। ବିଗତ କିଛିବର୍ଷର ଘଟଣାକ୍ରମକୁ ଲକ୍ଷ୍ୟ କଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ପରିବାରବାଦ ଓ ଗୋଷ୍ଠୀବାଦର ପ୍ରଭାବ ଏବଂ ତଦ୍‌ଜନିତ ଦୁର୍ନୀତି ଓ ଭ୍ରଷ୍ଟାଚାରର ସାମଞ୍ଜସ୍ୟଟି ଜଳଜଳ ଦିଶୁଛି। ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ଆଦି ଦେଶର ସାମାଜିକ-ଅର୍ଥନୈତିକ ବ୍ୟବସ୍ଥା ଫ୍ରାନ୍ସଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଅଥଚ ଜନଆକ୍ରୋଶ, ବିଦ୍ରୋହ ପଛର କାରଣ ସମାନ। ଦକ୍ଷିଣ ଏସିଆର ଉପରୋକ୍ତ ବିକାଶଶୀଳ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଶାସନ ବିରୋଧୀ ଜନଆକ୍ରୋଶ ପଛରେ ବେରୋଜଗାର, ଦରଦାମ ବୃଦ୍ଧି, ମୌଳିକ ସୁବିଧା ସଯୋଗର ସଂକୋଚନ ଆଦି ଯୋଡ଼ି ହୋଇଥିବାରୁ ବାହ୍ୟଶକ୍ତିର ପ୍ରରୋଚନରେ ସରକାର ବିରୋଧୀ ବିପ୍ଳବ ମୁଣ୍ଡ ଟେକିଥିବା ଅଭିଯୋଗକୁ ସ୍ୱୀକାର କରାଯାଇପାରେ। କିନ୍ତୁ ବିକଶିତ ରାଷ୍ଟ୍ର ଫ୍ରାନ୍ସର ଜନତା ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ରୋଜଗାର ଆଦି ସବୁକ୍ଷେତ୍ରରେ ବହୁ ଆଗୁଆ। ତେଣୁ ସେମାନେ ଯେ କୌଣସି ବାହ୍ୟଶକ୍ତିର ପ୍ରରୋଚନରେ ସରକାରୀ ବିରୋଧୀ ବିକ୍ଷୋଭ ପାଇଁ ବହୁମୂଲ୍ୟ ସମୟ ଅପଚୟ କରିବେ ସେ ବିଶ୍ୱାସ ଆପାତତଃ ଆସୁନାହିଁ। ଘଟଣାକ୍ରମର ଆଉ ଏକ ସାମଞ୍ଜସ୍ୟ ହେଲା କ୍ଷମତା ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଜେନ୍-ଜେଡ୍ ବା ଛାତ୍ରସମାଜ। ଯେତେବେଳେ ଛାତ୍ରସମାଜ ଆନ୍ଦୋଳନକୁ ଓହ୍ଲାନ୍ତି ସେତେବେଳେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ମୌଳିକ ସାମାଜିକ-ଅର୍ଥନୈତିକ ଭିତ୍ତିଭୂମି ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଯାଏ, ଯେଉଁଥିରୁ ଦ୍ରୁତଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପାଇଥିବା ବାଂଲାଦେଶ ଅଦ୍ୟାବଧି ମୁକୁଳି ପାରିନାହିଁ।

ଶ୍ରୀଲଙ୍କାରେ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ପରିବାର ଗଣତନ୍ତ୍ରକୁ ପରିବାରତନ୍ତ୍ରରେ ପରିଣତ କରିଦେଇଥିବା ବେଳେ ଲୋକଙ୍କ ସମସ୍ୟା ସମାଧାନ ଗୌଣ ହୋଇପଡ଼ିଥିଲା। ଅଦୂରଦର୍ଶୀ ନୀତି ଯୋଗୁଁ ଦେଶ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଶୂନ୍ୟପ୍ରାୟ ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାର ଯୋଗୁଁ ଲୋକଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଏପରିକି ଖାଦ୍ୟ ଯୋଗାଇବାରେ ସେଠାକାର ସରକାର ବିଫଳ ହେଲେ। ଅର୍ଥନୈତିକ ଓ ମାନବିକ ସଙ୍କଟ ଜନଆକ୍ରୋଶରେ ପରିଣତ ହେଲା। ଲୋକେ ଆଇନ ହାତକୁ ନେଲେ। ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷେ ଓ ଶେଷରେ ରାଷ୍ଟ୍ରପତି କ୍ଷମତାଚ୍ୟୁତ ହେଲେ। ବାଂଲାଦେଶରେ ନିଯୁକ୍ତି କ୍ଷେତ୍ରରେ ମାତ୍ରାଧିକ ସଂରକ୍ଷଣ ଘୋଷଣା ଛାତ୍ରସମାଜକୁ ଉତ୍‌କ୍ଷିପ୍ତ କଲା ଏବଂ ତଦ୍‌ଜନିତ ହିଂସା ଅପ୍ରତିଦ୍ୱନ୍ଦ୍ୱୀ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ସହିତ ଦେଶଛାଡ଼ି ପଳାୟନ କରିବାକୁ ବାଧ୍ୟ କଲା। ଗଣତାନ୍ତ୍ରିକ ରାଷ୍ଟ୍ର ଇଣ୍ଡୋନେସିଆରେ ବେରୋଜଗାରୀ ଓ ଦରଦାମ ବୃଦ୍ଧି ପାଉଥିବା ବେଳେ ନିର୍ବାଚିତ ଜନପ୍ରତିନିଧିମାନେ ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧି କରିନେଲେ। ଜନକଲ୍ୟାଣ ପରିପନ୍ଥୀ ଏହି ନିଷ୍ପତ୍ତିରେ ସ୍ୱାଭାବିକ ଭାବେ ଜନଆକ୍ରୋଶ ହିଂସାର ରୂପ ନେଲା। ନେପାଳରେ ଶାସକ ବର୍ଗର କ୍ରମାଗତ ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ ବିରୋଧରେ ଜନତାଙ୍କ ସହନଶୀଳତା ଯେତେବେଳ ସୀମା ଲଂଘିଲା, ନାଗରିକମାନେ ନିଜ ଜୀବନକୁ ବାଜି ଲଗାଇବାକୁ ମଧ୍ୟ ଡରିଲେ ନାହିଁ। ଶେଷରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଇସ୍ତଫା ଦେଲେ। ଦଳୀୟ ଶାସନ ବ୍ୟବସ୍ଥା ଉପରୁ ଆସ୍ଥା ହରାଇ ନେପାଳୀମାନେ ସମ୍ବିଧାନ ପରିବର୍ତ୍ତନ ଓ ଅଣ-ରାଜନୈତିକ ଦଳର ବ୍ୟକ୍ତିତ୍ୱଙ୍କୁ ଶାସନ ମୁଖ୍ୟ ଭାବେ ଉପସ୍ଥାପନ କରିବାକୁ ଚାହୁଁଛନ୍ତି।

ଏସବୁର ଊର୍ଦ୍ଧ୍ୱରେ ପ୍ରଶ୍ନ ଉଠୁଛି ବିଜ୍ଞାନ, କାରିଗରୀ, ଅର୍ଥନୀତି ସମୃଦ୍ଧ ବିକଶିତ ରାଷ୍ଟ୍ର ଫ୍ରାନ୍ସର ସ୍ଥିତି ଏପରି କ'ଣ ହେଲା ଯେ ଋଣପାହାଡ଼ର ଆକାର ସମେତ ବଜେଟ୍ ନିଅଣ୍ଟ ପରିମାଣ ବଢ଼ିଚାଲିଲା? ଏହାପଛରେ ଥିଲା ମନ୍ତ୍ରିପରିଷଦର ତ୍ରୁଟିପୂର୍ଣ୍ଣ ଓ ଆତ୍ମକେନ୍ଦ୍ରିକ ନୀତି। ଋଣଦାତା ଓ ସାମରିକ ବାହିନୀ ହାତକୁ ଦେଶ ଚାଲିଯିବାର ଆଶଙ୍କା ସହିତ ରାଷ୍ଟ୍ରୀୟ ସ୍ୱାଧୀନତା, ନାଗରିକଙ୍କ ଭବିଷ୍ୟତ, ଲୋକସେବା, ସାମାଜିକ ବ୍ୟବସ୍ଥାକୁ ନେଇ ସନ୍ଦିହାନ ହୋଇପଡ଼ିଥିବା ନାଗରିକ ଶେଷରେ ଅତିଷ୍ଠ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସେହି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗତ ୨୦ ମାସ ଭିତରେ ତିନି ଜଣ ପ୍ରଧାନମନ୍ତ୍ରୀ ପରିବର୍ତ୍ତନ ହୋଇଥିବା ବେଳେ ଧାରାରେ ଚତୁର୍ଥ ପ୍ରଧାନମନ୍ତ୍ରୀ ଭାବେ ସଦ୍ୟତମ ସାମିଲ୍ ହୋଇଛନ୍ତି ଫାଙ୍କସ୍ୱା ବାଇରୋ। ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଧାରାରେ ସାମିଲ୍ ହୋଇଛି ଆଉ ଏକ ବିକଶିତ ଗଣତାନ୍ତ୍ରିକ ରାଷ୍ଟ୍ର ଜାପାନ୍। ସେଠାରେ ୧୯୯୫ରୁ କ୍ରମାଗତ କ୍ଷମତାସୀନ ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି ଆର୍ଥିକ ପରିଚାଳନାରେ ଅନିୟମିତତା, ନିଯୁକ୍ତି ଓ ମଜୁରୀ ବୃଦ୍ଧିରେ ସ୍ଥାଣୁତା, ଶ୍ରମିକ ସଂଖ୍ୟା ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଜନସାଂଖ୍ୟିକ ବୈଷମ୍ୟ ଯୋଗୁଁ ସମାଲୋଚିତ ହୋଇଆସୁଛି। ଶାସନତନ୍ତ୍ରରେ ଦୁର୍ନୀତି ନାଗରିକଙ୍କୁ ଏତେ ଅତିଷ୍ଠ କଲା ଯେ ୨୦୨୨ ଜୁଲାଇରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୁ ଆବେଙ୍କୁ ଏକ ସାଧାରଣ ସଭାରେ ଗୁଳି କରି ହତ୍ୟା କରାଗଲା। ଶାସକ ଦଳର ୪୫ ଜଣ ନୀତି ନିର୍ଦ୍ଧାରକଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି ଏବଂ ଦୁର୍ନୀତି ଯୋଗୁଁ ଜାପାନ୍ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତିର ମାନ୍ୟତା ହରାଇଛି।

ଏକଛତ୍ରବାଦ ଓ ସ୍ୱୈରଚାର ଆକ୍ରାନ୍ତ ରାଜତନ୍ତ୍ରର ସର୍ବୋଚ୍ଚ ବିକଳ୍ପ ଭାବେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱାଦୃତ ହୋଇଥିଲା। କିନ୍ତୁ ଏବେ କ୍ରମଶଃ ଗଣତନ୍ତ୍ର ଏହାର ମୂଳ ମହତ୍ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ଅନୁଭୂତ ହେଉଛି। ଗଣତନ୍ତ୍ର ଲୋକଙ୍କ ଶାସନ - ଏହା କେବଳ ସଜ୍ଞାରେ ସୀମିତ ରହିଯାଇଛି। ଲୋକଙ୍କ ଦ୍ୱାରା ଗଠିତ ଏହି ଶାସନ ବ୍ୟବସ୍ଥା ଆଉ ଲୋକଙ୍କ ପାଇଁ ହୋଇ ଆଉ ରହିନାହିଁ। ତେଣୁ ଜନଆକ୍ରୋଶ ବିକ୍ଷୋଭର ରୂପ ନେଉଛି। ପ୍ରାକ୍-ବିଶ୍ୱଯୁଦ୍ଧ ଇତିହାସ କଡ଼ ଲେଉଟାଉଛି। ସବୁଠାରୁ ଉଦ୍‌ବେଗଜନକ ହେଉଛି ଗଣତନ୍ତ୍ରର ମୂଳାଧାର ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟି ଯାଇଥିବା ଭଳି ହୃଦ୍‌ବୋଧ ହେଉଛି। ଏହା ହିଁ ଗଣତନ୍ତ୍ରର ସବୁଠାରୁ ବଡ଼ ବିପର୍ଯ୍ୟୟ।।

## ଏକ କର୍ମଯୋଗୀ ସାମର୍ଥ୍ୟ ଆୟୋଗ ସପକ୍ଷରେ

**ମନୋରଞ୍ଜନ ମହାନ୍ତି**

ଚତୁର୍ଦ୍ଦିଗରେ ଠକାମି, ଅପାରଗତା, ଅବହେଳା, ଦୁର୍ଭାଗ୍ୟ, ଦୁଃସ୍ଥିତିର ପରିବେଶ। ଅପରପକ୍ଷରେ ପ୍ରଚଳିତ ମାନବସମ୍ବଳ ବିନିଯୋଗ ପଦ୍ଧତି ବୌଦ୍ଧିକ, ସାମାଜିକ, ଆଧ୍ୟାତ୍ମିକ ମାନସମ୍ପନ୍ନ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ଉପଯୋଗ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୁଏ। ପ୍ରଚଳିତ ବ୍ୟବସ୍ଥାରେ ନିଷ୍କର୍ମାମାନଙ୍କ ଦ୍ୱାରା ସ୍ୱାୟତ୍ତତା ଓ ଉତ୍ତରଦାୟିତ୍ୱ ନଷ୍ଟ ହେଉଛି। ଅପରପକ୍ଷରେ କର୍ମଠମାନଙ୍କର କାର୍ଯ୍ୟଭାର ଚାପ ବଢ଼ିଚାଲିଛି। କିଛି ବିଭାଗରେ ଅନେକ କାମ ହୋଇପାରୁ ନାହିଁ। ଆଉ କିଛି ବିଭାଗରେ କାମ ନଥାଇ କର୍ମଚାରୀମାନେ ବସିରହୁଛନ୍ତି। ଏହି ପୃଷ୍ଠଭୂମିରେ ରାଜଧାନୀ ଦିଲ୍ଲୀରେ ୫୧ଟି ମନ୍ତ୍ରାଳୟ ୨୫କୁ, ୧୦୦ରୁ ଊର୍ଦ୍ଧ୍ୱ ବିଭାଗ ୫୦କୁ ଖସାଇ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ଭାରତରେ ଏପରି ଏକ ଲୋକସେବା ଆବଶ୍ୟକ, ଯାହା ଉଭୟ ସୃଜନଶୀଳ (କ୍ରିଏଟିଭ୍) ଓ ଲକ୍ଷ୍ୟ ପ୍ରାପ୍ତିରେ ସହାୟକ ବା ଅନୁକୂଳ (ଷ୍ଟ୍ରାଟେଜିକ୍) ହୋଇଥିବ। ତେଣୁ 'ସାମର୍ଥ୍ୟ ଗଠନ ଆୟୋଗ' ଏକ ଅଭିନବ ମହତ ପରିକଳ୍ପନା, ଯାହା ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି, ଗଠନ, ପ୍ରଶିକ୍ଷଣ, କାର୍ଯ୍ୟ ପରିଚାଳନା, ବେତନ, ସଂସ୍କୃତି ଜରିଆରେ ସଂସ୍କାରଗୁଡ଼ିକୁ ସଂହତ କରାଇ କର୍ମଚାରୀମାନଙ୍କୁ କର୍ମଯୋଗୀରେ ପରିଣତ କରିବାର ଲକ୍ଷ୍ୟ ରଖେ। ଏହା ଉତ୍କର୍ଷ ସମ୍ବଳକୁ ଆକର୍ଷଣ କରେ କିମ୍ବା ସମ୍ବଳ ଉତ୍କର୍ଷକୁ ଆକର୍ଷଣ କରେ ଜାଣିବା ଅସମ୍ଭବ, କିନ୍ତୁ ଯଦି ପ୍ରତିଯୋଗିତା, ନବୀନ ପରିକଳ୍ପନା/ପଦ୍ଧତି, ବିଶେଷଜ୍ଞାନ ପ୍ରାପ୍ତି, ପରୀକ୍ଷଣ, ପରିବର୍ତ୍ତନ ପ୍ରତି ସମ୍ବେଦନଶୀଳତା ମାଧ୍ୟମରେ ଉଭୟ ଉତ୍କର୍ଷ ଓ ସମ୍ବଳ କାର୍ଯ୍ୟ କରନ୍ତି, ତଦ୍ଦ୍ୱାରା ଯାଦୁକରୀ ଫଳ ପ୍ରାପ୍ତି ହୁଏ। ଆନି ମ୍ୟାରୀ ସ୍ଲଟର୍ ସ୍ୱରଚିତ ପୁସ୍ତକ 'ଦି ଚେସ୍ ବୋର୍ଡ ଆଣ୍ଡ ଦି ୱେବ୍'ରେ ଦର୍ଶାଇଛନ୍ତି ଯେ ଲୋକ ସେବା(ସିଭିଲ୍ ସର୍ଭିସ୍)ରେ ପରିଚାଳନାଗତ ଦକ୍ଷତା ପାଇଁ ବ୍ୟକ୍ତି ସଦ୍ୟତମ ସୂଚନା ପ୍ରାପ୍ତ ହେବା ଏବଂ ତା'ର ମନ ଆଧୁନିକ ଜ୍ଞାନର ନବୀନତମ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ଉଚିତ।

ମନେ କରାଯାଉ ଜଣେ ସାଧାରଣ ଲୋକ ନିଜର କୌଣସି କାର୍ଯ୍ୟ ଉଦ୍ଦେଶ୍ୟରେ ଗୋଟେ ଦପ୍ତରକୁ ଯାଉଛନ୍ତି। ସମୟକ୍ରମେ ଭେଟୁଛନ୍ତି ଚାରିଜଣଙ୍କୁ: ଫାଟକରେ ନିରାପତ୍ତାରକ୍ଷୀ, ତା'ପରେ ଅଭ୍ୟର୍ଥନାକାରୀ, ପ୍ରକୋଷ୍ଠରେ ସଂପୃକ୍ତ ଅମଲା, କ୍ୟାବିନ୍ ଭିତରେ ମୁଖ୍ୟ କାର୍ଯ୍ୟନିର୍ବାହୀ। ଅଭ୍ୟର୍ଥନାକାରୀ ବସୁଥିବା ସ୍ଥାନରେ ଲେଖାହୋଇଛି 'ଡିଉଟି ଇଜ୍ ଗଡ୍' (କର୍ତ୍ତବ୍ୟ ହିଁ ଈଶ୍ୱର), ସଂପୃକ୍ତ ଅମଲାଙ୍କ ପ୍ରକୋଷ୍ଠ କାନ୍ଥରେ କାର୍ଡବୋର୍ଡଟିଏ ଟଙ୍ଗାଯାଇଛି, ଯେଉଁଥିରେ ଲେଖାଯାଇଛି- 'ୱାର୍କ ଇଜ୍ ୱରସିପ୍'(କର୍ମ ହିଁ ଉପାସନା), ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ କ୍ୟାବିନ୍ ଭିତରେ ଲେଖାଅଛି 'ଶ୍ରଦ୍ଧା ସବୁରୀ'। କିନ୍ତୁ ସାଧାରଣ ଲୋକ ଲକ୍ଷ୍ୟ କରୁଛନ୍ତି ସେହି ସମସ୍ତ ଚାରିଜଣଙ୍କ ଶୁଷ୍କ, ଗମ୍ଭୀର ମୁହଁରେ ଅଶ୍ରଦ୍ଧା, ଅବିଶ୍ୱାସ, ଅଧୈର୍ଯ୍ୟ, ଅଳସପଣର ଚିହ୍ନ। ଅନୁଭବ କରୁଛନ୍ତି ସବୁଠି କାଳକ୍ଷେପଣ ନୀତି, ଦୀର୍ଘସୂତ୍ରତା, କୌଣସି ସମସ୍ୟାକୁ ସରଳ ସମାଧାନ ନକରି ଜଟିଳରୁ ଜଟିଳତର କରିବାର ଯାନ୍ତ୍ରିକ ପ୍ରକ୍ରିୟା, ସାଧାରଣ ମଣିଷର ଦୁଃଖରେ ସୁଖୀ ହେବାର ଅମଲାତନ୍ତ୍ରୀ ସ୍ୱଭାବ। ଶ୍ରଦ୍ଧା ସଂଚାର କରେ ବିଶ୍ୱାସ, ଉର୍ଜା (ଶକ୍ତି), ଈଶ୍ୱରପ୍ରଣିଧାନ (ଈଶ୍ୱରଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧତା)। 'ଶ୍ରଦ୍ଧା' ବିଶ୍ୱାସର, 'ସବୁରୀ' ଧୈର୍ଯ୍ୟ, ଅଧ୍ୟବସାୟର ସୂଚକ। ଅମଲାତନ୍ତ୍ରରେ ଶ୍ରଦ୍ଧାର ଅଭାବ ହେତୁ ଆମ ଅମଲାତନ୍ତ୍ରୀଙ୍କ ନିଜ ଓ ଅନ୍ୟ ଉପରେ ବିଶ୍ୱାସର ଅଭାବ, ସାଧାରଣ ମଣିଷର ସମସ୍ୟା ଶୁଣିବା ପାଇଁ ଧୈର୍ଯ୍ୟର ଅଭାବ, ସମସ୍ୟା ସମାଧାନ ପାଇଁ ଅଧ୍ୟବସାୟ ଓ ଶକ୍ତିର ଅଭାବ। କେବଳ କେତୋଟି ନିର୍ଦ୍ଧାରିତ ପାଠ୍ୟପୁସ୍ତକ ଘୋଷି ଲିଖିତ ଓ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପଦସ୍ଥ ଅମଲାତନ୍ତ୍ରୀ ହୋଇ ନିଜ ଦପ୍ତର, ବାସଭବନକୁ ଚାକଚକ୍ୟମୟ କରିବା ଏବଂ ଅଙ୍ଗରକ୍ଷୀ ସହିତ ବାତାନୁକୂଳ ଯାନରେ ଯାତାୟତ କରିବା ଦ୍ୱାରା ଅମଲାତନ୍ତ୍ରର ସଂସ୍କାର ହୁଏ ନାହିଁ। ସଂସ୍କାର ହୁଏ ଅମଲାତନ୍ତ୍ରୀଙ୍କ ସ୍ୱଭାବରେ ସଂସ୍କାର ହେଲେ। ଅର୍ଥାତ୍ ଅମଲାତନ୍ତ୍ରୀ ଉନ୍ନତ ଜ୍ଞାନ, ଉତ୍ତମ ଚରିତ୍ର ଅର୍ଜନ କରି ଶ୍ରଦ୍ଧା, ଶାନ୍ତି, ଶକ୍ତିକୁ ସ୍ୱଭାବରେ ପରିଣତ କଲେ। ଅପରପକ୍ଷରେ ଏହାର ବିପରୀତ ଅମଲାତନ୍ତ୍ରୀ ଅଛନ୍ତି, ଯେଉଁମାନେ ଅମଲାତନ୍ତ୍ର ବ୍ୟବସ୍ଥା, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସାଧୁତା ଓ ଶୃଙ୍ଖଳା ପାଇଁ ଉଦାହରଣୀୟ, ଅନୁକରଣୀୟ ଭାବେ ସୁନାମ ଅର୍ଜନ କରିଛନ୍ତି। ପ୍ରେରଣାର ଉତ୍ସ ଭାବେ ଇତିହାସ ସୃଷ୍ଟି କରିଛନ୍ତି। ଏଭଳି ଆଦର୍ଶସ୍ଥାନୀୟ ଅମଲାଙ୍କ କାର୍ଯ୍ୟଧାରା ଓ ମାନସିକତାକୁ ଅମଲାତନ୍ତ୍ର ବହୁଳ ଭାବେ ଗ୍ରହଣ କରିବାରେ ଉଦାସୀନତା ଓ ଅବହେଳା କରୁଥିବାରୁ ଜନସାଧାରଣରେ ଅଯଥା ସମାଲୋଚିତ ହେଉଛି।

ଅମଲାତନ୍ତ୍ର ପ୍ରତି ଥିବା ନକାରାତ୍ମକ ଧାରଣା ପଛରେ ଅନେକ କାରଣ ଦାୟୀ। ଜନପ୍ରତିନିଧି ହେବାକୁ ଚାହୁଁଥିବା କିଛିଲୋକ ପଞ୍ଚାୟତ, ବିଧାନସଭା, ଲୋକସଭା ନିର୍ବାଚନଗୁଡ଼ିକୁ ଅପ୍ରମିତ ଅର୍ଥ କାରବାରର ଅମରାବତୀ, ବିପୁଳ ବାହୁବଳର ପ୍ରୟୋଗଶାଳା, ପାରସ୍ପରିକ ଅଶାଳୀନ ବାକ୍ୟବାଣ ନିକ୍ଷେପର ବ୍ୟୋମମଣ୍ଡଳରେ ପରିଣତ କରିଛନ୍ତି। କ୍ଷମତାସୀନ ରାଜନେତାଙ୍କ କବଳରେ ରହିଛନ୍ତି ବ୍ଲକ, ତହସିଲ୍, ଜିଲ୍ଲା କାର୍ଯ୍ୟାଳୟ, ଭିନ୍ନଭିନ୍ନ ନିର୍ଦ୍ଦେଶାଳୟ, ଆୟୋଗ, ସଚିବାଳୟର କିଛି କିଛି ଅମଲାତନ୍ତ୍ରୀ, ଯେଉଁମାନେ ନିଯୁକ୍ତି ଓ ପଦୋନ୍ନତି ପାଇଁ ରାଜନେତାଙ୍କ ସ୍ତାବକତା କରିବାକୁ ସୌଭାଗ୍ୟ ଓ ସୁକୃତ ମଣୁଛନ୍ତି।

ଏପରି ସ୍ଥିତିରେ ଅମଲାତନ୍ତ୍ରର ଗତି ସହଜରେ ଅନୁମେୟ। ସମୂହ ସ୍ୱାର୍ଥ ରକ୍ଷା କରି ଗଣଜୀବନକୁ ଆନନ୍ଦମୟ କରିବା ହେଉଛି ଗଣତନ୍ତ୍ରର ମୂଳ ଲକ୍ଷ୍ୟ, ଯେଉଁ ଲକ୍ଷ୍ୟର ପ୍ରାପ୍ତି ନିମିତ୍ତ ରାଜନୈତିକ ଇଚ୍ଛାଶକ୍ତି, ଅମଲାତାନ୍ତ୍ରିକ ତତ୍ପରତା ଆବଶ୍ୟକ। ଅଥଚ ଆମ ଦେଶରେ ଏ ଦୁଇଟିର ଅଭାବ ସର୍ବତ୍ର ଅନୁଭୂତ। ସଦ୍‌ଗୁରୁ ଜାଗୀ ବାସୁଦେବଙ୍କ ମତରେ - "ପ୍ରତ୍ୟେକ ପ୍ରାଣୀ ପାଇଁ 'କିପରି ବଞ୍ଚିବାକୁ ହେବ' ସ୍ଥିରୀକୃତ, ମଣିଷ ପାଇଁ 'କିପରି ବଞ୍ଚିବାକୁ ହେବ' ସମ୍ପୂର୍ଣ୍ଣ ଆମ ହାତରେ ଅଛି। ଏହା ଆମର ମହତ ଅଧିକାର। ଜୀବନକୁ ଆମେ କେତେ ସୁନ୍ଦର, ମହତ କିମ୍ବା ଅଦରକାରୀ, ନିଷ୍କ୍ରିୟ କରିବାକୁ ଚାହୁଁ ତାହା ଆମ ଉପରେ ନିର୍ଭର କରେ। ଲୋକମାନେ ମୋତେ ପଚାରନ୍ତି, 'ନୂଆ ବର୍ଷରେ ସଂକଳ୍ପ କ'ଣ?' ମୁଁ ସେମାନଙ୍କୁ ପଚାରେ, 'ଆନନ୍ଦମୟ ଜୀବନ ବଞ୍ଚିବାର ସଂକଳ୍ପ ସଂଯୋଜନା ପାଇଁ ଦେଶର ସମ୍ବିଧାନକୁ ସଂଶୋଧନ କରିବା ଆବଶ୍ୟକ କି?' ସଚେତନ ହେବା ପାଇଁ ସଂକଳ୍ପର ଆବଶ୍ୟକତା ନାହିଁ। ତୁମେ କେବଳ ନିଜକୁ ପଚାର, 'ବିଗତ ବର୍ଷ ଜଣେ ମଣିଷ ଭାବରେ ମୋର ଅଗ୍ରଗତି ହୋଇଛି ନା ପଶ୍ଚାତ୍‌ଗତି?' ଯଦି ତୁମେ ନିଜ ଭିତରେ କମ୍ ଘର୍ଷଣ, ସଂଘର୍ଷ, ବିଶୃଙ୍ଖଳା, ଅନିଶ୍ଚିତତା ଅନୁଭବ କରୁଛ, ତେବେ ତାହା ଏକ ସୂଚନା ଯେ ତୁମେ ଠିକ୍ ଦିଗରେ ଗତି କରୁଛ।"

ଅମଲାତନ୍ତ୍ରୀମାନେ ଉନ୍ନତ ଜ୍ଞାନ, ଉତ୍ତମ ଚରିତ୍ର ସମନ୍ୱୟରେ ମନୁଷ୍ୟତ୍ୱ ବଳରେ ନିଜ ନିଜର ଜୀବନକୁ ସୁନ୍ଦର, ମହତ, ଦରକାରୀ, ସକ୍ରିୟ କଲେ ଯାଇ ସାଧାରଣ ମଣିଷମାନଙ୍କର ମାର୍ଗଦର୍ଶକ ହୋଇପାରିବେ ଏବଂ ସେମାନଙ୍କ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବା ସହିତ ନିଷ୍ପକ୍ଷ ଭାବରେ କର୍ତ୍ତବ୍ୟ ନିର୍ବାହ କରି ସାଧାରଣ ଜୀବନଯାତ୍ରାକୁ ଆନନ୍ଦମୟ କରିପାରିବେ। ବାହ୍ୟ ପ୍ରଭାବରୁ ମୁକ୍ତ ହୋଇ ବିବେକାନୁମୋଦିତ ପନ୍ଥା ଅବଲମ୍ବନରେ ଅନ୍ତଃକରଣର ବିଚାରଶକ୍ତି ପ୍ରୟୋଗରେ କର୍ତ୍ତବ୍ୟ କଲେ ଯାଇ ଜଣେ ଅମଲାତନ୍ତ୍ରୀ ଚାକିରିକାଳ ମଧ୍ୟରେ ଯେତେ ଯେତେ ବିଭାଗରେ ଭିନ୍ନଭିନ୍ନ ଭୂମିକାରେ କାର୍ଯ୍ୟ କଲେ ବି ଜଣେ ଯଶସ୍ୱୀ ବ୍ୟକ୍ତିର ଭାବମୂର୍ତ୍ତି ରକ୍ଷା କରିପାରିବେ। ସଂସାରରେ ପ୍ରତ୍ୟେକ ମଣିଷର ପ୍ରାର୍ଥନା ତାହା ହିଁ ହେବା ଉଚିତ୍ ଯେ 'ହେ ଈଶ୍ୱର! ମୁଁ ମରଣଶୀଳ। ମୃତ୍ୟୁ ପର୍ଯ୍ୟନ୍ତ ମୋତେ ଅସତ୍ୟ, ଅନ୍ୟାୟ, ଅସାଧୁତା, ଅହଂକାର ଓ ଯାବତୀୟ ତୁଚ୍ଛତାରୁ ମୁକ୍ତି ଦିଅ, ଚୈତନ୍ୟ ଓ ଅନୁଭୂତିର ଉଚ୍ଚତର ସ୍ତରକୁ ମୋତେ ଉନ୍ନୀତ କର, ଯେପରି ମୁଁ ଜଣେ ମହତ୍ତ୍ୱପୂର୍ଣ୍ଣ ମଣିଷର ଜୀବନ ବଞ୍ଚିଥିଲି ବୋଲି ମୋର ମୃତ୍ୟୁବେଳେ ଲୋକେ କହିବେ।'


(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ମହାକାଶରୁ ସୌରବିଦ୍ୟୁତ୍

**ଇଂ ମାୟାଧର ସ୍ୱାଇଁ**

ପୃଥିବୀ ବର୍ତ୍ତମାନ ଜାଗତିକ ଉଷ୍ଣତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଭଳି ପାରିବେଶିକ ସମସ୍ୟା ଦେଇ ଗତି କରୁଛି। ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନ ସୀମିତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ଥିର କରାଯାଇଛି। ଅନେକ ୟୁରୋପୀୟ ଦେଶ ୨୦୫୦ ମସିହା ସୁଦ୍ଧା ନେଟ୍ ଶୂନ କାର୍ବନ ଉତ୍ସର୍ଜନ ହାସଲ କରବା ପାଇଁ ଘୋଷଣା କରିଛନ୍ତି। ଭାରତ ୨୦୭୦ ମସିହା ସୁଦ୍ଧା ଏବଂ ଚୀନ୍ ୨୦୬୦ ମସିହା ସୁଦ୍ଧା ଏହା ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନ ପଛରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଅନ୍ୟତମ ମୁଖ୍ୟକାରକ। ଏଣୁ ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରି ସ୍ୱଚ୍ଛ ଓ ପରିବେଶବନ୍ଧୁ ଅକ୍ଷୟ ଶକ୍ତି ଉତ୍ସ ପ୍ରତି ପ୍ରାୟ ପ୍ରତ୍ୟେକ ଦେଶ ଆଗ୍ରହ ପ୍ରକାଶ କରିଛନ୍ତି।

ଅକ୍ଷୟ ଶକ୍ତି ଉତ୍ସ ମଧ୍ୟରେ ସୌର ଶକ୍ତି ହେଉଛି ଅନ୍ୟତମ। ସୌର ବ୍ୟାଟେରି ସାହାଯ୍ୟରେ ସୂର୍ଯ୍ୟାଲୋକରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥାର ଏକ ଆକଳନ ଅନୁଯାୟୀ ୨୦୨୪ ଓ ୨୦୩୦ ମସିହା ମଧ୍ୟରେ ପୃଥିବୀରେ ପ୍ରତିଷ୍ଠିତ ହେବାକୁ ଥିବା ଅକ୍ଷୟ ଶକ୍ତି ଉତ୍ସ ମଧ୍ୟରେ ଶକ୍ତିର ଅଂଶ ୮୦ ପ୍ରତିଶତ ହେବ। ଏହିସବୁ ସତ୍ତ୍ୱେ ସୌର ବିଦ୍ୟୁତ୍ ଉତ୍ପାଦନରେ କେତେକ ପ୍ରତିବନ୍ଧକ ଅଛି। ପ୍ରଥମତଃ, ଏହା କେବଳ ଦିନ ସମୟରେ ଉତ୍ପାଦିତ ହୋଇଥାଏ ଏବଂ ଦ୍ୱିତୀୟରେ ଦିନ ବେଳା ମଧ୍ୟ ଆକାଶରେ ମେଘ ଥିଲେ ବିଦ୍ୟୁତ୍ ଉତ୍ପାଦନ ହୋଇ ପାରେ ନାହିଁ। ତୃତୀୟରେ ଅନ୍ୟ ପ୍ରଯୁକ୍ତି ବିଦ୍ୟା ତୁଳନାରେ ଏଥିପାଇଁ ପ୍ରତି ୟୁନିଟ ବିଦ୍ୟୁତ୍ ଉତ୍ପାଦନ ପାଇଁ ଅଧିକ ଜାଗା ଆବଶ୍ୟକ ହୋଇଥାଏ।



ସୌର ବିଦ୍ୟୁତ୍ ଉତ୍ପାଦନର ଏହିସବୁ ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ବୈଜ୍ଞାନିକମାନେ ଏକ ଅଭିନବ ପରିକଳ୍ପନା କରିଛନ୍ତି। ଏହା ହେଉଛି ମହାକାଶରେ ସୌରଫଳକ ସାହାଯ୍ୟରେ ବିଦ୍ୟୁତ୍ ଉତ୍ପାଦନ କରି ପୃଥିବୀକୁ ସଞ୍ଚାରଣ କରିବା। ମହାକାଶରେ ସର୍ବଦା ସୌରକିରଣ ଉପଲବ୍ଧ ଥାଏ ଏବଂ ସେଠାରେ ମେଘ ନାହିଁ। ପୁନଶ୍ଚ ପୃଥିବୀ ପୃଷ୍ଠରେ ସୌର କିରଣର ତୀବ୍ରତା ଯେତିକି ଥାଏ ପୃଥିବୀର ବାୟୁମଣ୍ଡଳ ଉପରେ ଏହି ତୀବ୍ରତା ଦଶଗୁଣ ଥାଏ, ଯାହା ଅଧିକ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରିପାରିବ।

ମହାକାଶରୁ ସୌର ବିଦ୍ୟୁତ୍ ଉତ୍ପାଦନ କରିବା ନୂଆ ଧାରଣା ନୁହେଁ। ଅନେକ ବର୍ଷ ପୂର୍ବରୁ ଏଥର ମୌଳିକ କାରିଗରୀ ବିଦ୍ୟା ଜଣା ଅଛି। କିନ୍ତୁ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟାଗତ ଉନ୍ନତି ଆମର ଏହି ସ୍ୱପ୍ନକୁ ସାକାର କରିବାକୁ ଯାଉଛି। ଚଳିତ ବର୍ଷ ଅଗଷ୍ଟ ମାସରେ 'ଜୁଲ' ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ ମହାକାଶ ଆଧାରିତ ସୌର ବିଦ୍ୟୁତ୍ ସମ୍ଭାବନାକୁ ପ୍ରକାଶ କରାଯାଇଛି। ମହାକାଶରେ ଭୂସ୍ଥିର କକ୍ଷରେ ସୌରଫଳକ ଅବସ୍ଥାପିତ କରି ତାହା ସାହାଯ୍ୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବ। ଏହାକୁ ମାଇକ୍ରୋୱେଭ ଆକାରରେ ୨.୪୫ ଗିଗାହର୍ଜ ଆବୃତ୍ତିରେ ବିନା ତାରରେ ପୃଥିବୀକୁ ସଞ୍ଚାରଣ କରାଯିବ। ପୃଥିବୀପୃଷ୍ଠରେ ସ୍ଥାପିତ ସଂଗ୍ରାହକ କେନ୍ଦ୍ର 'ରେକ୍ଟେନା' ଏହାକୁ ସଂଗ୍ରହ କରି ପୁଣି ବିଦ୍ୟୁତ୍‌ରେ ରୂପାନ୍ତରଣ କରିବ ଏବଂ ବିଦ୍ୟୁତ୍ ଗ୍ରୀଡକୁ ପ୍ରଦାନ କରାଯିବ। ଏହାର ଏକ ଆକର୍ଷଣୀୟ ଦିଗ ହେଉଛି ଯେ ଏହାର ସଞ୍ଚାରଣ ପାଇଁ କୌଣସି ତାର ଦରକାର ହେଉ ନଥିବାରୁ ଏହାକୁ ମହାକାଶରୁ ଯେକୌଣସି ସ୍ଥାନକୁ ପଠାଇ ହେବ। ଏଣୁ ଏହାକୁ ଚନ୍ଦ୍ର କିମ୍ବା ମଙ୍ଗଳ ପୃଷ୍ଠକୁ ପଠାଇ ସେଠାରେ ବିଭିନ୍ନ ପରୀକ୍ଷା କରିବାର ଆମର ଦକ୍ଷତାକୁ ବୃଦ୍ଧି କରାଯାଇପାରିବ।

ଏହା କାଳ୍ପନିକ ନୁହେଁ କିମ୍ବା କେବଳ ତାତ୍ତ୍ୱିକ ପରିକଳ୍ପନା ନୁହେଁ। ପରୀକ୍ଷାମୂଳକ ଭାବେ ଏହାକୁ ସାବ୍ୟସ୍ତ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିଠାରେ ୨୦୨୩ ମସିହା ମଇ ୨୨ ତାରିଖରେ ଏହି ଉପାୟରେ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍ ଉତ୍ପାଦନ କରାଯାଇଛି। ଗୋଟିଏ କୃତ୍ରିମ ଉପଗ୍ରହରେ ଥିବା 'ମାପଲ' ନାମକ ସୌରଫଳକରୁ ମାଇକ୍ରୋୱେଭ ଆକାରରେ ପୃଥିବୀକୁ ବିଦ୍ୟୁତ୍ ପଠାଯାଇଥିଲା ଏବଂ କାଲିଫର୍ଣ୍ଣିଆରେ ଏହା ସାହାଯ୍ୟରେ ଦୁଇଟି ବତୀକୁ ଆଲୋକ ପ୍ରଦାନ କରାଯାଇଥିଲା।

ମହାକାଶରୁ ଅଧିକ ପରିମାଣର ସୌର ବିଦ୍ୟୁତ୍ ଆହରଣ କରିବାରେ କେତେକ ପ୍ରତିବନ୍ଧକ ଅଛି। ଏଥିପାଇଁ ଭୂକକ୍ଷରେ ସୌର ଶକ୍ତି ଉପଗ୍ରହର ଆକାର ଏକ କିଲୋମିଟରରୁ ଅଧିକ ହୋଇପାରେ। ଏଥିପାଇଁ ରକେଟ ସାହାଯ୍ୟରେ ଏହାର ଫଳକ ଓ ଅନ୍ୟ ଯନ୍ତ୍ରପାତିଗୁଡ଼ିକୁ ଶତାଧିକ ଥର ଉତ୍‌କ୍ଷେପଣ କରିବାକୁ ପଡ଼ିବ। ରକେଟ ଦ୍ୱାରା ଉତ୍‌କ୍ଷେପଣ ବ୍ୟୟବହୁଳ। ଫଳରେ ଆର୍ଥନୀତିକ ଦୃଷ୍ଟିରୁ ଏହା ଲାଭଜନକ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ମାତ୍ର ମହାକାଶ ଅଭିଯାନ କ୍ଷେତ୍ରରେ ବେସରକାରୀ କମ୍ପାନୀଗୁଡ଼ିକର ପ୍ରବେଶ ଏହାର ଅଭିଯାନ ଖର୍ଚ୍ଚକୁ ହ୍ରାସ କରିପାରିଛି। ଉଦାହରଣ ସ୍ୱରୂପ, ମହାକାଶ ଯୁଗର ଅଧିକାଂଶ ଅଭିଯାନରେ ଭୂକକ୍ଷକୁ ଏକ କି.ଗ୍ରାର ବସ୍ତୁ ପଠାଇବା ପାଇଁ ପ୍ରାୟ ଦଶହଜାର ଡଲାର ଖର୍ଚ୍ଚ ହେଉଥିଲା। ମାତ୍ର ସ୍ପେସ୍ ଏକ୍ସର ପୁନଃବ୍ୟବହାରଯୋଗ୍ୟ ଫାଲକନ ରକେଟ ବିକାଶ ପରେ ଏହା ଏକ ହଜାର ଡଲାରକୁ ହ୍ରାସ ପାଇଛି। ପୁନଶ୍ଚ ଏହି କମ୍ପାନୀର ପ୍ରସ୍ତାବିତ ଷ୍ଟାରସିପ୍ ଏହି ଖର୍ଚ୍ଚକୁ ମାତ୍ର ଦୁଇ ଶହ ଡଲାରକୁ କମାଇ ଦେବ ବୋଲି ଆକଳନ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ମହାକାଶ ସଂସ୍ଥା, ଚୀନ୍ ଓ ଜାପାନ ମହାକାଶ-ଆଧାରିତ ସୌରବିଦ୍ୟୁତ୍ ଆହରଣ ପାଇଁ ଯୋଜନା କରିଛନ୍ତି। ଚୀନ୍‌୨୦୩୦ ମସିହା ସୁଦ୍ଧା ଏକ ମେଗାୱାଟ କ୍ଷମତା ବିଶିଷ୍ଟ ଏକ ସୌରବିଦ୍ୟୁତ୍ କେନ୍ଦ୍ର ମହାକାଶରେ ସ୍ଥାପନା କରିବା ପାଇଁ ଘୋଷଣା କରିଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଶ୍ରୀରାମଙ୍କ ସହିତ ପୂଜା ପାଆନ୍ତି ରାବଣଙ୍କ ପରିବାର

**ଓଜସ୍ୱିନୀ**

**ବିଚିତ୍ର ବିଶ୍ୱାସ**

ଭାରତରେ ଏଭଳି ଏକ ମନ୍ଦିର ଅଛି, ଯେଉଁଠି ଶ୍ରୀରାମଙ୍କ ସହିତ ରାବଣ ପରିବାର ସମସ୍ତ ସଦସ୍ୟ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର୍ ସହରର କାନାଡିଆ ରୋଡ୍‌ସ୍ଥିତ ବୈଭବନଗରରେ ଥିବା ଏହି ବିଚିତ୍ର ମନ୍ଦିରର ନାମ ହେଉଛି 'ଆପ୍‌ନେ ରାମ୍ କା ନିରାଲା ଧାମ୍'। ସ୍ଥାନୀୟ ଲୋକମାନେ ଏହି ମନ୍ଦିରକୁ 'ଛୋଟ ଅଯୋଧ୍ୟା' ନାମରେ ନାମିତ କରିଛନ୍ତି। ରାମାୟଣର ସମସ୍ତ ଚରିତ୍ର ଶ୍ରୀରାମଙ୍କ ସହିତ ଜଡ଼ିତ ଥିବାରୁ ସମସ୍ତେ ପୂଜନୀୟ ବୋଲି ଭକ୍ତଙ୍କ ବିଶ୍ୱାସ ଓ ଆସ୍ଥା ଏହି ମନ୍ଦିର ସହିତ ରହିଛି। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ ସ୍ୱୟଂ ହନୁମାନ ଏହି ମନ୍ଦିରର ନିର୍ମାଣ କରିବା ପାଇଁ ସ୍ୱପ୍ନାଦେଶ ଦେଇଥିଲେ। ତେଣୁ ପ୍ରାୟ ୧୯୯୦ ମସିହାରେ ପୂଜାରୀଙ୍କ ନିଜସ୍ୱ ଜମିରେ ମନ୍ଦିରଟି ନିର୍ମାଣ କରାଯାଇଛି। ମନ୍ଦିରର ଖ୍ୟାତି ଦୂରଦୂରାନ୍ତର ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ସମୟରେ ଏହି ମନ୍ଦିର ପର୍ଯ୍ୟଟନ ସ୍ଥଳରେ ପରିଣତ ହୋଇଛି ଏବଂ ଅନେକ ବିଦେଶୀ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଦକ୍ଷିଣ ଭାରତୀୟ ମନ୍ଦିରଶୈଳୀରେ ନିର୍ମାଣ କରାଯାଇଛି। ମନ୍ଦିର ପ୍ରତ୍ୟେକ କାନ୍ଥ ଓ ଖମ୍ବରେ ରାମାୟଣର ବିଭିନ୍ନ ଚରିତ୍ରର ମୂର୍ତ୍ତି ଖୋଦିତ ହୋଇଛି। ଏହି ମନ୍ଦିରରେ ଶ୍ରୀରାମଙ୍କ ସହିତ କୈକେୟୀ, ମନ୍ଥରା, ରାବଣ, କୁମ୍ଭକର୍ଣ୍ଣ, ମେଘନାଦ, ବିଭୀଷଣ, ତ୍ରିଜଟା, ସୁପର୍ଣଖାଙ୍କ ମୂର୍ତ୍ତି ମଧ୍ୟ ରହିଛି। ଏହା ସହିତ ଶବରୀ, ଅହଲ୍ୟା, ମନ୍ଦୋଦରୀ ଓ ତାରାଙ୍କ ମୂର୍ତ୍ତି ମଧ୍ୟ ଅଛି। ମନ୍ଦିରର ମୁଖ୍ୟଦ୍ୱାରର ଊର୍ଦ୍ଧ୍ୱରେ ହନୁମାନଙ୍କ ପ୍ରତିମା ରହିଛି ଏବଂ ମନ୍ଦିର ପରିସରରେ ଶ୍ରୀବିଷ୍ଣୁଙ୍କ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ମୂର୍ତ୍ତି ଅଛି। ଏହା ସହିତ ମନ୍ଦିରରେ ଭଗବାନ ରାମେଶ୍ୱରମ୍‌ଙ୍କ ସହିତ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ବିରାଜିତ ଏବଂ ଜ୍ୟୋର୍ତିଲିଙ୍ଗ ପୂଜାର୍ଚ୍ଚନା କରୁଥିବା ମୁଦ୍ରାରେ ରାବଣଙ୍କୁ ଦେଖିବାକୁ ମିଳେ। ଏହାବ୍ୟତୀତ ପରିସରରେ ରାବଣଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ଅଛି, ଯେଉଁଠି ରାବଣ ଓ ବିଭୀଷଣଙ୍କ ପରିବାର ଶିବଙ୍କ ଆରାଧନା କରୁଥିବାର ମୂର୍ତ୍ତି ରହିଛି। ଏହାର ଗୋଟିଏ ପାର୍ଶ୍ୱରେ କୁମ୍ଭକର୍ଣ୍ଣ ଶୟନ କରୁଥିବାର ଗୋଟିଏ ମୂର୍ତ୍ତି ମଧ୍ୟ ଅଛି। ଏହି ମନ୍ଦିରରେ ଭଗବାନଙ୍କ ସହିତ ଅସୁରଙ୍କ ପ୍ରତିମା ସ୍ଥାନିତ ହେବା ପଛରେ ବିଶ୍ୱାସ ରହିଛି ଯେ, ସମସ୍ତଙ୍କ ଭିତରେ କିଛି ନା କିଛି ଦୈବୀ ଗୁଣ ଅଛି ଏବଂ ସମସ୍ତଙ୍କର ଜୀବନଗାଥା ଶିକ୍ଷଣୀୟ। ନକାରାତ୍ମକ ଚରିତ୍ରର ଗୁଣ ଓ ପରିଣାମ ସମ୍ପର୍କରେ ଏହି ସବୁ ମୂର୍ତ୍ତି ଶିକ୍ଷା ଦେଉଛି ବୋଲି ଭକ୍ତଙ୍କ ବିଶ୍ୱାସ ଅଛି। ତେଣୁ ଏଠାରେ ଶ୍ରଦ୍ଧାଳୁମାନେ ଅସୁରଙ୍କୁ ମଧ୍ୟ ଭକ୍ତି ସହକାରେ ଦର୍ଶନ କରିଥା'ନ୍ତି।

ଏହି ମନ୍ଦିରର ଦୁଇଟି ବିଶେଷତ୍ୱ ଅଛି। ପ୍ରଥମଟି ହେଉଛି- ମନ୍ଦିର ଭିତରକୁ ପ୍ରବେଶ କରିବାକୁ ହେଲେ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀରାମଙ୍କର ୧୦୮ ନାମ କିମ୍ବା ୧୦୮ ଥର 'ଶ୍ରୀରାମ'ଲେଖିବାକୁ ହୋଇଥାଏ। ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହି ନିୟମ ଲାଗୁ ହୋଇଛି। ଦ୍ୱିତୀୟରେ ଏହି ମନ୍ଦିରରେ ପାରମ୍ପରିକ ଭାବେ କୌଣସି ପୂଜାର୍ଚ୍ଚନା କରାଯାଏ ନାହିଁ ଏବଂ ଏଠାରେ କୌଣସି ଦାନବାକ୍ସ ନାହିଁ। ଏଠାରେ ଧୂପଦୀପ କିମ୍ବା ଭୋଗ ମଧ୍ୟ ଅର୍ପଣ କରାଯାଏ ନାହିଁ। ଏହି ମନ୍ଦିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆତ୍ମାର ଶୁଦ୍ଧତା ଓ ମୁକ୍ତି ପ୍ରାପ୍ତିର କାମନା, ଯାହାକି କେବଳ ରାମନାମ ଜପ ବା ଉଚ୍ଚାରଣ ଏବଂ ଶ୍ରୀରାମଙ୍କ ଦର୍ଶନ ଦ୍ୱାରା ସମ୍ଭବ ହୋଇପାରିବ। ଏହାବ୍ୟତୀତ ମନ୍ଦିର ପରିସର ମଧ୍ୟରେ ଥିବା ରାବଣଙ୍କ ପ୍ରତିମା ନିକଟରେ ଲେଖାଯାଇଥିବା ଗୋଟିଏ ବାର୍ତ୍ତା ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। ଯଥା - 'ମୋତେ ଭସ୍ମ କରିବା ବନ୍ଦ କର। ନିଜ ଭିତରର ରାଗ, ଦ୍ୱେଷ ଓ ଅହଂକାରକୁ ଭସ୍ମ କର'। ସେହିଭଳି ଶନିଦେବଙ୍କ ଉଦ୍ଦେଶ୍ୟରେ ମଧ୍ୟ ଗୋଟିଏ ସୁନ୍ଦର ବାର୍ତ୍ତା ରହିଛି - 'ମୋ ଉପରେ ତେଲ ଢାଳିବା ବନ୍ଦ କର। କେବଳ ରାମନାମ ଜପ କର। ମୁଁ ତୁମାନଙ୍କୁ ସମସ୍ତ ବିପଦରୁ ମୁକ୍ତି ଦେବି'। ତେଣୁ ଏହି ମନ୍ଦିରରେ ଧୂପଦୀପ, ଭୋଗ ଓ ଦାନ ଭଳି କୌଣସି ଭୌତିକ ବସ୍ତୁର ଉପଯୋଗ ହୁଏନାହିଁ। କେବଳ ରାମନାମକୁ ପାଥେୟ କରି ଶ୍ରଦ୍ଧାଳୁମାନେ ମୁକ୍ତିର କାମନା ପାଇଁ ଶ୍ରୀରାମଙ୍କୁ ଦର୍ଶନ କରିବା ପାଇଁ ଆସିଥା'ନ୍ତି। 'ରାମନାମ ଜପର ଏହି ସାଧନା ଶେଷରେ ମୁକ୍ତିର ପଥ ଉନ୍ମୋଚନ କରୁ' ବୋଲି ଭକ୍ତମାନେ ପୂଜାରୀଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ କରିଥା'ନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସାର ପାଇଁ ଟଙ୍କା ମାଗୁଛନ୍ତି ସଂପାଦକ

■ ସମିତି ଅଫିସ୍‌ରେ ଠେଲାପେଲା, ଥାନାରେ ମାମଲା
■ ମାଣିକପୁରରେ ସାର ନଦେଇ ଭୟରେ ପଳାଇଲେ ସମ୍ପାଦକ

ଧରାକୋଟ/ସୋରଡ଼ା,୧୧।୯(ସମିସ): ସାର ବଣ୍ଟନକୁ ନେଇ ଉତ୍ତେଜନା ପରେ ମାମଲା ଥାନାରେ ପହଞ୍ଚିଛି। ଏପରି ଘଟଣା ଘଟିଛି ଧରାକୋଟ ବ୍ଲକ ଅନ୍ତର୍ଗତ ରୁଗୁମୁ ସେବା ସମବାୟ ସମିତିରେ। ଗତ ମଙ୍ଗଳବାର ୪୫୦ ବସ୍ତା ସାର ବଣ୍ଟନ ପାଇଁ ଚାଷୀଙ୍କ ଲମ୍ବା ଲାଇନ ଲାଗିଥିଲା। ପ୍ରାୟ ୮୦୦ରୁ ଅଧିକ ଚାଷୀ ଧାଡ଼ିରେ ଅପେକ୍ଷା କରିଥିଲେ। ସମସ୍ତଙ୍କୁ ସାର ମିଳି ନଥିଲା। ରୁଗୁମୁ ସମବାୟ ସମିତିର ଆଡ଼ିବନ୍ଧ ଗ୍ରାମରେ ଜଣେ ଚାଷୀ ସାର ମାଗିବାରୁ ସମ୍ପୃକ୍ତ ସମିତିର ସମ୍ପାଦକ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ବଡ଼ଗଡ଼ ଥାନାରେ ଚାଷୀଜଣଙ୍କ ଏତଲା ଦେବା ପରେ ମାମଲା ରୁଜୁ ହୋଇଛି।

ପ୍ରକାଶଥାଉ କି, ଆଡିବନ୍ଧ ଗ୍ରାମର ଭଜରାମ ସ୍ୱାଇଁ ଗତ ମଙ୍ଗଳବାର ସାର ପାଇଁ ସମିତିକୁ ଯାଇ ନିରାଶ ହୋଇ ଫେରିଥିଲେ। ପରେ ସେ ସାର ପାଇଁ ସମ୍ପାଦକ ବିଜୟ କୁମାର ବିଷୋୟୀଙ୍କୁ କହିବାରୁ ସେ ତାଙ୍କୁ କିଛି ଟଙ୍କା ମାଗିଥିଲେ। କିନ୍ତୁ ଭଜରାମ ଟଙ୍କା କ'ଣ ପାଇଁ ଦେବି ବୋଲି ପଚାରିବାରୁ ସମ୍ପାଦକଜଣଙ୍କ ମତେ ଉପର ଅଫିସରଙ୍କୁ ଦେବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି। ଟଙ୍କା ଦେଇ ସାର ନେବାକୁ ବାଧ୍ୟ କରିବା ସହ ପେଲାଠେଲା କରିବା ଓ ପ୍ରତିବାଦ କରିବାରୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଭଜରାମ ଏତଲାରେ ଦର୍ଶାଇଛନ୍ତି। ବଡ଼ଗଡ଼ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସମ୍ପାଦକ ବିଜୟ ମଧ୍ୟ ଚାଷୀ ଭଜରାମଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଭଜରାମ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଦର୍ଶାଇଛନ୍ତି।



ଘଟଣା ସମ୍ପର୍କରେ ସମ୍ପାଦକ ବିଜୟଙ୍କ ସହ ଯୋଗାଯୋଗ ବେଳେ ମଙ୍ଗଳବାର ସନ୍ଧ୍ୟାରେ ସେ ନିଜ ଗାଁ ଆଡ଼ିବନ୍ଧକୁ ଫେରିବା ବେଳକୁ ଚାଷୀ ଭଜରାମ ହଠାତ ତାଙ୍କ ଘର ଆଗକୁ ଆସି ମଦ୍ୟପାନ କରି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ସେ ବୁଝାଇବାକୁ ଉଦ୍ୟମ କରିବା ବେଳେ ସେ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଗୁରୁବାର ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ସହ ଯୋଗାଯୋଗ ବେଳେ ଚାଷୀଜଣଙ୍କ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି, କିନ୍ତୁ ପ୍ରକୃତ ଘଟଣାର ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ଧରାକୋଟ ବ୍ଲକ ମାଣିକପୁର ସେବା ସମବାୟ ସମିତିରେ ସାର ପାଇଁ ହାଇଡ୍ରାମା ଦେଖିବାକୁ ମିଳିଥିଲା। ସମିତି ଅଧୀନ ୩ଟି ପଞ୍ଚାୟତର ପ୍ରାୟ ୧୫ଶହ ଚାଷୀ ସକାଳୁ ସକାଳୁ ସମିତି ଆଗରେ ଲମ୍ବା ଲାଇନ୍ ଲଗାଇ ଆଧାର କାର୍ଡ ଜମା କରିଥିଲେ। ମାତ୍ର ୪୫୦ ବସ୍ତା ସାର ଗୋଦାମରେ ମହଜୁଦ ଥିବାରୁ କିଛି ଅଘଟଣ ଆଶଙ୍କା କରି ସମ୍ପାଦକ ସାର ନଦେଇ ଚାଲିଯାଇଥିଲେ। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଧରାକୋଟ ବ୍ଲକ ଅଞ୍ଚଳରେ ୟୁରିଆ ସହ ପଟାସ୍ ସାରର ଘୋର ଅଭାବ ଦେଖାଦେଇଛି। ଫଳରେ ଚଳିତବର୍ଷ ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

# ସାର ପାଇଁ ଲମ୍ବା ଲାଇନ୍‌ରେ ଆଧାର କାର୍ଡ

ବଣାଇଁ,୧୧।୯(ସମିସ): ୟୁରିଆ ସାରକୁ ନେଇ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଥିବା ବେଳେ ଲ୍ୟାମ୍ପସ୍‌କୁ ଆସିଥିବା ୟୁରିଆ ସାର ନେବା ପାଇ ଲାଇନ ଲାଗିଛି ଆଧାର କାର୍ଡ। ରାତି ୧ଟାରୁ ଆଧାର କାର୍ଡ ଆଣି ଲୋକେ ଧାଡ଼ିରେ ଥୋଇଛନ୍ତି। ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ଲ୍ୟାମ୍ପସ୍‌ରେ ଗୁରୁବାର ସକାଳୁ ସକାଳୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଲାଇନ୍‌ରେ ଚାଷୀ ନରହି କେବଳ ସେମାନଙ୍କ ଆଧାର କାର୍ଡ ରଖିଛନ୍ତି। ଏପରିକି ୪ଶହରୁ ଅଧିକ ଚାଷୀ ଲାଇନ୍‌ରେ ଛିଡ଼ା ହେବା ଅସମ୍ଭବ ହୋଇଥିବାରୁ ଆଧାର କାର୍ଡକୁ ଲମ୍ବା ଲାଇନ ଲାଗଇଛନ୍ତି। ଲ୍ୟାମ୍ପସ୍‌ରେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ କରିଥିବା ବେଳେ ୨୨୦ ବସ୍ତା ସାର ଆସିଛି। ପ୍ରଥମେ ଋଣ ନେଇଥିବା ଚାଷୀଙ୍କୁ ୟୁରିଆ ସାର ଦେବାର ନିୟମ ସରକାର କରିଥିବାରୁ ଅଣ ଋଣୀ ଚାଷୀ ଆଧାର କାର୍ଡ ଲାଇନରେ ଲଗାଇ ଚିନ୍ତାରେ ରହିଛନ୍ତି। ତେବେ କମ୍ ସାର ଥିବା ବେଳେ ଅଧିକ ଚାଷୀ ଲାଇନ ଲାଗିଥିବାରୁ ଚିନ୍ତାରେ ରହିଛନ୍ତି ଲ୍ୟାମ୍ପସ୍ କର୍ତ୍ତୃପକ୍ଷ। ଏଭଳି ଅବସ୍ଥା ଲାଗି ରହିଥିବାରୁ ବଣାଇଁର ବିଭିନ୍ନ ଅଞ୍ଚଳରେ ସାର କଳାବଜାରୀ ହେଉଥିବା ଦେଖିବାକୁ ମିଳିଛି। ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ମଧ୍ୟ କଳାବଜାରରେ ମିଳି ଭଗତରେ ସାର ଯୋଗାଉଥିବା ଅଭିଯୋଗ ହେଉଛି।



# ଦୁର୍ନୀତି ରୋକିବାକୁ ସଚିବ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଦୁର୍ନୀତିକୁ ନେଇ ଚିନ୍ତିତ ମୁଖ୍ୟ ସଚିବ**

ଭୁବନେଶ୍ୱର,୧୧।୯(ସମିସ): ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟ ଶାସନ ସଚିବ। ଏ ଭଳି ଘଟଣା କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସରକାର ଅନୁଭବ କରିଛନ୍ତି। କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନହିଁ; ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ ପଦକ୍ଷେପ ଆବଶ୍ୟକ । ଏହାକୁ ନେଇ ରାଜ୍ୟର ସବୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଏକ ଚିଠି ଲେଖି ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଦୁର୍ନୀତି ପ୍ରତି କଡ଼ା ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଭ୍ୟନ୍ତରୀଣ ସଚେତନତା କମିଟି (ଇଣ୍ଟରନାଲ ଭିଜିଲାନ୍ସ କମିଟି) ଗଠନ କରି ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ ପୂର୍ବକ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍, ୱାମିସ୍, ଇ-ଟେଣ୍ଡରିଂ, ଇ-ପ୍ରୋକ୍ୟୁରମେଣ୍ଟ, ୱାର୍କ ପାସ୍ ବୁକ୍, ଡିବିଟି ଜରିଆରେ ଅର୍ଥ ପ୍ରେରଣ ଏବଂ ଅନ୍ ଲାଇନ୍ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା ପାଇଁ ପ୍ରଯୁକ୍ତି-ଭିତ୍ତିକ ସୁଧାରଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ସେଥିରେ ଅଧିକ ଉନ୍ନତି ଆଣିବା, କର୍ମଚାରୀମାନଙ୍କ ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ, ନ୍ୟାୟସଙ୍ଗତ ଓ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ଅନଲାଇନ୍ ବ୍ୟବସ୍ଥାରେ ବଦଳି ଏବଂ କାର୍ଯ୍ୟରେ ସାଧୁତା ଅବଲମ୍ବନ ସନ୍ଦେହ ରହୁଥିବା ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ(ସମ୍ବେଦନଶୀଳ) ପଦବୀରୁ ନିବୃତ୍ତ ରଖିବା ସହ ସ୍ୱଚ୍ଛତାର ସହ ମାନବ ସମ୍ବଳ ପରିଚାଳନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ଥିବା ସମସ୍ତ ସେବାର ସମୟସୀମାକୁ କାର୍ଯ୍ୟାଳୟରେ ପ୍ରଦର୍ଶନ କରିବା, ଡ୍ୟାସବୋର୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକଳାପକୁ ନିରୀକ୍ଷଣ କରି ନାଗରିକମାନଙ୍କୁ ସଶକ୍ତ କରିବା, ଦୁର୍ନୀତି ପ୍ରତି ଶୂନ ସହନଶୀଳତା(ଜିରୋ ଟଲେରାନ୍ସ) ନୀତିକୁ ପ୍ରତିଷ୍ଠିତ କରିବା ପାଇଁ ସମୟ ସମୟରେ ସମୀକ୍ଷା କରିବାକୁ କୁହାଯାଇଛି।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିନେଟ୍ ସଦସ୍ୟ ହେଲେ ରଶ୍ମି ସାହୁ



କଟକ,୧୧।୯(ସମିସ): ଓଡ଼ିଶାର ପୁରାତନ ଶିକ୍ଷାନୁଷ୍ଠାନ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ସିନେଟ୍ ସଦସ୍ୟ ମନୋନୀତ ହୋଇଛନ୍ତି। ଓଡ଼ିଶାର ପ୍ରତିଷ୍ଠିତ ରୁଚି ଶିଳ୍ପୋଦ୍ୟୋଗର ନିର୍ଦ୍ଦେଶିକା ରଶ୍ମି ସାହୁଙ୍କୁ ବିଶ୍ୱବିଦ୍ୟାଳୟର ନୂତନ ସିନେଟ୍ ସଦସ୍ୟ ଭାବେ ମନୋନୟନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ବିଦେଶରୁ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ରଶ୍ମି ରୁଚି ପ୍ରୋଜେକ୍ଟ୍ ଓ ଫାର୍ମ ବି'ର ମଧ୍ୟ ପ୍ରତିଷ୍ଠାତା। ସେ ବିଭିନ୍ନ ଆନ୍ତର୍ଜାତିକ ଶିଳ୍ପ ଓ ଉଦ୍ୟୋଗ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ସହ ଓଡ଼ିଶାରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ହେଉଛନ୍ତି ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ କନ୍ୟା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳଜିତ ସିଂହ ଓ କୁଳସଚିବ ନିରୁପମା ସ୍ୱାଇଁ ପ୍ରମୁଖ ନୂତନ ସିନେଟ ସଦସ୍ୟ ରଶ୍ମିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବ୍ୟାଙ୍କ ଋଣ...

ରାଶି ଆଦାୟ କରିପାରିବେ। ଦ୍ୱିତୀୟତଃ ଗ୍ରାହକଙ୍କ ତଥ୍ୟ ମଧ୍ୟ ସୁରକ୍ଷିତ ରଖାଯିବ। ଯଦି ଆର୍‌ବିଆଇର ଏହି ନିୟମ କାର୍ଯ୍ୟକାରୀ ହୁଏ, ତେବେ ଏହା ବଜାଜ୍ ଫାଇନାନ୍ସ, ଡିଏମ୍‌ଆଇ ଫାଇନାନ୍ସ ଏବଂ ଚୋଲାମଣ୍ଡଳମ୍ ଫାଇନାନ୍ସ ଭଳି ଗ୍ରାହକ ଉତ୍ପାଦ ପାଇଁ ଋଣ ଦେଉଥିବା କମ୍ପାନୀଗୁଡ଼ିକୁ ଲାଭ ଦେଇପାରେ, ଯାହା ଅସୁଲି ସମ୍ଭାବନାକୁ ବୃଦ୍ଧି କରିପାରିବ। ଏହି ନିୟମ ଲାଗୁ ହେବା ପରେ କରଜଦାତାଙ୍କ କ୍ଷମତା ବଢ଼ିଯିବ। ୨୦୨୪ରେ ହୋମ୍ କ୍ରେଡିଟ୍ ଫାଇନାନ୍ସ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଦେଶର ଏକ ତୃତୀୟାଂଶରୁ ଅଧିକ ଉପଭୋକ୍ତା ମୋବାଇଲ୍ ଫୋନ୍ ଭଳି ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ଋଣ ନେଇ କିଣିଥାନ୍ତି। କ୍ରେଡିଟ୍ ବ୍ୟୁରୋ ସିଆର୍‌ଆଇଏଫ୍ ହାଇମାର୍କ ଅନୁଯାୟୀ, ୧ ଲକ୍ଷ ଟଙ୍କାରୁ କମ୍ ଋଣ ଖିଲାପକାରୀ ଅଧିକ ବିପଦପୂର୍ଣ୍ଣ।

### 'ଡ୍ରଗ୍ ମନି' ରାକେଟ...

ଆର୍ଥିକ କାରବାରର ବିଶ୍ଲେଷଣରୁ ଜଣାପଡ଼ିଛି ଯେ ନିକଟରେ ୧୫୦ ଥର ଅର୍ଥ କାରବାର କରାଯାଇଥିଲା। ଏଥିରୁ ପ୍ରାୟ ୬.୮ ନିୟୁତ ଡଲାର ତଥା ୫୯୮ କୋଟି ଟଙ୍କା ମିଳିଥିଲା। ଏହା ନାଇଜେରିଆରେ ଥିବା ତା'ର ସହଯୋଗୀ ପାଖକୁ ପଠାଯାଇଥିଲା। ବିଦେଶରେ ବସି ନିଶା ଚୋରା ଚାଲାଣକାରୀ କିଭଳି ଭାବେ ଭାରତରେ କଳା କାରବାର କରୁଛନ୍ତି ଏହି ଘଟଣା ତାହାର ଭୟାବହ ରୂପକୁ ଦର୍ଶାଉଛି। ଏହା ପଛରେ ସୁସଂଗଠିତ ହାୱାଲା ରିଙ୍ଗ ରହିଛି। ଉତ୍ତମ ସିଂହ, ଚେତନ ମାମାନିଆ ଏହା ର୍ୟାକେଟର ପ୍ରମୁଖ ସହଯୋଗୀ। ଉତ୍ତମ ସିଂହ ଗୋଆରେ ଥିବା ନାଇଜେରିଆ ଡ୍ରଗ୍ସ ବ୍ୟବସାୟୀଙ୍କଠାରୁ ପ୍ରାୟ ୨.୫ ନିୟୁତ ଡଲାର (୨୨୦ କୋଟି ଟଙ୍କା) ଆଦାୟ କରିଥିଲା। ହାୱାଲା ଅପରେଟରଙ୍କ ମାଧ୍ୟମରେ ଏଥିରୁ ପ୍ରତି ସପ୍ତାହରେ ୨୧ ନିୟୁତ ଡଲାର (୧୮୪ କୋଟି ଟଙ୍କା) ନାଇଜେରିଆ ପଠାଉ ଥିଲା। ତେବେ ଏହି ଟଙ୍କା ପ୍ରତ୍ୟକ୍ଷ ଭାବେ ପଠା ଯାଇ ନ ଥିଲା। କମୋଡିଟି ଟ୍ରେଡିଂରେ ଲଗା ଯାଇଥିଲା। ଏହି ଅର୍ଥରେ ମୁମ୍ବାଇ ଏବଂ ଚେନ୍ନାଇରୁ ବେବି ଫ୍ରକ୍ସ, କୁର୍ତ୍ତା, ଟି-ସାର୍ଟ, ଚୁଡି, ଦୈନନ୍ଦିନ ସାମଗ୍ରୀ ଆଦି କିଣା ଯାଇ ଜାହାଜ ମାଧ୍ୟମରେ ନାଇଜେରିଆର ଲାଗୋସ ପଠା ଯାଇଥିଲା।

୨୪ ଟିମ୍ ସ୍ୱତନ୍ତ୍ର ଇଗଲ୍ ଟିମ୍ ଗଠନ କରାଯାଇ ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ, ଗୋଆ ଏବଂ ଦିଲ୍ଲୀରେ ଚଢ଼ଉ କରାଯାଇଥିଲା। ଡ୍ରଗ୍ ମନିକୁ କଳାରୁ ଧଳା କରୁଥିବା ୨୦ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀଙ୍କ ସହିତ ୫୦ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଚେତନ ମାଭଜି ମମାନିଆ ଏବଂ ରୋନକ ପ୍ରଜାପତି ପ୍ରମୁଖ ସାମିଲ ଥିଲା। ଏହା ସହିତ ୩୦ ନିୟୁତ ଡଲାରର କ୍ୟାସ୍ ଜବତ କରାଯାଇଥିଲା। ଏହି ନାଇଜେରିଆ ସିଣ୍ଡିକେଟ ୨୦୧୦ରୁ ଭାରତରେ ସକ୍ରିୟ ରହିଛି। ଏହି ଚୋରଚାଲାଣକାରୀ ୟୁରୋପରୁ ସିନ୍ଥେଟିକ ଡ୍ରଗ୍ ଏବଂ ଲାଟିନ ଆମେରିକାରୁ କୋକେନ ଆଣୁଥିଲେ। ଗିରଫ ବ୍ୟକ୍ତିଙ୍କ ପାଖରେ ଅନେକ ପାସପୋର୍ଟ ଥିଲା। ଜାଲ୍ ପରିଚୟପତ୍ର ଏବଂ ଭିସା ବ୍ୟବହାର କରି ଏମାନେ ପ୍ରବର୍ତ୍ତନ ଏଜେନ୍ସିଗୁଡିକୁ ଧୋକା ଦେଇ ନିଶା କାରବାର ଚଳାଇ ଥିଲେ।

### ସାର ପାଇଁ...

ସରକାର ଅନୁରୂପ ପରିମାଣର ସାର ଓଡ଼ିଶାକୁ ଆବଣ୍ଟନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ ଥିବା ୧୧, ୬୬, ୭୩୩ ମେଟ୍ରିକ୍ ଟନ୍ ସାର ମଧ୍ୟରୁ ୯ଲକ୍ଷ ୮୫ ହଜାର ୯୬୭ ମେଟ୍ରିକ୍ ଟନ୍ ସାର ବିକ୍ରି ଥିବା ସରକାର କହୁଛନ୍ତି। ମାତ୍ର ଏହି ସାର କେଉଁଠି ବିକ୍ରି ହୋଇଛି ତାହାର ଉତ୍ତର ନାହିଁ। କୌଣସି ସ୍ଥାନରେ ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ସାର ମିଳିନାହିଁ। ଅଧିକାଂଶ ସ୍ଥାନରେ ଆବଶ୍ୟକ ସ୍ଥାନରେ ଅଧା ପରିମାଣର ସାର ମିଳିଛି। ଏକ କ୍ୱିଣ୍ଟାଲ ଆବଶ୍ୟକତା ଥିବାବେଳେ ମିଳିଛି ୫୦ କଜେ। ତେଣୁ ସାର ଗଲା କୁଆଡେ ତାକୁ ନେଇ ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ସାରର ବ୍ୟାପକ କଳାବଜାରୀ ହେଉଥିଲେ ସୁଦ୍ଧା ସରକାର ଏହାକୁ ରୋକିବାକୁ ବିହିତ ପଦକ୍ଷେପ ନେଉନଥିବା ମଧ୍ୟ ଅଭିଯୋଗ ହେଉଛି।

ପଶ୍ଚିମ ଓଡ଼ିଶାରେ ସାର ସଙ୍କଟ ଅତି ଗୁରୁତର ରୂପ ଧାରଣ କରିଛି। ଚାଷୀମାନେ ସାରା ରାତି ଅନିଦ୍ରା ହେବା ପରେ ବି ସାର ପାଇବାରୁ ବଞ୍ଚିତ ହେଉଛନ୍ତି। ପାକ୍ସ ଓ ଲାମ୍ପ ସାମ୍ନାରେ ଆଧାର କାଡର୍ ଧାଡ଼ିରେ ରଖି ନିଜ ପାଳିକୁ ଅପେକ୍ଷା କରୁଛନ୍ତି। ଅବିଭକ୍ତ କୋରାପୁଟ, ଅବିଭକ୍ତ ବଲାଙ୍ଗୀର, ସୁନ୍ଦରଗଡ଼ ଗଞ୍ଜାମ ଜିଲ୍ଲାରେ ଚାଷୀମାନେ ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ଧାଡ଼ି ଲଗାଇଥିବାବେଳେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ରାଜ୍ୟରେ ସାରର ଅଭାବ ନାହିଁ ବୋଲି କହିଛନ୍ତି।

### ଆର୍‌ଟିଇ ପାଠପଢ଼ାରେ...

ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍) ଏବଂ ଦିବ୍ୟାଙ୍ଗ ବର୍ଗର ଛାତ୍ରଛାତ୍ରୀମାନେ ତହିଁରେ ନାମ ଲେଖାଉଛନ୍ତି। ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଓଡ଼ିଶାରେ ଏହାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ପ୍ରତ୍ୟେକ ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ଗରିବ ପିଲାଙ୍କ ନାମଲେଖାକୁ ଗୁରୁତ୍ୱ ଦିଆଗଲା। ଫଳରେ କେବଳ ଓଡ଼ିଶାରେ ପ୍ରାୟ ୨୪,୮୩୪ ଛାତ୍ରଛାତ୍ରୀ ଆର୍‌ଟିଇରେ ନାମଲେଖାଇ ଉପକୃତ ହେଉଛନ୍ତି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାର ବହୁ ଛାତ୍ରଛାତ୍ରୀ ଏଥିରେ ଉପକୃତ ହୋଇଥିବା ରିପୋର୍ଟରେ କୁହାଯାଇଛି।

ଏହି ରିପୋର୍ଟକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ର ସେ ଲେଖିଛନ୍ତି ଯେ, ଆର୍‌ଟିଇ ନିୟମକୁ କାର୍ଯ୍ୟାନ୍ୱୟନ କରିବାର ରଣନୀତି ଏବଂ ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କୁ ଉନ୍ନତ ଓ ଉତ୍ତମ ଶିକ୍ଷା ପ୍ରଦାନ କରିବାର ପ୍ରତିବଦ୍ଧତା ଏହି ସଫଳତା ଆଣି ଦେଇଛି। ଏହାସହ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଉତ୍ତମ ଶିକ୍ଷା ଦେବାପାଇଁ ୫-ଟି ଉପକ୍ରମରେ ରାଜ୍ୟର ପ୍ରାୟ ୭ହଜାର ବିଦ୍ୟାଳୟଗୁଡ଼ିକୁ ରୁପାନ୍ତକରଣ କରାଯାଇଛି। ନୂତନ ଓଡ଼ିଶା ଗଢ଼ିବା ପାଇଁ ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ସଶକ୍ତ କରିବାକୁ ସର୍ବଦା ବିଶ୍ୱାସ କରନ୍ତି। ରାଜ୍ୟର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସମସ୍ତ ଶିକ୍ଷକ, ଅଭିଭାବକ, ପ୍ରଶାସକ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ୍ ଦେଇଛନ୍ତି।

ଇଣ୍ଡସ୍ ଅକ୍ସନ୍ ରିପୋର୍ଟ ଅନୁଯାୟୀ ୬୧ ପ୍ରତିଶତ ପରିବାର ଏବେ ବି ସ୍କୁଲ୍ ସମ୍ବନ୍ଧୀୟ ଖର୍ଚ୍ଚ ବହନ କରୁଛନ୍ତି। ୫୭ ପ୍ରତିଶତ ଅଭିଭାବକ ଏହି ଖର୍ଚ୍ଚ ବହନ କରିବା ବହୁତ କଷ୍ଟକର ବୋଲି ସ୍ୱୀକାର କରିଛନ୍ତି। ଆର୍‌ଟିଇରେ ସମ୍ପୂର୍ଣ୍ଣ ମାଗଣା ଶିକ୍ଷାଦାନ ପାଇଁ ନୀତିଗତ ଢାଞ୍ଚା ଥିବା ସତ୍ତ୍ୱେ ଅଭିଭାବକମାନେ ପ୍ରାୟତଃ ୟୁନିଫର୍ମ, ପୁସ୍ତକ ଏବଂ ପରିବହନ ଫି' ବହନ କରୁଛନ୍ତି। ବହୁ ପିଲା ପାଠପଢ଼ା ଜାରି ରଖିଥିଲେ ମଧ୍ୟ ଅଭିଭାବକଙ୍କ ଉପରୁ ଏହି ଚାପ କମାଇବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

### ୧୮ରୁ ବିଧାନସଭାର...

ଉଭୟ ଶାସକ, ବିରୋଧୀ ନିଜର ମତ ରଖିବେ। ତେବେ ଚଳିତ ଅଧିବେଶନ ସରକାରଙ୍କ ପାଇଁ ଆଦୌ ସହଜ ହେବନି ବୋଲି ମତ ରଖିଛନ୍ତି ରାଜନୈତିକ ସମୀକ୍ଷକ।

ଗତ ୩ରୁ ୪ ମାସ ମଧ୍ୟରେ ରାଜ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ମହିଳା ସୁରକ୍ଷାକୁ ନେଇ ଓଡ଼ିଶା ଜାତୀୟସ୍ତରରେ ନିନ୍ଦିତ ହୋଇଛି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରିପାରନ୍ତି ବୋଲି ଆକଳନ କରାଯାଉଛି। ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ଚାଷୀ ଓ ସାର ଯୋଗାଣରେ ଉପୁଜିଥିବା ସମସ୍ୟା, ପରୀକ୍ଷା କେଲେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଅଧିବେଶନଟି ମାତ୍ର ୭ଦିନିଆ ହୋଇଥିଲେ ହେଁ ବିରୋଧୀ ସରକାରଙ୍କୁ ଘେରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନଥିବା ଜଣାପଡ଼ିଛି। ଅପରପକ୍ଷେ ଅଧିବେଶନରେ ଅବିଶ୍ୱାସ ପ୍ରସ୍ତାବ ଆଗତ କରିବାକୁ କଂଗ୍ରେସ ପକ୍ଷରୁ ବିଜେଡିକୁ ପ୍ରସ୍ତାବ ଦିଆଯାଇଛି। ବିଜେଡି ମଧ୍ୟ ନିଜସ୍ତରରେ ଏନେଇ ବିଚାର ବିମର୍ଶ କରୁଛି। ଯଦି ସରକାରଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ ହୁଏ, ତାହେଲେ ଏହା ରାଜ୍ୟ ରାଜନୀତିରେ ଅନ୍ୟତମ ଚର୍ଚ୍ଚିତ ଘଟଣା ହେବ। ଅତଏବ ଏହି ୭ ଦିନିଆ ଅଧିବେଶନ ସରକାରଙ୍କ ପାଇଁ ନିଶ୍ଚିତ ଆହ୍ୱାନ ସୃଷ୍ଟି କରିବ ବୋଲି ରାଜନୈତିକ ମହଲ ଟିପ୍ପଣୀ କରିଛନ୍ତି।

### ଲୋକାୟୁକ୍ତରେ ଅଚଳାବସ୍ଥା...

ଅଧ୍ୟକ୍ଷ, ଜଣେ ବିଚାର ବିଭାଗୀୟ ସଦସ୍ୟ ଏବଂ ଅନ୍ୟ ଦୁଇ ସଦସ୍ୟଙ୍କ ୫ବର୍ଷିଆ କାର୍ଯ୍ୟକାଳ ଯଥାକ୍ରମେ ଗତ ୨୦୨୪ ମାର୍ଚ୍ଚ ୧୯, ୨୦୨୪ ମାର୍ଚ୍ଚ ୩୦, ୨୦୨୪ ଏପ୍ରିଲ ୩ ଓ ଅଗଷ୍ଟ ୭ରେ ଶେଷ ହୋଇଥିଲା। ଗତ ୨୦୨୪ ଅଗଷ୍ଟ ୮ରୁ ଲେକାୟୁକ୍ତରେ ଏଥିପାଇଁ ଅଚଳାବସ୍ଥା ଦେଖାଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ୨୦୨୪ ମସିହା ଓ ୨୦୨୫ ମସିହା ମେ' ମାସ ପର୍ଯ୍ୟନ୍ତ ଲୋକାୟୁକ୍ତଙ୍କ ନିକଟରେ ମୋଟ ୪୪୪ଟି ମାମଲା ରୁଜୁ ହୋଇଥିଲା। ୨୦୨୪ରେ କେବଳ ୧୪୯ଟି ମାମଲା ଫଏସଲା ହୋଇପାରିଥିଲା। ୨୦୨୫ ଜାନୁଆରିରୁ ମେ' ପର୍ଯ୍ୟନ୍ତ ୮୩ଟି ମାମଲା ଦାୟର ହୋଇଥିଲା। ଲୋକାୟୁକ୍ତରେ ଅଧ୍ୟକ୍ଷ ଓ ସଦସ୍ୟ ପଦଗୁଡ଼ିକ ଖାଲି ପଡ଼ିଥିବାରୁ ଏହି ସବୁ ମାମଲା ବିଚାରାଧୀନ ଥିବା ଆବେଦନକାରୀ ସୂଚନା ଅଧିକାର ଆଇନରେ ହସ୍ତଗତ କରିଥିବା ତଥ୍ୟକୁ ଆବେଦନରେ ଉଲ୍ଲେଖ କରିଛନ୍ତି।

ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ଅନୁସାରେ, ସରକାର ୨୦୧୯ ଫେବ୍ରୁଆରି ୨୮ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ। ୨୦୧୯ ମାର୍ଚ୍ଚ ୨୦ରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ପରବର୍ତ୍ତୀ ସମୟରେ ଏହାର ସଦସ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୨୪ ମାର୍ଚ୍ଚ ୨୦ରୁ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଅନ୍ୟ ସଦସ୍ୟମାନଙ୍କ କାର୍ଯ୍ୟକାଳ ମଧ୍ୟ ୨୦୨୪ ଅଗଷ୍ଟ ୭ ସୁଦ୍ଧା ସରିଯାଇଛି। ଧାରା-୬ ଅନୁସାରେ ଲୋକାୟୁକ୍ତରେ ଅଧ୍ୟକ୍ଷ ଓ ସଦସ୍ୟ ପଦ ଖାଲି ହେବାର ୩ ମାସ ପୂର୍ବରୁ ଲୋକାୟୁକ୍ତ ଆଇନ ଅନୁସାରେ ପଦ ପୂରଣ ପାଇଁ ପଦକ୍ଷେପ ନିଆଯିବା କଥା। ରାଜ୍ୟ ସରକାର ଗତ ୨୦୨୪ ଫେବ୍ରୁଆରି ୨୧ର ଗେଜେଟ୍ ବିଜ୍ଞପ୍ତି ଅନୁସାରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଚୟନ ଓ ସର୍ଚ୍ଚ କମିଟି ଗଠନ କରିଥିଲେ ସୁଦ୍ଧା ଅଦ୍ୟାବଧି ନିଯୁକ୍ତି ଦିଆଯାଇନଥିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜିଏ ବିଭାଗର ପ୍ରମୁଖ ସଚିବଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି।

### ଚାନ୍ଦବାଲି ଦେଶର...

ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ସୃଷ୍ଟି ପରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ବଢ଼ିବାର ଆଶଙ୍କା କରାଯାଉଛି। ରାଜ୍ୟରେ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ୯୭୪ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୧୦୧୮ ମିମି ତୁଳନାରେ ୪ ପ୍ରତିଶତ କମ୍ ରହିଛି। ଜିଲ୍ଲାୱାରୀ ଦେଖିଲେ ୮ ଟି ଜିଲ୍ଲାରେ ବର୍ଷାର ନିଅଣ୍ଟିଆ ସ୍ଥିତି ରହିଥିବା ବେଳେ ବାକି ସବୁ ଅଞ୍ଚଳରେ ସ୍ୱାଭାବିକ କିମ୍ବା ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ରେକର୍ଡ ହୋଇଛି।


**AFFIDAVIT**

By virtue of an affidavit vide Sl. No. 791, dtd. 11.09.2025, I, Ajit Kumar Nayak, At/Po- Badakutru, Ps- Jayapatna, Dist.- Kalahandi have changed my minor son's name from Pratush Nayak to Pratyush Kumar nayak. Henceforth he will be known as Pratyush Kumar Nayak for all purposes.
**Sd/- Ajit Kumar Nayak**

**AFFIDAVIT**

By Virtue Of an Affidavit no. 1/2 dtd. 8.9.2025 the Executive Magistrate Odagaon, I Prabhata Barika S/o- Bijay Kumar Barik At- Akhupadar, Po- Rabara, Ps - Odagaon, Dist- Nayagarh have changed my daughter's name Jamuna Barika to Santoshini Barika. Henceforth she will be known as **Santoshini Barika** for all purposes.
**S/d- Prabhata Barika**

**AFFIDAVIT**

By an affidavit CF No.: 33 sworn before Executive Magistrate, Bhubaneswar on Dtd.: 24.04.2025 I, **G. Kokila,** W/o: P. Raj Sekhar, R/o: Plot No.: 56, Forest Park, PS: Capital, Bhubaneswar, Khordha- 751009, declare that I have changed the name of my minor daughter from V. Vasnavi to **P. Vaishnavi.** Henceforth, she shall be known as **P. Vaishnavi** for all future purposes.

**NOTICE**

By virtue of an affidavit sworn before Executive Magistrate, Ulunda, dated 09/09/2025 I, Sashibhusan Padhan, Address At-Hingama, Po-Raxa, Ps- Birmaharajpur, Dist-Subarnapur, Odisha, Pin - 767062 declare that I have changed the name of my daughter from Lovly Padhan to Lovely Padhan. Henceforth, she shall be known as Lovely Padhan for all purposes.
**Sashibhusan Padhan**

**AFFIDAVIT**

I, Sarmista Garnaik, W/o Biswaranjan Garnaik, a resident of Village - Girang, PO- Kulad, PS- Nalconagar, District- Angul, Odisha 759145 declare by this affidavit vide no. 2979 dt.30.08.25 that now onwards I shall be known as **SARMISTA SATPATHY** for all future purposes.
(Sd- **SARMISTA SATPATHY**)

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, MAHANGA, dated 16/07/25.I KANHA SAHOO, Address At/Po- Kusupur, P.S- Mahanga, Dist- Cuttack, Odisha-754204, declare that I have changed my name from BRAJA KISHORE SAHOO to KANHA SAHOO. Henceforth I shall be known as **KANHA SAHOO** for all purposes.
**KANHA SAHOO**

**AFFIDAVIT**

By the virtue of an affidavit sworn before the Notary public, Daringibadi, Dated 09.09.2025. I Bijay Pradhan, S/o- Pitabash Pradhan, Vill : Brahasalaka , Po: Siangabali, Ps: Daringbadi, Dist: Kandhamal, State: Odisha- 762021 declare that I have changed my minor daughter's name from SALINITY PRADHAN to SALINI PRADHAN. Henceforth, She will be known as **SALINI PRADHAN** for all purposes.

**AFFIDAVIT**

By virtue of an affidavit (CF No. 05) sworn before the Notary Public, Padampur on dated- 10/09/2025. I, **Hiralal Bishi,** S/o Premananda Bishi, permanent resident of At- Amdahan, Po- Dahita, Dist- Bargarh, Odisha, Pin- 768036 declare that I have changed my minor son's name from **Ranveer Bishi** (old name) to **Yash Bishi** (new name). Henceforth, I shall be known as **Yash Bishi** (new name) for all future purposes.
**Hiralal Bishi**

**AFFIDAVIT**

I, Purostam Sahoo, S/o- Dinabandhu Sahoo, resident of Kalinga Basti, Badagarh Brit Colony, Dist- Khurda, Pin- 751018, Odisha declared by this affidavit No. 732, dtd- 09/09/2025 that now onwards I shall be known as **PURASTAM SAHOO** for all future purposes.

**AFFIDAVIT**

I SUSHIL MANDAL, S/o- SUBASH MANDAL resident of EPDP Colony, Po./Ps.- Kalimela, DT- MALKANGIRI - 764047, Odisha declare by this Affidavit No.3675, Dated -08/09/2025 that, now onwards I shall be known as **SUSIL MANDAL** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no.776 Dt.10/09/2025 I Sri Puppala Srinivas, S/o- Late Puppala Jagannath Rao resident of Gill Petrol pump back side, Chamuriaguda, Nabarangapur, Dist.- Nabarangapur, Odisha state that, my son's name is **Puppala Sohan Kumar** and his short name is **P. Sohan Kumar**. My name is **Puppala Srinivas** and my short name is **P. Srinivas**. My wife's full name is **Puppala Kalpana** and her short name is **P. Kalpana**.

**AFFIDAVIT**

I, Bhagyalaxmi Sendha, W/o- Sudhir Kumar Sendha, Resident of Vill/PO- Sarasada, Word No. 09, Room No- 14(house), P.S.- Bhandaripokhari, Dist- Bhadrak, Odisha, Pin- 756120, declare by this Affidavit No. 2358, Dated 11.09.2025, that now onwards I shall be known as **BHAGYALAXMI MOHAPATRA** for all future purposes.

**ହଜିଛି**

**ମୁଁ, ଶ୍ରୀ ପ୍ରକାଶ ଚନ୍ଦ୍ର ମହାପାତ୍ର,** ବୟସ-୬୦ବର୍ଷ, ପିତା: ୰ ରାଜକିଶୋର ମହାପାତ୍ର, ବାସସ୍ଥାନ: ଗ୍ରାମ: ସୁବୁଦ୍ଧିପଡା, ପୋ: ମଙ୍ଗଳପୁର, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.: ୮୩୧/୨୯୧୮, ଖାରବେଳ ବିହାର, ଶିଶୁପାଳଗଡ, ଥାନା: ଧଉଳି, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏତଦ୍ଦ୍ୱାରା ଶପଥପାଠ ପୂର୍ବକ ଘୋଷଣା କରୁଛି କି,ମୁଁ, ଓଡ଼ିଶା ସମବାୟ ସମିତି ଆକ୍ଟ,୧୯୬୨ (ଆକ୍ଟ ୨,୧୯୬୩) ଅନୁଯାୟୀ ପଞ୍ଜିକୃତ ସୋସାଇଟି ଏକ୍ସ-ସର୍ଭିସ ମେନ୍ସ ମଲ୍ଟି-ପର୍ପସ କୋ-ଅପରେଟିଭ ସୋସାଇଟି ଲିଃ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପଞ୍ଜିକୃତ ନଂ.: ୧୪୧, ତାରିଖ: ୦୪.୦୧.୧୯୯୨, ଏହାର ସମ୍ପାଦକ ଶ୍ରୀ ଦେବଦାସ ମାନସିଂହଙ୍କ ଠାରୁ ଏକ ଜମି କ୍ରୟ କରିଥିଲି ଯାହାର କାଗଜାତ୍ ନଂ.: ୨୧୯୭, ତା.୨୯.୦୪.୧୯୯୭ରିଖ ଅଟେ । ତା.୧୬.୦୬.୨୦୨୫ରିଖରେ ବାଇକ୍ ଯୋଗେ ମୋ ଗାଁରୁ ମୁଁ ବର୍ତ୍ତମାନର ବାସସ୍ଥାନକୁ ଆସୁଥିବା ସମୟରେ ବାଟରେ କୌଣସି ସ୍ଥାନରେ କଥିତ ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କେଉଁଠାରେ ହଜିଯାଇଛି । ମୋର ସର୍ବୋତ୍ତମ ପ୍ରଚେଷ୍ଟା ସତ୍ତ୍ୱେ ମଧ୍ୟ ଏଗୁଡିକ ମିଳିପାରୁନାହିଁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ବିକ୍ରୟ ଦଲିଲ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ମୋତେ ମୋ ମୋବାଇଲ ନଂ.: ୯୩୯୩୪୮୬୧୯୫ରେ ଯୋଗାଯୋଗ କରିବାକୁ ଅନୁରୋଧ ।

## ନୂଆଁ ଖଇରପାଲିରେ ମହିଳା ଦାଣ୍ଡିଆ ନୃତ୍ୟ ପ୍ରଦର୍ଶନୀ



**ଅତାବିରା,୧୧।୯ (ସମିସ):** ଚକୁଳିଫାର୍ମ ନୂଆଁ ଖଇରପାଲି ଠାରେ ମହିଳା ଦାଣ୍ଡିଆ ନୃତ୍ୟ ପ୍ରଦର୍ଶନୀ କୋଲାଟମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗାଁର ପାଖାପାଖି ୫୦ ଜଣ ଆନ୍ଧ୍ର ମହିଳାମାନେ ଏଥିରେ ସାମିଲ ହୋଇଥିଲେ । କର୍ଣ୍ଣାଟକର ନୃତ୍ୟଗୁରୁ ସତିଶ ରାମାନୁଜନ ତାଲିମ ଦେଇଥିଲେ । ନିୟମିତ ବ୍ୟବଧାନରେ ଦୀର୍ଘ ୨ ମାସ ଧରି ଅଭ୍ୟାସ କରାଯାଇଥିଲା । ଏଥିରେ ତାଙ୍କ ନୃତ୍ୟ ଗୁରୁ ଶ୍ରୀରାମାନୁଜନଙ୍କ ମାର୍ଗଦର୍ଶନ, ନିର୍ଦ୍ଦେଶନାରେ ଚିତ୍ତାକର୍ଷକ ନୃତ୍ୟ ପରିବେଷିତ ହୋଇଥିଲା । ଉତ୍ସବରେ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବିଜେପି ନେତା ଡି.ମୁରଲୀ କ୍ରିଷ୍ଣା, କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ୩୦ ତାରିଖ ତିହାର ଲୋକ ମହୋତ୍ସବର ଉଦ୍‌ଘାଟନୀ ନୃତ୍ୟକଳା ପ୍ରଦର୍ଶନ କରିବାକୁ ବିଧାୟକ ଶ୍ରୀ ମହାନନ୍ଦ ନିମନ୍ତ୍ରଣ ଦେଇଥିଲେ ।

# ଚାଷୀ ପଞ୍ଜୀକରଣ ଅବଧି ପାଇଁ ସରକାରଙ୍କ ଦୋମୁହାଁ ନୀତି

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ବି ସରକାରୀ ଆଦେଶ ମିଳୁନି

**ଅତାବିରା,୧୧।୯ (ସମିସ):**

ମୁଖ୍ୟମନ୍ତ୍ରୀ ସମ୍ବଲପୁର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଚାଷୀ ପଞ୍ଜୀକରଣ ସମୟ ବୃଦ୍ଧି ନେଇ ଘୋଷଣା କଲେ । ପୂର୍ବରୁ ଯୋଗାଣ ମନ୍ତ୍ରୀ ପଞ୍ଜୀକରଣ ଅବଧି ବୃଦ୍ଧି ନେଇ ପ୍ରତିଶ୍ରୁତି ଦେଇଥିଲେ । ହେଲେ ସରକାରଙ୍କ କୌଣସି ଲିଖିତ ନିର୍ଦ୍ଦେଶନାମା ଏଯାଏଁ ମିଳିନାହିଁ । ନିର୍ଦ୍ଦେଶନାମା ନଥିବାରୁ ପଞ୍ଜୀକରଣ ସାଇଟ୍ ବି ଖୋଲୁନାହିଁ । ଏପରି ଦୋ' ମୁହାଁ ନୀତି ଅବଲମ୍ବନ କରି ଚାଷୀଙ୍କ ଅକ୍ଳାନ୍ତ ପରିଶ୍ରମ ତଥା ଯନ୍ତ୍ରଣାକୁ ନେଇ ଖେଳ ଖେଳୁଛନ୍ତି ସରକାର । ଗତ ୨୫ ତାରିଖରୁ



ପଞ୍ଜୀକରଣ ବନ୍ଦ ହୋଇଥିବା ବେଳେ ଅତାବିରା ବ୍ଲକ୍‌ର ୬ଟି ପାକ୍ସର ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି । ପଞ୍ଜୀକରଣ ଅବଧି ନ ବଢ଼ାଇଲେ ଆଗାମୀ ଦିନରେ ଚାଷୀ, ସଂଗଠନ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ରାଜ୍ୟ କୃଷକ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କେ.ରିଚି କୁମାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଗଠନର ବ୍ଲକ୍ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ସଂପାଦକ ସୁରେଶ କର୍ଣ୍ଣ, ଟିକେଲାଲ ମିଶ୍ର, ଭୁବନ ପ୍ରଧାନ, ଦଶରଥ ଭୋଇ, କିଶୋର ମେଣ୍ଡଲୀ, ଯଦୁମଣି ପ୍ରଧାନ, ସତ୍ୟନାରାୟଣ ପ୍ରମୁଖ ଦାବି ପ୍ରଦାନ କରିଥିଲେ ।

## ଦେବଦୂତ ସାଜି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କଲେ ସମାଜସେବୀ

**ଅମ୍ବାଭୋନା,୧୧।୯ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଭଟଲି ଜାଡାମୁଡା ରାସ୍ତାର ଦ୍ୱାରୀ ଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ବରଗଡ଼ ଦେଓଗାଁ ନିକଟସ୍ଥ ଟିକିରା ପଡା ଗାଁର ବିଦେଶୀ ରାଉତ (୫୫) ଆହତ ହୋଇଥିଲେ । ରୁଚିଦା ଗାଁକୁ ଯାଉଥିବା ସମୟରେ ଦ୍ୱାରୀ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା ଏବଂ ସେ ଅନେକ ସମୟ ଧରି ରାସ୍ତାରେ ପଡି ରହିଥିଲେ । ବିଦେଶୀଙ୍କ ଗୋଡ, ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ଏହି ସମୟରେ ଦ୍ୱାରୀ ଗାଁର ସମାଜସେବୀ ମଣ୍ଟୁ ବଡ଼େଇ ସେହିରାସ୍ତା ଦେଇ ଯାଉଥିଲେ । ଆହତ ବିଦେଶୀଙ୍କୁ ପଡିଥିବା ଦେଖି ଅଟକି ପଚରାଉଚରା କରିବା ସହିତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଦୁର୍ଘଟଣା ସ୍ଥଳରୁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଠିକ ସମୟରେ ପହଞ୍ଚାଇ ଚିକିତ୍ସା କରାଇବା ସହିତ ତାଙ୍କର ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଥିଲେ । ସ୍ଥିତି ଗମ୍ଭୀର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆମ୍ବୁଲାନ୍ସର ବ୍ୟବସ୍ଥା କରି ବରଗଡ଼ ସ୍ଥିତ ଖେଦାପାଲି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ । ବିପଦ ସମୟରେ ଦେବଦୂତ ସାଜିଥିବା ମଣ୍ଟୁଙ୍କ ଯୋଗୁ ଜଣଙ୍କ ଜୀବନ ବଞ୍ଚିଥିବା ଲୋକେ କହିଛନ୍ତି ।

## ଶିଶୁ ସୁରକ୍ଷା ପ୍ରଶିକ୍ଷଣ ଶିବିର

**ଭଟଲି,୧୧।୯ (ସମିସ):** ଭଟଲି ବ୍ଲକ୍ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ଦିବସୀୟ ଶିଶୁ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଗଡତିୟା ଯୋଗ ଦେଇଥିଲେ । ପ୍ରଶିକ୍ଷକ ଡ.ସୁଧିର ପଣ୍ଡା ଜନ୍ମିତ ଶିଶୁଟି ଯେପରି ୧୮ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ସବଳ ହୋଇ ବଢ଼ିପାରିବ ଓ ସମାଜ ତଥା ଦେଶର ସୁନାଗରିକ ହୋଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଅଙ୍ଗନବାଡି କର୍ମୀ, ଏସଏସଜି ମହିଳା, ସିଆରପି, ଏମବିକେ, ଶିକ୍ଷକ ପ୍ରମୁଖ ପ୍ରଶିକ୍ଷଣ ନେଇଥିଲେ ।

## ନିଶା ନିବାରଣ ଓ ବିଶ୍ୱ ଆତ୍ମହତ୍ୟା ନିରାକରଣ କର୍ମଶାଳା

**ବରଗଡ଼,୧୧।୯ (ସମିସ):** ବରଗଡ଼ ଜିଲ୍ଲାର ସର୍ବପୁରାତନ ଜର୍ଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ସାସ୍ୱତୀ ଦାଶଙ୍କ ସଭାପତିତ୍ୱରେ 'ନିଶା ନିବାରଣ ସଚେତନତା ଓ ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ' ଉପରେ ଏକ ଶିକ୍ଷଣୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦିବ୍ୟରଞ୍ଜନ ରାଉତ, ଇନସ୍ପେକ୍ଟର ବିକାଶ ଟପ୍ପୋ, ମହିଳା କଲ୍ୟାଣ ବିଭାଗର ସଂଯୋଜକ ଅଶୋକ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିଶା ସେବନ ଦ୍ୱାରା ମନୁଷ୍ୟ ମାରାତ୍ମକ ରୋଗର ଶିକାର ହୋଇ ନିଜକୁ କିଭଳି ନଷ୍ଟ କରି ଦେଉଛି ସେ ବିଷୟରେ ପିଲାମାନଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ସୁରେଶ ଦାଶ ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଗାଇସିଲେଟ ସରପଞ୍ଚ ସଂଘର ଦାବିପତ୍ର



**ଗାଇସିଲେଟ,୧୧।୯ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ସରପଞ୍ଚ ମାନେ ସରପଞ୍ଚ ହେବାର ୩ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ବି ବର୍ତ୍ତମାନ ସୁଦ୍ଧା କୌଣସି ଉନ୍ନୟନମୂଳକ କାମ କିମ୍ବା କୌଣସି ସମସ୍ୟାର ସମାଧାନ କରି ପାରୁ ନାହାନ୍ତି । ଏନେଇ ସରପଞ୍ଚ ସଂଘ ଗୁରୁବାର ଗାଇସିଲେଟ ବ୍ଲକ୍ ଗସ୍ତରେ ଆସିଥିବା ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଭେଟି ଅନେକ ସମୟ ଆଲୋଚନା କରିଥିଲେ । ବ୍ଲକ୍‌ର ୧୯ଟି ପଞ୍ଚାୟତରେ ମାତ୍ର ୪ ଜଣ କନିଷ୍ଠ ଯନ୍ତ୍ରୀ ଅଛନ୍ତି । ତେଣୁ ଆଉ ୪ ଜଣ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ନିଯୁକ୍ତି କରିବା, ବାର୍ଦ୍ଧକ୍ୟ, ବିକଳାଙ୍ଗ, ବିଧବା ଭତ୍ତା ଟଙ୍କା ଆକାଉଣ୍ଟରେ ପଡୁଥିବାରୁ ଅନେକ ଲୋକ ବହୁ ସମସ୍ୟା ଭୋଗୁଛନ୍ତି । ତେଣୁ ହିତାଧିକାରୀଙ୍କ ହାତକୁ ସିଧାସଳଖ ଟଙ୍କା ଦିଆଯାଉ ଏବଂ ଭତ୍ତା ପାଇବାରୁ ବଞ୍ଚିତ ଥିବା ଲୋକଙ୍କୁ ମଧୁବାବୁ ପେନସନ ଯୋଜନାରେ ତୁରନ୍ତ ସାମିଲ କରିବା, ପ୍ରାଥମିକ ସ୍କୁଲ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ତୁରନ୍ତ ମରାମତି ଓ ନୂତନ ଶ୍ରେଣୀଗୃହ ନିର୍ମାଣ କରିବା, ପଞ୍ଚାୟତରେ ନିଯୁକ୍ତ ଥିବା ପିଅନ ଏବଂ ରାତ୍ରଜଗୁଆଳିଙ୍କ ଦରମା ଟଙ୍କା ଉଲମ/ଝଲମରୁ ଦିଆଯିବା, ସମସ୍ତ ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା, ପାନୀୟ ଜଳଯୋଗାଣ ହେଉଥିବା ଗାଁଗୁଡିକରେ ପାଇପ୍ ଫାଟି ନଷ୍ଟ ହେଉଥିବାରୁ ଲୋକେ ବୁନ୍ଦାଏ ପାଣି ପାଇ ପାରୁନାହାଁନ୍ତି । ଏହାର ମରାମତି ସହ ଯେଉଁ ଗାଁ ଗୁଡିକରେ ପାନୀୟ ଜଳ ଯୋଗାଣ ହୋଇନାହିଁ ତାହାର ତୁରନ୍ତ ବ୍ୟବସ୍ଥା କରିବା, ରାସନ କାର୍ଡ ପାଇବାରୁ ବଞ୍ଚିତ ଥିବା ହିତାଧିକାରୀଙ୍କୁ କାର୍ଡ ଯୋଗାଇବା, ମନରେଗାରେ ୧୦୦ ଦିନ ବଦଳରେ ପୂର୍ବ ପରି ୩୦୦ ଦିନ କାମ ଯୋଗାଇବାକୁ ସରପଞ୍ଚ ମାନେ ଦାବି କରିଛନ୍ତି । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ସିଏଫ୍‌ସି/ଏସ୍‌ଏଫ୍‌ସିରୁ ଆସୁଥିବା ଅର୍ଥରାଶିର ସିଂହ ଭାଗ ଇଲେକ୍ଟ୍ରି ବିଲ ଏବଂ ଏସ୍‌ଇଏମ୍ ଓ ପମ୍ପ ଚାଳକଙ୍କ ଦରମାରେ ଖର୍ଚ୍ଚ ହେଉଛି । ତେଣୁ ଏହାର ଅନୁଦାନ ରାଶିକୁ ବୃଦ୍ଧି କଲେ ଗ୍ରାମାଞ୍ଚଳର ବିକାଶ ହୋଇ ପାରିବ ବୋଲି ମଧ୍ୟ ସେମାନେ ଦାବି ଉପସ୍ଥାପନ କରିଥିଲେ । ଉପରୋକ୍ତ ସମସ୍ତ ସମସ୍ୟା ପ୍ରତି ଧ୍ୟାନ ଦେବା ସହ ଏହାର ସମାଧାନ ପାଇଁ ପ୍ରୟାସ କରିବାକୁ ସରପଞ୍ଚ ସଂଘ ଅନୁରୋଧ କରିଥିବା ବେଳେ ମନ୍ତ୍ରୀ ତୁରନ୍ତ କିଛି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## ନାଟ୍ୟକାର ବୁଦ୍ଧଦେବ ପ୍ରଧାନଙ୍କ ନବମ ଶ୍ରାଦ୍ଧବାର୍ଷିକୀ



**ବରଗଡ଼,୧୧।୯ (ସମିସ):** ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ଗୁରୁବାର ଜାତୀୟ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ନାଟ୍ୟକାର, ବରଗଡ଼ର ବିରାଟ ଧନୁଯାତ୍ରା ମହୋତ୍ସବର ନିର୍ଦ୍ଦେଶକ ତଥା ଶିକ୍ଷକ ସ୍ୱର୍ଗତ ବୁଦ୍ଧଦେବ ପ୍ରଧାନଙ୍କ ନବମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି । ସମିତିର ସଭାପତି ସର୍ଦ୍ଦାର ପ୍ରିତମ ସିଂଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ମ୍ୟୁନିସିପାଲଟି ଚେୟାରମେନ କଳ୍ପନା ମାଝୀ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁରେନ୍ଦ୍ର ହୋତା, ପଣ୍ଡିତ ସୁରେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିଗଣଙ୍କ ସହ ସ୍ୱ.ପ୍ରଧାନଙ୍କ ସହଧର୍ମିଣୀ କନକ ପ୍ରଧାନଙ୍କୁ ସମିତିର କୋଷାଧ୍ୟକ୍ଷ ନବକୃଷ୍ଣ ମିଶ୍ର, ଉପ ସଭାପତି କମଳ ଯୋଶୀ, କଳାକାର ଜଗଦାନନ୍ଦ ମିଶ୍ର, ସାହିତ୍ୟିକ ମନୋରଞ୍ଜନ ସାହୁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ପ୍ରାଧ୍ୟାପକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ କରିଥିଲେ । ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବିନୋଦ ବିହାରୀ ପଣ୍ଡା, ତ୍ରିନାଥ ପ୍ରସାଦ ତ୍ରିପାଠୀ, କିର୍ତ୍ତି ଚନ୍ଦ୍ର ନାୟକ, ଶୋଷ ପ୍ରଧାନ, ନିଳୀମା ମହାପାତ୍ର, ରାଜୁ ପ୍ରଧାନ, ଆଇନଜୀବୀ ହୀରାଲାଲ ଭୋଇ, ସମଲେଶ୍ୱରୀ କ୍ଲବ୍‌ର ପ୍ରଶାନ୍ତ ମହାପାତ୍ର(ମାମଲୁ) ଓ ଅନ୍ୟାନ୍ୟ ସଦସ୍ୟ ଗଣ, ସମାଜସେବୀ ଦିବାକର ମାଝୀ, ଭଗବାନ ମିଶ୍ର ସ୍ମୃତି ସମିତିର ମୁଖ୍ୟ ସଂଯୋଜକ ବାଳକୃଷ୍ଣ ମିଶ୍ର, ଅରବିନ୍ଦ ଗୁପ୍ତା, ମୁଗ୍ଧା ଦାଶ, ଅଧ୍ୟାପକ, ଡା.ରାମକୃଷ୍ଣ ମିଶ୍ର, ଜଗଦୀଶ ସୈନ, ରାଧେଶ୍ୟାମ ପ୍ରଧାନ, ସୁପ୍ରଭା ପ୍ରଧାନ, ମହିଳା ସମିତିର ସଭାପତି ତଥା ସମାଜସେବୀ ଅଞ୍ଜନା ଦାସ, ମମତା ମିଶ୍ର, ସୁଜାତା ପଣ୍ଡାଙ୍କ ସହ ଅନ୍ୟାନ୍ୟ ସଦସ୍ୟ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ କମଳ ଯୋଶୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## କୃଷି ଜିଲ୍ଲା ଅଧିକାରୀଙ୍କ ସାର ଓ କୀଟନାଶକ ଦୋକାନ ପରିଦର୍ଶନ

**ଅତାବିରା,୧୧।୯ (ସମିସ):** ସାର କଳାବଜାର, କୀଟନାଶକ ଔଷଧର ମାନ ଯାଞ୍ଚ କରିବା ପାଇଁ ଭଟଲି କୃଷି ଜିଲ୍ଲା ଅଧିକାରୀ ସ୍ମିତା ପଣ୍ଡା ଅତାବିରା ବ୍ଲକ୍‌ର ୪ଟି ଡିଲର ଦୋକାନ ପରିଦର୍ଶନ କରିଛନ୍ତି । ଅଧିକାରୀଙ୍କ ପରିଦର୍ଶନ ସମୟରେ ଅତାବିରା ଗୋଷ୍ଠୀ କୃଷି ଅଧିକାରୀ ପିଙ୍କୁସେନ କର, ଲରମ୍ଭା ସହକାରୀ କୃଷି ଅଧିକାରୀ ଅଙ୍କିତା ପଣ୍ଡା, ଅତାବିରା ଆତ୍ମାର ପ୍ରଶାନ୍ତ ଭୋଇ ଉପସ୍ଥିତ ଥିଲେ । ରେଙ୍ଗାଲିକେମ୍ପର ଇଫ୍କୋ ବଜାର, ଶିବ ଶଙ୍କର ଜେନେରାଲ ଷ୍ଟୋର, ଦୁଲମପୁରର ଶୁଭମ ଟ୍ରେଡର୍ସ, ପୋଡ଼ବାଡ଼ିର ଏମ୍‌ଏସ୍ କିଶନ ଅଗ୍ରୱାଲଙ୍କ ଦୋକାନ, ଗୋଦାମ ଯାଇ କାଗଜ ପତ୍ର ଓ ଷ୍ଟକ୍ ଦେଖିଥିଲେ । ସରକାରଙ୍କ ନିୟମ ଅନୁଯାୟୀ ବଣ୍ଟନ ନିୟମାବଳୀ ପାଳନ କରାଯାଇଛି କି ନାହିଁ ଅନୁଧ୍ୟାନ କରିଥିଲେ । ଫସଲ ଉତ୍ପାଦନ କରିବା ପାଇଁ ପ୍ରତ୍ୟେକ ଫସଲକୁ ୧୭ରୁ ଅଧିକ ପ୍ରକାରର ଖାଦ୍ୟସାର ଆବଶ୍ୟକତା ରହିଥାଏ । କିନ୍ତୁ ଚାଷୀ କେବଳ ଯବକ୍ଷାରଯାନ ଓ ଫସଫରସର ମାତ୍ରାଧିକ ବ୍ୟବହାର କରାଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଫଳରେ ମାଟିର ସ୍ୱାସ୍ଥ୍ୟ, ଉର୍ବରତା ଧୀରେ ଧୀରେ ଖରାପ ହୋଇ ଜଳବାୟୁ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି । ତେଣୁ ସମସ୍ତ ଚାଷୀଙ୍କୁ ସନ୍ତୁଳିତ ଖାଦ୍ୟସାର ଉପଯୋଗ କରିବା ଏବଂ ନୂତନ ଜ୍ଞାନ କୌଶଳର ମଧ୍ୟ ଅବଲମ୍ବନ କରିବାକୁ ବୁଝାଇବା ପାଇଁ ପରାମର୍ଶ ଦେଇଥିଲେ ।

## ରାସ୍ତା ପ୍ରଶସ୍ତୀକରଣରେ କ୍ଷତିଗ୍ରସ୍ତଙ୍କୁ ଥଇଥାନ ଦାବି

■ ୯୯ ଭୂମିହୀନ ପରିବାରଙ୍କୁ କ୍ଷତିପୂରଣ ଦାବି

**ଅତାବିରା,୧୧।୯ (ସମିସ):** ଗୋଡ଼ଭଗା ଛକରୁ ବିନକା ରାଜ୍ୟ ରାଜପଥ ହେବାକୁ ଥିବା ପ୍ରଶସ୍ତୀକରଣରେ କ୍ଷତିଗ୍ରସ୍ତ ଭୂମିହୀନଙ୍କୁ ଥଇଥାନ କରି ଘର ପାଇଁ ସ୍ଥାୟୀ ଜାଗା ଦେବାକୁ କ୍ଷତିଗ୍ରସ୍ତ ପଡ଼ାବାସୀଙ୍କ ସମ୍ମିଳିତ ଦାବିପତ୍ର ଅତାବିରା ତହସିଲଦାର କେ.ରିଚି କୁମାରଙ୍କୁ ପ୍ରଦାନ କରାଯାଇଛି । ପ୍ରକାଶ ଯେ, ବ୍ୟସ୍ତବହୁଳ ରାସ୍ତାକୁ ପ୍ରଶସ୍ତୀକରଣ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏହିରାସ୍ତା କଡ଼ରେ କେନାଲକୁ ଲାଗି ବହୁଗୁଡ଼ାଏ ଦୋକାନ ବଜାର ଥିବା ବେଳେ ଗୋଡ଼ଭଗା ଫାଣ୍ଡିରୁ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ରାସ୍ତା କଡ଼ କେନାଲ ଜାଗାରେ ଦୀର୍ଘ ୪୦ ବର୍ଷ ହେଲା ପାଖାପାଖି ଶହେଟି ପରିବାର ଘର ତିଆରି କରି ରହୁଛନ୍ତି । ପ୍ରାୟତଃ ଶ୍ରମିକ ଶ୍ରେଣୀର ଭୂମିହୀନ ଏହି ପରିବାର ଲୋକେ ଅନ୍ୟତ୍ର ଜାଗା ଟିକିଏ ନାହିଁ । ସମସ୍ତ ଭୂମିହୀନଙ୍କୁ ୪ ଡିସିମିଲ ଜମି ଦେବା ପାଇଁ ସରକାରଙ୍କ ପ୍ରମୁଖ ଯୋଜନା ଥିବା ବେଳେ ରାସ୍ତା ସଂପ୍ରସାରଣ ହେଲେ ଏମାନେ ବାସହରା ହୋଇଯିବେ । ଏଣୁ ସରକାରୀ ଜାଗା ପ୍ରଦାନ କରିବାକୁ ଦାବି କରାଯାଇଛି । ୯୯ ଜଣ ପ୍ରଭାବିତ ଲୋକଙ୍କ ଦସ୍ତଖତ ସମ୍ମିଳିତ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ମା' ମାହେଶ୍ୱରୀ ସେନା ସଦସ୍ୟ କୁବେର ମହାକୁର, ସରୋଜ ମହାରଣା, ସୀମାଞ୍ଚଳ ଦଳେଇ, ଗୌରହରୀ ଦଳାଇ, କୈଳାଶ ଡାକୁଆ, ସୁଦାମ ଭୋଇ ଉପସ୍ଥିତ ଥିଲେ ।

## ପଦ୍ମଲୋଚନ ପଣ୍ଡାଙ୍କ ଜୟନ୍ତୀ ପାଳିତ

**ଅତାବିରା,୧୧।୯ (ସମିସ):** ଲରମ୍ଭା ମହାବିଦ୍ୟାଳୟ ଲରମ୍ଭାଠାରେ ମହାବିଦ୍ୟାଳୟ ପ୍ରାଣ ପ୍ରତିଷ୍ଠାତା ଯୋଗଜନ୍ମା ବ୍ରଜମୋହନ ପଣ୍ଡାଙ୍କ ସୁପୁତ୍ର ପଦ୍ମଲୋଚନ ପଣ୍ଡାଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଟଙ୍କଧର ପଧାନ, ଡ.ଜୟନ୍ତ ସାହୁ, ସରୋଜ ନାୟକ, ପ୍ରମୋଦ ଚନ୍ଦ୍ର ସେଠ, ବିଦେଶୀ ଛନ୍ଦ ପ୍ରମୁଖ ମହାବିଦ୍ୟାଳୟ ପ୍ରତି ସ୍ୱର୍ଗତ ପଣ୍ଡାଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ । ଶେଷରେ ଅଧ୍ୟାପକ ଡ.ଅଜିତ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୌରୀଶଙ୍କର ମନ୍ଦିରରେ ନୂଆଁଖାଇ ଭେଟ୍‌ଘାଟ୍




**ବରଗଡ଼,୧୧।୯ (ସମିସ):** ବରଗଡ଼ ଗୌରୀଶଙ୍କର ମନ୍ଦିର ପରିସରରେ ପପୁ ଦାଶଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ଭୀଷ୍ମଦେବ ସରାଫ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଆଇନଜୀବୀ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଆଇନଜୀବୀ ପଞ୍ଚାନନ ମିଶ୍ର, ଉପେନ୍ଦ୍ର ମହାପାତ୍ର, ଶୈଳେଶ ନାୟକ, ଉମା ଚରଣ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ସୂର୍ଯ୍ୟ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ନୃତ୍ୟ ପ୍ରତିଯୋଗିତା, ର୍‌ୟାମ୍ପ ସୋ, ଗ୍ରୁପ ଡାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜିତେନ୍ଦ୍ର ପଣ୍ଡା, ସନ୍ତୋଷ ପରିଡା, ଦିପନ ପଣ୍ଡା, ସେକନବ ଅହମ୍ମଦ, ପିଣ୍ଟୁ ରାଜପୁତ, ସୁବ୍ରତ ମିଶ୍ର, ଗୋବିନ୍ଦ ଦାଶ, ରୋହିତ ଦାଶ, ରାମ ପଣ୍ଡା, ଶ୍ୟାମ ପଣ୍ଡା, ନିରାକାର ଡାଙ୍ଗ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ଲକ୍‌ସ୍ତରୀୟ ହକି ଖେଳାଳି ଚୟନ ପ୍ରକ୍ରିୟା



**ଝାରବନ୍ଧ,୧୧।୯ (ସମିସ):** ଝାରବନ୍ଧ ବ୍ଲକ୍ ବୈତାଳି କ୍ଲଷ୍ଟର ଅଧୀନ ଅମଠି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ସମୂହ କ୍ରୀଡା ପ୍ରତିଯୋଗିତାରେ ହକି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ ପତି ଯୋଗ ଦେଇଥିଲେ । ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ ପତି ଏବଂ ଅମଠି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡୋଳାମଣୀ ତ୍ରିପାଠୀ ଉଦ୍‌ବୋଧନ ଦେଇଥିଲେ । ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁ ପ୍ରମୁଖ ଭୂମିକା ତୁଲାଇଥିଲେ । ବୈତାଳି କ୍ଲଷ୍ଟରରେ ପୂର୍ବରୁ ଦୁଇବର୍ଷ ହେଲା ଖେଳାଳି ମାନେ ବ୍ଲକ୍, ଜିଲ୍ଲା ତଥା ରାଜ୍ୟ ସ୍ତରରେ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ଝାରବନ୍ଧ ବ୍ଲକ୍‌ର ଗର୍ବ ଓ ଗୌରବକୁ ଦ୍ୱିଗୁଣିତ କରିଛନ୍ତି । ଏଥିପାଇଁ ଶ୍ରୀ ସାହୁଙ୍କ ଅକ୍ଳାନ୍ତ ପରିଶ୍ରମ ରହିଥିବାରୁ ସମସ୍ତେ ତାଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଗତବର୍ଷ ଝାରବନ୍ଧ ବ୍ଲକ୍‌ର ଦୁଇ ଛାତ୍ର ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତରକୁ ଚୟନ ହୋଇଥିଲେ । ଚଳିତ ବର୍ଷ ଆହୁରି ଭଲ ପ୍ରଦର୍ଶନ ହେବାକୁ ବିଇଓ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଚୟନ ପ୍ରକ୍ରିୟାରେ ଅମଠି ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଯୋଗେନ୍ଦ୍ର ପ୍ରଧାନ, ଝାରବନ୍ଧ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁମନ୍ତ ସାହୁ, ଗୋଠୁଗୁଡା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଆଭାସ ପଟେଲ, ତୁର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଗଣେଶ ମେହେର ଏବଂ ଡୁଙ୍ଗୁରିଚଢ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସନାତନ ବରିହା ସହଯୋଗ କରିଥିଲେ । ଆସନ୍ତା ୧୩ ତାରିଖରେ ସୋହେଲା ବ୍ଲକ୍‌ରେ ଜିଲ୍ଲା ସ୍ତରୀୟ ହକି ଚୟନ ପ୍ରତିଯୋଗିତା ହେବ ସେଥିପାଇଁ ୧୫ ଜଣିଆ ଦଳ ଆଜି ଗଠନ କରାଯାଇଥିଲା ।

# ଡଭା ଜଗଦଲପୁର ରାସ୍ତାରେ ଯମ ଯନ୍ତ୍ରଣା

**ଝାରବନ୍ଧ,୧୧।୯ (ସମିସ):**

ସରକାର ଲୋକଙ୍କୁ ଉତ୍ତମ ବ୍ୟବସ୍ଥା ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛନ୍ତି, ହେଲେ ଉପାନ୍ତ ଅଞ୍ଚଳରେ ଲୋକଙ୍କ ଗମନାଗମନ ପାଇଁ ବ୍ୟବସ୍ଥାରେ କୌଣସି ଉନ୍ନତି ହେଉନାହିଁ । ଉଦାହରଣ ଭାବେ ଝାରବନ୍ଧ ବ୍ଲକ୍ ଅଧୀନ ଡଭା ଜଗଦଲପୁର ରାସ୍ତାର ଦୁରବସ୍ଥା ଦେଖିଲେ ବୁଝାପଡ଼େ । ଖାଲ ଖମାରେ ଭର୍ତ୍ତି ରାସ୍ତାଟି ପଥିକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଲୋକେ ଯାତାୟାତ ବେଳେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି । ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଲୋକେ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି । ନୂଆପଡା ଜିଲ୍ଲାର ଖରିଆର ରୋଡରେ ଥିବା ରେଲଷ୍ଟେସନ ହେଉଛ ଅଞ୍ଚଳର ଏକମାତ୍ର ଷ୍ଟେସନ । ଏହି ଷ୍ଟେସନ ପାଖ ପଡୁଥିବାରୁ ଛତିଶଗଡର ବାସନା ସରେଇ ପାଳି ଅଞ୍ଚଳ ତଥା ଡଭା ଅଞ୍ଚଳ ଲୋକେ ଏହି ରାସ୍ତା ଉପରେ ନିର୍ଭର



କରୁଛନ୍ତି । ଏହା ସହିତ ଡଭାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାଜସ୍ୱ କାର୍ଯ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାକ୍ସ, ବ୍ୟାଙ୍କକୁ ଯିବା ଆସିବା ତଥା ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ, ଜନସାଧାରଣଙ୍କ ଏହିରାସ୍ତା ହିଁ ସାହା ଭରସା । ରାସ୍ତାରେ ଖାଲ ଖମା ଥିବା ଯୋଗୁ ଛୋଟ ବଡ ଦୁର୍ଘଟଣା ମାନ ଘଟୁଛି । ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ବିଶେଷଜ୍ଞ ଡାକ୍ତର ନ ଥିବାରୁ ଏବଂ ନୂଆପଡା ଜିଲ୍ଲାର ଦୂରତା କମ ଥିବାରୁ ସ୍ୱାସ୍ଥ୍ୟ ସେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିବା ପାଇଁ ମଧ୍ୟ ଏହିରାସ୍ତାରେ ଲୋକେ ଯାଉଛନ୍ତି । ଏପରି ବ୍ୟସ୍ତବହୁଳ ରାସ୍ତାର ଠିକ ଭାବେ ମରାମତି କରାଯାଉ ନ ଥିବାରୁ ପ୍ରତ୍ୟହ ହଜାର ହଜାର ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଥାଶୀଘ୍ର ଏହିରାସ୍ତାର ମରାମତି ସହ ଉନ୍ନତିକରଣ ପାଇଁ ଜନସାଧାରଣରେ ମତ ପ୍ରକାଶ ପାଇଛି ।

# ଗୋ ମାଫିଆଙ୍କ ଗାଡ଼ି ଧକ୍କାରେ ଟୋଲ୍ କର୍ମଚାରୀ ମୃତ

ଇବଥର୍ମାଲ,୧୧।୯ (ସମିସ)

ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ୍ ଜାତୀୟ ରାଜପଥ ତଥା ରେଙ୍ଗାଲି ଥାନା ଅଧୀନ ଗୋବିନ୍ଦପୁର ଟୋଲ୍‌ଗେଟ୍ ଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣକ କଦମଡିହି ପର୍ସିଆନ୍ ଗାଁର ଅନିଲ ପଟେଲ ଓ ସେ ଟୋଲ୍‌ଗେଟ୍ କର୍ମଚାରୀ ବୋଲି ଜଣାପଡିଛି। ବୁଧବାର ରାତି ପ୍ରାୟ ୩ଟାରେ ଏକ ଗୋରୁ ବୋଝେଇ ଗାଡ଼ି ଗୋବିନ୍ଦପୁର ଟୋଲ୍ ଗେଟ୍ ଠାରେ ଅନିଲଙ୍କୁ ଧକ୍କା ଦେଇ ଅନେକ ବାଟ ଘୋଷାଡି ନେଇଥିଲା। ପରେ ମାଫିଆମାନେ ଗାଡ଼ି ଛାଡି ଫେରାର ହୋଇଥିଲେ। ରେଙ୍ଗାଲି ପୁଲିସ ଗାଡ଼ିକୁ ଜବତ୍ କରି ସେଥିରେ ଥିବା ୬ଟି ଗୋରୁଙ୍କୁ ଉଦ୍ଧାର କରିଥିଲା। ଘଟଣା ଜଣାପଡିବା ପରେ ଅନିଲଙ୍କ ପରିବାର ଲୋକଙ୍କ ସମେତ ଅଞ୍ଚଳବାସୀ ଟୋଲ୍ ଗେଟ୍ ପାଖରେ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ୍ ଶବକୁ ଉଠେଇ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା।



ହେଲେ ଶବ ଅଣାଯିବା ପରେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଝାରସୁଗୁଡାରୁ ଛତିଶଗଡ ଯୋଗାଯୋଗ ବନ୍ଦ ହୋଇ ରାସ୍ତାରେ ଲମ୍ବା ଲାଇନରେ ଯାନବାହନ ଛିଡା ହୋଇଥିଲା। ଅନିଲ ଟୋଲ ଗେଟ୍‌ରେ କାର୍ଯ୍ୟରତ ଅବସ୍ଥାରେ ଦୁର୍ଘଟଣାରେ ଜୀବନ ହାରିଥିବାରୁ ତାଙ୍କ ପରିବାରର ଜଣକୁ ଟୋଲ ଗେଟ୍‌ରେ ଚାକିରି ସହ ଉଚିତ କ୍ଷତିପୂରଣ ଦେବାକୁ ପ୍ରବଳ ଦାବି ହୋଇଥିଲା।

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ

ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଲଖନପୁର ଅତିରିକ୍ତ ତହସିଲଦାର ଅଜିତ ମହନ୍ତ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ଲଖନପୁର ଆଇଆଇସି ସୌମେନ୍ଦ୍ର ନାଏକ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଟୋଲ ଗେଟ୍ କର୍ତ୍ତୃପକ୍ଷ ପହଞ୍ଚି ବହୁ ବୁଝାସୁଝା କରିଥିଲେ। ପରେ ରାତି ପ୍ରାୟ ୮ଟା ୩୦ ବେଳକୁ ମାମଲା ସମାଧାନ ହୋଇଥିଲା। ମୃତକଙ୍କ ପରିବାରକୁ ୪ ଲକ୍ଷ ୭୦ ହଜାର ଟଙ୍କା କ୍ଷତିପୂରଣର ଦେବାକୁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା କୁହାଯାଇଛି।

# ଛତି ଗୋଟାଇବାକୁ ଯାଇ ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ



କୁଣ୍ଢେଇଗୋଲା,୧୧।୯ (ସମିସ): ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅଧୀନ କୁରଡପଶି ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଥିବା ଜଣାପଡିଛି। ଗାଁର କୋହ୍ଲ ନାୟକ (୬୦) ଆଜି ସକାଳୁ ଗାଁର ଜଙ୍ଗଲକୁ ଛତି ତୋଳିବାକୁ ଯାଇଥିବା ବେଳେ ସେଠାରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରି ଦଳି ଦେଇଥିଲା। ଘଟଣା ପରେ ସେଠାକୁ ଯାଇଥିବା ଅନ୍ୟ କେତେକ ଗ୍ରାମବାସୀ ମୃତକଙ୍କ ପରିବାର ସମେତ ବନ ବିଭାଗ ଓ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ଫରେଷ୍ଟରେଞ୍ଜର ନିରଞ୍ଜନ ଧରୁଆ, ଫରେଷ୍ଟର ମନ୍ମଥ ବେହେରା, କୁଣ୍ଢେଇଗୋଲା ଥାନା ଅଧିକାରୀ ଜନ୍ କୁଜୁର୍ ଓ ବନ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ସୂଚନା ରହିଛି। ଅନ୍ୟ ପକ୍ଷରେ ସ୍ଥାନୀୟ ଅଞ୍ଚଳରେ ପ୍ରତିବର୍ଷ ହାତୀ ଆକ୍ରମଣରେ ବାରମ୍ବାର ଗ୍ରାମବାସୀଙ୍କର ମୃତ୍ୟୁ ଘଟୁଥିଲେ ମଧ ହାତୀ ମାନଙ୍କୁ ଅନ୍ୟତ୍ର ଘଉଡାଇଇବାରେ ବନ ବିଭାଗ ବିଫଳ ହୋଇଥିବା ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଉଛି। ବର୍ତ୍ତମାନ ଧାନ ଫସଲକୁ ହାତୀ ମାନେ ନଷ୍ଟ କରୁଥିବା ବେଳେ ବନ ବିଭାଗ ଏହାର ସ୍ଥାୟୀ ସମାଧାନ କରି ପାରୁନାହିଁ। ତେଣୁ ଯଥାଶୀଘ୍ର ଏଥିପ୍ରତି ବନ ବିଭାଗ ସ୍ଥାନୀୟ ଅଞ୍ଚଳରୁ ହାତୀ ମାନଙ୍କୁ ଅନ୍ୟତ୍ର ଘୋଉଡାଇ ଅଞ୍ଚଳରେ ଲୋକଙ୍କ ଧନ ଓ ଜୀବନ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦେବଗଡ଼ ବନଖଣ୍ଡର ୯୫ ପଞ୍ଚାୟତକୁ ଚାରା ବିତରଣ



ଦେବଗଡ଼,୧୧।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଆସନ୍ତା ୧୭ ତାରିଖ ଦିନ ଦେଶ ବ୍ୟାପି ଏକ ଦିବସୀୟ ବନୀକରଣ 'ମାଙ୍କ ପାଇଁ ଗଛଟିଏ' ଅଭିଯାନ ଅନୁଷ୍ଠିତ ହେବ। ଏନେଇ ଦେବଗଡ଼ ବନଖଣ୍ଡ ପକ୍ଷରୁ ଜିଲ୍ଲାର ୭୦ ପଞ୍ଚାୟତ ଓ ଅନୁଗୁଳ ଜିଲ୍ଲାର ୨୫ ପଞ୍ଚାୟତରେ ବନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଚାରା ଯୋଗାଣ ଗତକାଲି ସମାପ୍ତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ଫରେଷ୍ଟ ବାରାକ ଠାରେ ବନଖଣ୍ଡ ଅଧିକାରିଣୀ ସୁଶ୍ରୀରଶ୍ମି ଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀ ଓ ଅରୁଣ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଦେବଗଡ଼ ବନଖଣ୍ଡ ଅଧୀନ ସମସ୍ତ ୯୫ ପଞ୍ଚାୟତକୁ ସବୁଜ ପଞ୍ଚାୟତରେ ପରିଣତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶେଷ ପଞ୍ଚାୟତକୁ ଚାରା ବିତରଣ ନିମନ୍ତେ ସବୁଜରଥକୁ ଜିଲ୍ଲାପାଳ ଶ୍ରୀ ସାହୁ ସବୁଜ ପତାକା ଦେଖାଇ ପ୍ରେରଣ କରିଥିଲେ।

**● ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ଅବସରରେ ଅନୁଷ୍ଠିତ ହେବ ଏକକାଳୀନ ଚାରାରୋପଣ**

# ଜଙ୍ଗଲ ଜମିକୁ ମେଟାଲିକ କମ୍ପାନୀ ବ୍ୟବହାର କରୁଥିବା ଅଭିଯୋଗ କଲେ ଗ୍ରାମବାସୀ

ଝାରସୁଗୁଡ଼ା,୧୧।୯ (ସମିସ): ଝାରସୁଗୁଡ଼ା ସଦର ବ୍ଲକ୍ ମରାକୁଠା ଠାରେ ଥିବା ଓଡ଼ିଶା ମେଟାଲିକ କମ୍ପାନୀ ଗାଁରେ ଥିବା ଜଙ୍ଗଲ ଜମିକୁ ନିଜ ବ୍ୟବହାରରେ ଲଗାଇ ଥିବା ଅଭିଯୋଗ କରି ମରାକୁଠା ଗ୍ରାମବାସୀ ଗତକାଲି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗାଁରେ ଥିବା ଗୋଚର ଓ ଜଙ୍ଗଲ ଜମିକୁ ଓଡ଼ିଶା ମେଟାଲିକ କମ୍ପାନୀ ନିଜ ଅକ୍ତିଆରରେ ରଖି ବ୍ୟବହାର କରୁଛି। ଏହା ସହିତ କହେଁଇ ନାଳାକୁ କାନ୍ଥ ଦେଇ କମ୍ପାନୀ ବ୍ୟବହାର କରୁଥିବା ବେଳେ ଗାଁର ଶ୍ମଶାନ ଭୂଇଁକୁ ମଧ ନିଜ ଅକ୍ତିଆର ରଖିଛି। ଏହାଦ୍ୱାରା ଗାଁର ଗାଈ ଗୋରୁଙ୍କ ଚାରଣ ଭୂମିର ଅଭାବ, ଶବଦାହ ଏବଂ ପାଖ ଅଞ୍ଚଳରେ ବୃକ୍ଷରୋପଣ ଆଦି କାର୍ଯ୍ୟରୁ ଗ୍ରାମବାସୀ ବଞ୍ଚିତ ହେଉଛନ୍ତି। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଗ୍ରାମବାସୀ ତୁରନ୍ତ ଏହାର ତଦନ୍ତ କରି ଗ୍ରାମବାସୀଙ୍କୁ ଜମି ଫେରାଇବା ସହିତ ଲୋକମାନଙ୍କୁ ମୌଳିକ ସୁବିଧା ପାଇବାରେ ସହଯୋଗ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ ମରାକୁଠା ସରପଞ୍ଚ ଲିଲି ତନ୍ତୀ, ସମିତି ସଭ୍ୟ ସୁଜାତା ମେହେର, ନାଏବ ସରପଞ୍ଚ ଆଶିଷ ଗର୍ଡିଆଙ୍କ ସହିତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ନେଇ ଓଡ଼ିଶା ମେଟାଲିକର ଅଜିତ ସିଂ ପଚାରିବାରୁ ସେ ମତାମତ ଦେବାକୁ ମନା କରିଥିଲେ।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ପାୱାରପ୍ଲାଣ୍ଟ ପରିଦର୍ଶନ

ଇବଥର୍ମାଲ,୧୧।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଅନୁଶା ଏକ୍କା, ସମ୍ବିତ ମୁଣ୍ଡା ତଥା ଲଖନପୁର ଅତିରିକ୍ତ ତହସିଲଦାର ସନ୍ତୋଷ ନାଏକ ଗୁରୁବାର ହଠାତ୍ ଲଖନପୁର ବ୍ଲକ୍ ସାହାଜବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ପାୱାରପ୍ଲାଣ୍ଟ ଅଞ୍ଚଳ ପରିଦର୍ଶନରେ ଆସି ଫେରି ଯାଇଛନ୍ତି। ଗତ କିଛିମାସ ତଳେ ସ୍ଥାନୀୟ ଅଞ୍ଚଳରେ ଚିଲିକା, ରମ୍ପେଲା, କୁମ୍ଭାରବନ୍ଧ ତଥା ପିପିଲିକାନି ପଞ୍ଚାୟତ ଜନସାଧାରଣଙ୍କୁ ନେଇ ଗଠିତ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ଜିଲ୍ଲାପାଳ ସମେତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଅଭିଯୋଗ କରିଥିଲା। ଏହି ଆଧାରରେ ଗସ୍ତ ଥିଲା ବୋଲି ଅଧିକାରୀ ଅନୁଶା ଏକ୍କା ପ୍ରକାଶ କରିଛନ୍ତି। ସେମାନେ ପ୍ରଥମେ ଆସି ପରିବେଶ କମିଟି ସଦସ୍ୟ ମାନଙ୍କୁ ଭେଟିବା ପରେ ପାଉଁଶ ପରିବହନର ବ୍ୟବସ୍ଥା, ଜଳ ନିଷ୍କାସନର ବ୍ୟବସ୍ଥା ତଥା ରାସ୍ତା ଅବସ୍ଥା ଅନୁଧ୍ୟାନ କରିଥିଲେ। ଏହି ସମୟରେ ପରିବେଶ କମିଟିର ସାଧାରଣ ସମ୍ପାଦକ ଭୋନାଥ ବଡ଼େଇ, କୁମ୍ଭାର ବନ୍ଧ ସମିତି ସଭ୍ୟ ରମାକାନ୍ତ ମିର୍ଦ୍ଧା, ପିପିଲିକାନି ସମିତି ସଭ୍ୟ ବିଦ୍ୟାଧର ଚାନ୍ଦ, ତପନ ପାଟଯୋଷୀ ପ୍ରମୁଖଙ୍କ ସହ ଭେଟ କରି ପରିଦର୍ଶନ ପରେ ଚାଲି ଯାଇଥିଲେ। ଏହା ଉପରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ଏବଂ ଏହାର ସହିତ ପ୍ରତିକାର ପଦକ୍ଷେପ ସକାଶେ ଲେଖିବୁ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରିଣୀ ଏକ୍କାଙ୍କ ଠାରୁ ପ୍ରକାଶ।



# ଗୁଛାପାଲିରେ ନୂଆଁଖାଇ ଭେଟ୍‌ଘାଟ୍



କୋଲାବିରା,୧୧।୯ (ସମିସ): କୋଲାବିରା ବ୍ଲକ୍ ସୋଡ଼ାମାଲ ପଞ୍ଚାୟତ ଗୁଛାପାଲି ଠାରେ ସମନ୍ୱିତ ଆଦିବାସୀ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ମହାଆଡମ୍ବର ସହିତ ଧୂମଧାମରେ ପାଳନ ହୋଇଯାଇଛି। ଆଖପାଖ ଅଞ୍ଚଳର ମହିଳା ପୁରୁଷ ମାନଙ୍କ ସହ ଅନେକ ସାଂସ୍କୃତିକ ଦଳ ଏଥିରେ ସାମିଲ ହୋଇ ନାଚଗୀତ ମାଧ୍ୟମରେ ଗାଁ ପରିକ୍ରମା କରି ପଟାଭାଡି ପଡା ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ସଂଗଠନ ସଭାନେତ୍ରୀ ପଦ୍ମିନୀ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂହ ନାଏକ ଉପ ସଭାପତି ପ୍ରେମସାଗର ଧୁରୁଆ, ଏସଟି ଏସସି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ବରିଷ୍ଠ ଓକିଲ ଲକ୍ଷ୍ମୀଚରଣ ପାଲ, ସଂଗଠନ ସଂପାଦକ ପ୍ରଭାକର ଓରାମ, ସଂପାଦକ ରବୀନ୍ଦ୍ର ସୋହେଲା, ଛାତ୍ରନେତା ତଥା ଓକିଲ ଜିତେନ୍ଦ୍ରୀୟ ଧୁରୁଆ, ଅସୀମ ପଟେଲ, ସରପଞ୍ଚ ଚନ୍ଦନ ପଟ୍ଟନାୟକ, ସମାଜସେବୀ ସୁରେନ୍ଦ୍ର ନାଏକ, ତ୍ରିଲୋଚନ ଡନସନା, ସମାସିଂହା ରମାଦେବୀ ଅନୁସୂଚିତ ଜାତି ମହିଳା ସଭାପତି ସୂର୍ଯ୍ୟକାନ୍ତି ଚାନ୍ଦ, ନିଲେନ୍ଦ୍ରୀ କାଲୋ ପ୍ରମୁଖ ଯୋଗ ଦେଇଥିଲେ। ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ଚିନ୍ତାମଣି ଗୁରୁ ଓ ଅର୍ଜୁନ ପଟେଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରାହୋଇଥିଲା। ଉତ୍ସବ ପାଳନ ଅବସରରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସାଂସ୍କୃତିକ ଦଳ ଜୟ ମାଁ କରମସାନୀ ଅମନାପାଲି, ଉଜାଲା ଗ୍ରୁପ ଗୁଛାପାଲି, ମାଁ କରଲା ଖାଇ ନାଚ ଦଳ ଗୁଛାପାଲି, ପଟାଭାଡି କୀର୍ତ୍ତନ ମଣ୍ଡଳୀ ଗୁଛାପାଲି ଦଳକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ନୂଆଁ ଚାଉଳରୁ ତିଆରି ହୋଇଥିବା କାକେରା, ଆରିସା ଓ ମଣ୍ଡା ପିଠା ପରସ୍ପର ମଧ୍ୟରେ ବଣ୍ଟନ କରି ନୂଆଁଖାଇ ଭେଟଘାଟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂପାଦକ ତପନ କାଲୋ ପରିଚାଳନା କରିଥିବା ବେଳେ ଦିଲୀପ ଲୁହା, ଖୁସିରାମ ଲୁହା, ଡିଲେଶ୍ୱର କିସାନ, ଜୟମଙ୍ଗଳ ଲୁହା, ସନ୍ତୋଷ ପ୍ରଧାନ, ରାଜେଶ ଲୁହା, ବିନୋଦ ଡନସନା, ରାଜେଶ ନାଏକ, ନିରୁପମା କାଲୋ, ପଙ୍କଜିନୀ ଡନସନା, ନମିତା ପ୍ରଧାନ, ଖୁସି ପୁଝାରୀ, ନିଲିମା ଚାରଦିଆ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ନୂତନ ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଝାରସୁଗୁଡ଼ା,୧୧।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ନୂତନ ଅବକାରୀ କାର୍ଯ୍ୟାଳୟ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଛତିଶଗଡ ସମେତ ଅନ୍ୟାନ୍ୟ ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ ଦୃଷ୍ଟିରୁ ଏବଂ ରେଳ ଜଙ୍କସନ ଦୃଷ୍ଟିରୁ ବେଆଇନ ମାଦକ ଦ୍ରବ୍ୟର ପ୍ରବେଶ ଓ ଏହା ଉପରେ ପ୍ରତିବନ୍ଧକ ଲଗାଇବା ଏହାର ଏକ ମୁଖ୍ୟ ଉଦ୍ଦେଶ୍ୟ ରହିବ। ଏହଛଡ଼ା ଅବକାରୀ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟଶୈଳୀକୁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ ଦିଗରେ କାର୍ଯ୍ୟାଳୟ ପଦକ୍ଷେପ ନେବ ବୋଲି ଆଶାବ୍ୟକ୍ତ କରିବା ସହ ବିଭାଗୀୟ ଅଧିକାରୀ ଏ ଦିଗରେ ଯତ୍ନବାନ ହେବାକୁ କାର୍ଯ୍ୟ କରିବେ ବୋଲି ବିଧାୟକ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଥିଲେ। ଅବକାରୀ ଅଧୀକ୍ଷକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆଞ୍ଚଳିକ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଭାତ ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ ଉପ ଆରକ୍ଷୀ ଅଧୀକ୍ଷିକା ଶେର୍ଲି ଏକ୍କା, ଅବକାରୀ ଇନିସ୍ପେକ୍ଟର କ୍ଷିତିଶ ଦାସ, ବନ୍ଦନା ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଧାୟକ, ଜିଲ୍ଲାପାଳ ଓ ଡିଏଫଓ ନୂତନ ଭାବେ ନିର୍ମିତ ଅବକାରୀ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ।

# କଫ ସିରପ୍ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

ଦେବଗଡ଼,୧୧।୯ (ସମିସ): ଦେବଗଡ଼ ଥାନାଞ୍ଚଳ ଅଧୀନ ରଙ୍ଗିଆଗୁଡା ଅଞ୍ଚଳରୁ ପୁଲିସ ଚଢ଼ଉ କରି ବେଆଇନ କଫ ସିରପ୍ ଜବତ କରିଛି। ଉକ୍ତ ଘଟଣାରେ ରଙ୍ଗିଆଗୁଡାର ଜୟ ଭଗବାନ ସାହୁ(୨୮)କୁ ପୁଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୩୮ଟି କଫ ସିରପ୍ ବୋତଲ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଦେବଗଡ଼ ଥାନାଞ୍ଚଳର ରଙ୍ଗିଆଗୁଡା ଅଞ୍ଚଳର ଜୟ ଭଗବାନ ସାହୁଙ୍କ ଘରେ ବେଆଇନ ଭାବେ କଫ ସିରପ ବିକ୍ରି କରୁଥିବା ପୁଲିସ ବିଶେଷ ସୂତ୍ରରୁ ସୂଚନା ପାଇଥିଲା। ଆଜି ଜୟ ଭଗବାନଙ୍କ ଘରେ ପୁଲିସ ଚଢ଼ଉ କରି ଏକ ପ୍ଲାଷ୍ଟିକ ପଲିଥିନରୁ ୩୮ଟି କଫ ସିରପ ବୋତଲ ଜବତ କରିଥିଲା। ସେଥିମଧ୍ୟରୁ ୨୮ଟି ଏସକଫ ବୋତଲ ଓ ୧୦ଟି ଆର୍‌ଏକ୍ସ ଟସ୍ କଫ ସିରପ୍ ବୋତଲ ମିଳିଛି। ବିନା ଲାଇସେନ୍ସରେ ବେଆଇନ ବିକ୍ରି ପାଇଁ ଅଭିଯୁକ୍ତ ଜୟ ଭଗବାନ ସମ୍ବଲପୁରରୁ ଆଣି ସେ ଦେବଗଡ଼ରେ କଫ ସିରପ୍ ବିକ୍ରି କରୁଥିବା ବେଳେ ଆଜି ଅଭିଯୁକ୍ତକୁ ପୁଲିସ କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି।

# ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କୁ ଝାରସୁଗୁଡ଼ାରେ ସ୍ୱାଗତ



ଝାରସୁଗୁଡ଼ା,୧୧।୯ (ସମିସ): ସିନେ ତାରକା ତଥା ଦିଗପହଣ୍ଡିର ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କୁ ଝାରସୁଗୁଡ଼ା ବିଜେପି ପକ୍ଷରୁ ସ୍ୱାଗତ କରାଯାଇଛି। ଗୁରୁବାର ଟ୍ରେନ ଯୋଗେ ବିଧାୟକ ଶ୍ରୀ ମହାପାତ୍ର ଝାରସୁଗୁଡ଼ା ରେଳ ଷ୍ଟେସନରେ ଓହ୍ଲାଇଥିଲେ। ସେଠାରେ ଝାରସୁଗୁଡ଼ା ଜିଲ୍ଲା ବିଜେପି ପକ୍ଷରୁ କାଉନସିଲର ଦେବବ୍ରତ ପାଣ୍ଡେ, ବନ୍ଦନା ମୁଦ୍ରା, ତରଙ୍ଗ ଦୁବେ ପ୍ରମୁଖଙ୍କ ସହ ସହର ମଣ୍ଡଳ ସଭାପତି ଅରବିନ୍ଦ ପାଠକ, ସୋନୁ ଥିରାଣୀ, ବାବକୁ ସିଂ, ବିବେକ ଶ୍ରୀବାସ ପ୍ରମୁଖ ବିଧାୟକ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# ସୁଶୀଲା ମହାନନ୍ଦଙ୍କ ପରଲୋକ

ପଦ୍ମପୁର,୧୧।୯ (ସମିସ): ପଦ୍ମପୁର ସ୍ଥିତ ଶାନ୍ତିନଗର ପଡା ନିବାସୀ ଜ୍ୟୋତିଷ ମହାନନ୍ଦଙ୍କ ଧର୍ମପତ୍ନୀ ସୁଶୀଳା ମହାନନ୍ଦ (୫୫) ଙ୍କ ଅକାଳ ବିୟୋଗ ଘଟିଛି। ସେ ହଠାତ୍ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କ ପରଲୋକ ହୋଇଥିଲା। ତାଙ୍କ ପଛରେ ସ୍ୱାମୀ, ପୁଅ ସୁଶାନ୍ତ ମହାନନ୍ଦ, ପ୍ରଶାନ୍ତ ମହାନନ୍ଦ ବହୁ ଦିକ୍ଷା ମହାନନ୍ଦଙ୍କ ସମେତ ପରିବାର ବର୍ଗ ବନ୍ଧୁ ବାନ୍ଧବ ରହିଛନ୍ତି। ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ବଡ ପୁଅ ସୁଶାନ୍ତ ମହାନନ୍ଦ ମୁଖାଗ୍ନି ଦେଇଥିଲେ।



# ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ପାଇକମାଲ,୧୧।୯ (ସମିସ): ପାଇକମାଲ ବ୍ଲକ୍ ନୃସିଂହନାଥ ସମଲେଶ୍ୱରୀ ମନ୍ଦିର ପରିସରରେ ପାଇକମାଲ ଯାଦବ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ପାଇକମାଲ, ଝାରବନ୍ଧ, ଗାଇସିଲେଟ, ପଦ୍ମପୁର, ଦହିତା ସର୍କଲ, ନୂଆପଡା ଜିଲ୍ଲା କୁଳିଆବନ୍ଧା ସର୍କଲର ଯାଦବ କର୍ମକର୍ତ୍ତା ଯୋଗ ଦେଇଥିଲେ। ଡୋଲାମଣୀ ମାହାର ମଞ୍ଚ ପରିଚାଳନା କରିଥିଲେ। ସଭାରେ ଆରଦ୍ରା ବାଗ, ସମଲେଶ୍ୱରୀ ମନ୍ଦିର ସଭାପତି ମଧୁସୂଦନ ପାଣ୍ଡେ, ବ୍ଲକ୍ ସଭାପତି ବନମାଳୀ ଚନ୍ଦନ, ଯୁବା ସଭାପତି ମାନସ ନାଗ, ଝାରବନ୍ଧ ବ୍ଲକ୍ ସଭାପତି ଧ୍ରୁବଚରଣ ହାତୀ, ପଦ୍ମପୁର ଏନଏସି ଗଙ୍ଗାଧର ଚିରଗୁନ, ଦହିତା ସର୍କଲ ସଭାପତି ମୋତିରାମ ପୋଡ଼, ଗାଇସିଲେଟ ବ୍ଲକ୍ ପୂର୍ବତନ ସଭାପତି ସୁରେଶ୍ୱର ଭୋଇ, କୁଳିଆବନ୍ଧା ସର୍କଲ ଉପସଭାପତି ହରେକୃଷ୍ଣ ଭୋଇ, ପଦ୍ମପୁର ଏନଏସି ଯୁବ ସଭାପତି ବିଜୟ ମାଝୀ ସମସ୍ତ ଯାଦବ କର୍ମକର୍ତ୍ତା ଯୋଗ ଦେଇଥିଲେ। ପାଇକମାଲ ଜୋନ ସଭାପତି ନଳିନୀ ଥପା, ମନୋହର ପୁଞ୍ଜି, ଭାସ୍କର ଭୋଇ, ମନ୍ଦିର କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାଗ ସମେତ ଯାଦବ ସମାଜର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ପାଇକମାଲ ବ୍ଲକ୍ ସମ୍ପାଦକ ବାଳକୃଷ୍ଣ ବନଛୋର ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ଡିଜେଲ ଚୋରି ଉଦ୍ୟମ ପଣ୍ଡ

ଦେବଗଡ଼,୧୧।୯ (ସମିସ): ଦେବଗଡ଼ ଥାନା ଅଧୀନ ବଳମ କଣ୍ଟାପାଲି ରାସ୍ତା ୪୯ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣାଗ୍ରସ୍ତ ଟ୍ରକ ରହିଛି। ଗତକାଲି ରାତିରେ ସେହି ଟ୍ରକରୁ ଅନ୍ୟ ଏକ ଟ୍ରକକୁ କିଛି ଦୁର୍ବୃତ୍ତ ଡିଜେଲ ଚୋରି ଉଦ୍ୟମ ବେଳେ ଦୁର୍ଘଟଣା ଗ୍ରସ୍ତ ଟ୍ରକ ଚାଳକଙ୍କ ଚିତ୍କାର ଶୁଣି କେତେକ ଗ୍ରାମବାସୀ ଘଟଣା ସ୍ଥଳକୁ ମାଡି ଆସିବାରୁ ଟ୍ରକ ଛାଡି ଡିଜେଲ ଚୋର ମାନେ ଫେରାର ହୋଇଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚୋରି ହୋଇଥିବା ୧୦୦ ଲିଟର ଡିଜେଲ ଜବତ କରିବା ସହ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗତ କିଛି ଦିନ ପୂର୍ବେ କାଞ୍ଜିପାଣି ଘାଟିରେ ଏକ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଗତକାଲି ରାତିରେ ଅନ୍ୟ ଏକ ଟ୍ରକ ସାହାଯ୍ୟରେ ଟୁଚନ କରି ଟ୍ରକଟିକୁ ମରାମତି ପାଇଁ ସମ୍ବଲପୁର ନିଆଯାଉଥିଲା। ବିଳମ୍ବିତ ରାତିରେ ଟୁଚନ ଟ୍ରକ ଚାଳକକୁ ନିଦ ଆସିବାରୁ ୪୯ ନମ୍ବର ଜାତୀୟ ରାଜପଥ ବଳମ କଣ୍ଟାପାଲି ଛକ କଡରେ ଗାଡି ଅଟକାଇ ଉଭୟ ଗାଡିର ଚାଳକ ଓ କର୍ମଚାରୀ ମାନେ ଗାଡିରେ ଶୋଇ ପଡିଥିଲେ। କିଛି ସମୟ ପରେ ଅନ୍ୟ ଏକ ଟ୍ରକ ଆସି ଦୁର୍ଘଟଣା ଗ୍ରସ୍ତ ଟ୍ରକ ପାଖରେ ଅଟକିବା ସହ ସେଥିରୁ ଲୋକ ବାହାରି ଡିଜେଲ ଚୋରି ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଗାଡିରେ ଶୋଇଥିବା କର୍ମଚାରୀଙ୍କ ନିଦ ଭାଙ୍ଗିଥିଲା। ଏହା ଜାଣିପାରି ୫ ଜଣ ଦୁର୍ବୃତ୍ତ ଜେକରଡ ଓ ଛୁରୀ ଦେଖାଇ ଗାଡିରେ ଥିବା ଚାଳକ ଓ ସହାୟକ କର୍ମଚାରୀଙ୍କୁ ଭୟଭୀତ କରି ପାଟି କଲେ ହତ୍ୟା ଧମକ ଦେଇଥିଲେ।



## ଗ୍ରାମବାସୀଙ୍କୁ ଦେଖି ଚୋର ଫେରାର

ମାତ୍ର ଦୁର୍ଘଟଣା ଗ୍ରସ୍ତ ଟ୍ରକ ଚାଳକ ଭୟଭୀତ ନ ହୋଇ ଜୋରରେ ଚିତ୍କାର କରିବାରୁ କିଛି ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସ୍ଥାନୀୟ ଲୋକଙ୍କୁ ଦେଖି ଚୋର ଦଳ ସେମାନଙ୍କ ଟ୍ରକ ଛାଡି ଫେରାର ହୋଇଯାଇଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ଚୋରି ଡିଜେଲ ଉଦ୍ଧାର କରିଥିବା ଜଣାପଡିଛି।

# ନିଷ୍ଠା ପରିବାର ପକ୍ଷରୁ ଅଜଣା ଶବସତ୍କାର

ବରଗଡ଼,୧୧।୯ (ସମିସ): ବରଗଡ଼ ଜୀରା ନଦୀ ପାଖରେ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ୪୦ରୁ ୪୫ ବର୍ଷୀୟ ବ୍ୟକ୍ତିଙ୍କ ଶବ ଟାଉନ ଥାନା ପୁଲିସ ଉଦ୍ଧାର କରିଥିଲା। ଏ ନେଇ ଏକ କେସ୍ ରୁଜୁ କରି ଘଟଣାର ତନାଘନା କରିଥିଲା ପୁଲିସ ଓ ଶବକୁ ସଂରକ୍ଷଣ ଗୃହରେ ରଖାଯାଇଥିଲା। ବହୁ ଚେଷ୍ଟା ପରେ ମଧ ତାଙ୍କର କୌଣସି ପରିଚୟ ମିଳିପାରି ନ ଥିଲା। ଏ ନେଇ ନିଷ୍ଠା ପରିବାରକୁ ବରଗଡ଼ ଟାଉନ ଥାନା ପୁଲିସ ଶବ ସତ୍କାର ପାଇଁ ଲିଖିତ ଅନୁମତି ଦେଇଥିଲେ। ବରଗଡ଼ ଡେପୁଟି କଲେକ୍ଟର ଇପସୀତା ମିଶ୍ର ଓ ଏସଆଇ ରାଜେଶ ରଜନିଶଙ୍କ ଉପସ୍ଥିତିରେ ନିଷ୍ଠା ପରିବାର ତରଫରୁ ସସମ୍ମାନେ ତାଙ୍କର ଶବ ସତ୍କାର କରାଯାଇଥିଲା। ଏହି ମହତ କାର୍ଯ୍ୟରେ ନିଷ୍ଠା ପରିବାର ମାନସ ମେହେର, ଶୁଭ୍ରାଂଶୁ ସରାଫ, ଅମିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



# କର୍ମକାଣ୍ଡୀୟ ସମିତିର ତ୍ରିଦିବସୀୟ କର୍ମଶାଳା ଉଦ୍‌ଯାପିତ

ବରଗଡ଼,୧୧।୯ (ସମିସ): ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତି ଜ୍ୟୋତିଷ, କର୍ମକାଣ୍ଡ, ଧର୍ମଶାସ୍ତ୍ର ସମ୍ବନ୍ଧୀୟ ତ୍ରିଦିବସିୟ କର୍ମଶାଳା ଶ୍ରୀଶ୍ରୀ ଗୌରୀଶଙ୍କର ମନ୍ଦିର ବରଗଡ଼ଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସଭାପତି ପଣ୍ଡିତ କିର୍ତ୍ତୀଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓ ସମିତିର ମୁଖପାତ୍ର ପଣ୍ଡିତ ଜୟଦେବ ପଣ୍ଡାଙ୍କ ସଂଯୋଜନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଅତିଥି ଭାବେ ସଂସ୍ଥାପକ ପଣ୍ଡିତ ହିମାଂଶୁ ଶେଖର ରଥ, ପୂର୍ବତନ କୋଷାଧ୍ୟକ୍ଷ ପଣ୍ଡିତ ମୂରଲୀଧର ପଣ୍ଡା, ପଦ୍ମପୁର ବ୍ଲକ୍ ସଭାପତି ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ, ଭେଡେନ ବ୍ଲକ୍ ସଭାପତି ପଣ୍ଡିତ ପ୍ରିୟବ୍ରତ କର, ଭଟଲି ବ୍ଲକ୍ ସଭାପତି ପଣ୍ଡିତ ଟିକେଶ୍ୱର ମହାପାତ୍ର ପ୍ରମୁଖ କର୍ମଶାଳାରେ ସମିତିର ପଣ୍ଡିତ ମାନଙ୍କ ଦ୍ୱାରା ଜ୍ୟୋତିଷ, କର୍ମକାଣ୍ଡ, ଧର୍ମଶାସ୍ତ୍ର ବିଷୟ ଉପରେ କରାଯାଇଥିବା ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଉପସଭାପତି ପଣ୍ଡିତ ରଘୁନନ୍ଦନ ବିର୍ତ୍ତିଆ, ଯୁଗ୍ମ ସଂପାଦକ ପଣ୍ଡିତ ହେମଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ପଣ୍ଡିତ କିଶୋରଚନ୍ଦ୍ର ଦାଶ ଏବଂ ସଭ୍ୟ ପଣ୍ଡିତ ବାବୁଲାଲ ପାଣ୍ଡିଆ ଶାସ୍ତ୍ରୀୟ ସେବା ଯୋଗାଇଥିଲେ। ସୁରେଶ୍ୱର ଦାଶ, ଉପେନ୍ଦ୍ର ଦେବତା, ନିସର୍ଗେଶ ମିଶ୍ର, ଆଲୋକ ଷଡଙ୍ଗୀ, ଆଦର୍ଶ ପଣ୍ଡା, ବିଜୟ ଦାଶ ପ୍ରମୁଖ ସମସ୍ତ ପ୍ରକାର ସହଯୋଗ ଦେଇଥିଲେ।

ସକାଳ THE SAKALA


**ଅନ୍ଧ ବିଶ୍ୱାସର ଟ୍ରେଣ୍ଡ ଗାମୁଛା ଦିଅ**

# ଗାମୁଛା ଦେଇ ଫେରୁଥିବା ବେଳେ ବାଇକ୍‌ରୁ ପଡ଼ି ମହିଳା ମୃତ

**ଲାଞ୍ଜିଗଡ଼, ୧୧।୯ (ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ସଚେତନତା ଅଭାବ ଯୋଗୁଁ ଆଦିବାସୀଙ୍କ ସରଳତା ଦେଖି ଅନେକ ବ୍ୟବସାୟୀ ନିଜ ବ୍ୟବସାୟ ବଢ଼େଇବା ପାଇଁ ନିରିହ ଲୋକଙ୍କୁ ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ କରୁଛନ୍ତି। ନିଜ ବ୍ୟବସାୟ ମାନ୍ଦାଅବସ୍ଥା ଦେଖି ସରଳ ନିରିହ ଆଦିବାସୀଙ୍କୁ ମୋହରା ସଜେଇ କହୁଛନ୍ତି ନିଜ ଭାଇଙ୍କୁ ଗାମୁଛା ଦିଅ ନଚେତ ଗାମୁଛା ନ'ଦେଲେ ବିପଦ ପଡ଼ିବ ବୋଲି ଅପପ୍ରଚାର କରୁଥିବା ବେଳେ ଲୋକେ ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହୋଇ ଅନ୍ଧ ବିଶ୍ୱାସକୁ ସହଜରେ ଗ୍ରହଣ କରୁଛନ୍ତି। କଥାଟା ସେତିକି ନୁହେଁ ନିଜ ଭାଇ ସମେତ ଗାଁରେ ଯେତେବି ସମ୍ପର୍କୀୟ ଭାଇ ଅଛନ୍ତି ସେମାନଙ୍କ ପାଇଁ ମଧ୍ୟ ଗାମୁଛା ଦେବାକୁ ପଡୁଛି। ଏହା ସହ ଭାଇ ଘରକୁ ଭଉଣୀ ଆସିଲେ ଭଉଣୀଙ୍କୁ ଖଣ୍ଡେ ଶାଢ଼ୀ ଦେବା ସହ ତାଙ୍କୁ



ସମ୍ମାନର ସହିତ ଅତିଥି ସତ୍କାର କରିବାକୁ ପଡୁଥିବା ବେଳେ ଭାଇକୁ ମଧ୍ୟ ଅନେକ ଖର୍ଚ୍ଚ କରିବାକୁ ପଡୁଛି।ଏପରି ଭାବେ ଏହି ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ ଉପାନ୍ତ ଅଞ୍ଚଳର ଅନେକ ଆଦିବାସୀ ଲୋକେ ବିଭିନ୍ନ ଖର୍ଚ୍ଚାନ୍ତରେ ପଡୁଥିବା ବେଳେ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏଥିରେ ଅନେକ ଲୋକ ଖର୍ଚ୍ଚାନ୍ତରେ ପଡୁଥିବା ବେଳେ ଆଜି ଜଣେ ମହିଳାଙ୍କ ଜୀବନ ମଧ୍ୟ ଯାଇଥିବା ଚିତ୍ର ସାମ୍ନାକୁ ଆସିଛି। ସୂଚନାଅନୁସାରେ ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କନ୍ଦସାର୍ଲି ଗାଁର ସୀତା ମାଝୀଙ୍କ ସ୍ତ୍ରୀ ସମ୍ବରୀ ମାଝୀ ଗତ ୩୧ ତାରିଖ ଦିନ ଦୁହେଁ ସ୍ୱାମୀ ସ୍ତ୍ରୀ ମିସି ଭାଇ ଘର କମଲେଇ ଗାଁକୁ ଯାଇ ଗାମୁଛା ଦେଇଥିଲେ। ସେଠାରୁ ନିଜ ଭଣଜା ବାଇକ ଯୋଗେ ଦୁଇ ସ୍ୱାମୀ ସ୍ତ୍ରୀଙ୍କୁ କନ୍ଦସାର୍ଲି ଗାଁକୁ ଛାଡି ଆସୁଥିବା ବେଳେ କୁମାରଗୁଡା ଛକ ନିକଟରେ ବାଇକ୍‌ରୁ ଖସି ପଡ଼ିଥିଲେ। ଫଳରେ ମୁଣ୍ଡ ପଛପଟେ ଗଭୀର ଆଘାତ ହୋଇଥିବାରୁ ପ୍ରଥମେ ବେନଗାଁ ଡାକ୍ତରଖାନରେ ପ୍ରାଥମିକ ଚିକିତ୍ସା ପରେ ସାଙ୍ଘାତିକ ହେବାରୁ ଭବାନୀପାଟଣାମୁଖ୍ୟ ଡାକ୍ତରଖାନକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଅତ୍ୟାଧିକ ଗୁରୁତର ହେବାରୁ ରାୟପୁର ଏକ ଘରୋଇ ହସ୍ପିଟାଲକୁ ନେଇଁ ଭର୍ତି କରିଥିଲେ। ସେଠାରେ ବୁଧବାର ରାତିରେ ତାଙ୍କ ମୃତ୍ୟୁ ଘଟିଛି। ତେବେ ଗାଁ ମାନଙ୍କରେ ସଚେତନତା ଅଭାବ ଯୋଗୁଁ କୁସଂସ୍କାର ଅନ୍ଧ ବିଶ୍ୱାସ ରହିଥିବା ବେଳେ ଅନ୍ଧ ବିଶ୍ୱାସକୁ ନେଇଁ ପ୍ରଶାସନ ପକ୍ଷରୁ ସଚେତନତା କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

**ପିଡିଏସ୍ ସାମଗ୍ରୀ ବାଟମାରଣା ସମୟରେ ଧରିଲେ ଲୋକେ**

# ଗାଡ଼ି ଜବତ, ଥାନାରେ ଡ୍ରାଇଭର ଅଟକ

**କୋକସରା, ୧୧।୯ (ସମିସ):** ସାଧାରଣ ବଣ୍ଟନ ନିମନ୍ତେ ଆସୁଥିବା ପିଡିଏସ୍ ସାମଗ୍ରୀ ପୁଷ୍ଟିକର ଖାଦ୍ୟ ମାଣ୍ଡିଆ ପଞ୍ଚାୟତ ଗୋଦାମ ଗୃହକୁ ପହଞ୍ଚିବା ଆଗରୁ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ



ଆସିଛି କୋକସରା ବ୍ଲକ ମୁଷାପାଲି ଗ୍ରାମ ପଞ୍ଚାୟତରୁ। ତେବେ ଅଧା ବାଟରେ ୩ ପକେଟ୍ ପିଡିଏସ୍ ମାଣ୍ଡିଆ ଓହ୍ଲାଇ ଜଣେ ଲୋକଙ୍କୁ ଦିଆଯାଉଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, ଗୁରୁବାର ସାଧାରଣ ବଣ୍ଟନ ନିମନ୍ତେ ଟ୍ରକ୍ ନଂ ସିଜି୦୪ଜେଡି ୭୨୨୪ଯୋଗେ ଶହେ ବାସ୍ତା ପିଡିଏସ୍ ମାଣ୍ଡିଆ ମୁଷାପାଲି ପଞ୍ଚାୟତ ଗୋଦାମ ଗୃହକୁ ଆସୁଥିଲା। ତେବେ ପଞ୍ଚାୟତକୁ ପହଞ୍ଚିବା ଆଗରୁ ଅଧାବାଟରେ ଟ୍ରକ୍‌ରୁ ୩ ପକେଟ୍ ମାଣ୍ଡିଆ ଓହ୍ଲାଇ ଜଣେ ଲୋକଙ୍କୁ ଦିଆଯାଉଥିଲା। ଏହାଦେଖି ଜଣେ ହିତାଧିକାରୀ ପିଡିଏସ୍ ମାଣ୍ଡିଆକୁ ଅଧା ବାଟରେ କାହିଁକି ବାଟମାରଣା କରାଯାଉଛି ବୋଲି ପଚାରିବା ସହିତ ଗାଡ଼ିକୁ ଫଟୋ ଉଠାଉଥିଲେ। ତେବେ ଗାଡ଼ିରେ ଥିବା ଡ୍ରାଇଭର ପଞ୍ଚାୟତର ଯୋଗାଣ ସହାୟକ କହିବାରୁ ମାଣ୍ଡିଆ ଟ୍ରକ୍‌ରୁ ଅନଲୋଡ୍ କରୁଥିବା ଡ୍ରାଇଭର ପ୍ରତିକ୍ରିୟା ରଖିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ବ୍ୟକ୍ତି ଜଣ ୩ ପ୍ୟାକେଟ୍ ମାଣ୍ଡିଆ ନେଇ ସେଠାରୁ ଚାଲି ଯାଇଥିଲେ। ଗ୍ରାମବାସୀ ଟ୍ରକ୍ ଅଟକ ରଖି କୋକସରା ଥାନା ପୁଲିସକୁ ଖବର ଦେଇଥିଲେ। ଏହାପରେ ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତା ଓ ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ସହିତ ଡ୍ରାଇଭରଙ୍କୁ ଥାନାରେ ଆଣି ପଚରାଉଚରା ଆରମ୍ଭ କରିଥିଲେ। ଏହି ସହିତ ୩ ପକେଟ୍ ମାଣ୍ଡିଆକୁ ଜବତ କରିବା ସହ ମାଣ୍ଡିଆ ନେଇ ଯାଇଥିବା ମୁଷାପାଲି ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ମଧ୍ୟ ଥାନାରେ ଆଣି ପଚରାଉଚରା କରୁଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏ ବିଷୟରେ ମୁଷାପାଲି ଗ୍ରାମ ପଞ୍ଚାୟତ ଯୋଗାଣ ସହାୟିକା ଓ କୋକସରା ବ୍ଲକ ଯୋଗାଣ ନିରିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ବିଜେପିର ସେବାପକ୍ଷ ଓ ମଣ୍ଡଳସ୍ତରୀୟ କର୍ମଶାଳା

**ଗୋଲାମୁଣ୍ଡା, ୧୧।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କରଞ୍ଜିକୁଟ ଶିବ ମନ୍ଦିର ଠାରେ ବିଜେପି ପକ୍ଷରୁ ସେବା ପକ୍ଷ,



ମଣ୍ଡଳସ୍ତରୀୟ କର୍ମଶାଳା ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୋନଜ ମେହେର, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ଜୁନାଗଡ଼ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲ୍ଲା ପ୍ରତିନିଧି ଓ ସାଧାରଣ ସମ୍ପାଦକ ଜୟନ୍ତ କୁମାର ସିଂ, ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, ପୂର୍ବତନ କେଗାଁ ମଣ୍ଡଳ ସଭାପତି ଦୁର୍ଦାକ୍ଷ ପୁଟେଲ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ, ସୁବାଶ ଚନ୍ଦ୍ର ଅଗ୍ରୱାଲଙ୍କ ସହ ବହୁ ସଂଖ୍ୟାରେ ବିଜେପି କର୍ମୀ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମ ବାର୍ଷିକ ଏବଂ ଆସନ୍ତା ୨୫ ଦିନ ଦୟାଲ ଉପାଧ୍ୟାୟଙ୍କ ଜନ୍ମ ବାର୍ଷିକରେ ସ୍ୱଚ୍ଛ ଭାରତ ଅଭିଯାନ, ରକ୍ତ ଦାନ ଶିବିର, ଚାରାରୋପଣ କାର୍ଯ୍ୟକ୍ରମ କରିବାକୁ ଶ୍ରୀ ମେହେର ଏବଂ ଶ୍ରୀ ମହାନନ୍ଦ ଉପସ୍ଥିତ କର୍ମୀମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ।

## ଟିଟିଲାଗଡ଼ରେ ଅଭିଯାନ 'ପ୍ରହାର'

**ଟିଟିଲାଗଡ଼, ୧୧।୯ (ସମିସ):** ଟିଟିଲାଗଡ଼ ଥାନା ଅଞ୍ଚଳରେ ଗୁରୁବାରଠାରୁ ଅଭିଯାନ 'ପ୍ରହାର' ଆରମ୍ଭ ହୋଇଛି। ଟିଟିଲାଗଡ଼ ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ବଳ ଟିଟିଲାଗଡ଼ ସହରର ଅନେକ ଦୋକାନରେ ଚଢ଼ଉ କରିଛନ୍ତି। ବେଆଇନ ଭାବରେ ବିକ୍ରି ହେଉଥିବା ଭାଙ୍ଗ, ଗୁଟୁଖା ସହ ଅନ୍ୟ ନିଶାଦ୍ରବ୍ୟ ଜବତ ହୋଇଛି। ପଡୋଶୀ କଳାହାଣ୍ଡି, ନୂଆପଡ଼ାରୁ ଟିଟିଲାଗଡ଼ ଅଞ୍ଚଳକୁ ବ୍ୟାପକ ଗଞ୍ଜେଇ ସମେତ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ତେବେ ଟିଟିଲାଗଡ଼ ଅବକାରୀ ବିଭାଗ ଚୁପ୍।

## ସେକ୍ଟର-୩ ପୁଲିସ ପକ୍ଷରୁ ଆମ ପୁଲିସ ବୈଠକ



**ରାଉରକେଲା, ୧୧।୯ (ସମିସ):** ଆଜି ସେକ୍ଟର-୩ ଥାନା ପରିସରରେ ଆମ ପୁଲିସ ବୈଠକ ସହ ଆଗାମୀ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସେକ୍ଟର ୩ ଥାନା ଅଧୀନରେ ଆୟୋଜିତ ହେଉଥିବା ୧୨ଟି ପୂଜା ପେଣ୍ଡାଲର କମିଟି ସଦସ୍ୟ ଭାଗନେଇ ଆଗାମୀ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ଆଲୋଚନା କରିଥିଲେ। ସେକ୍ଟର-୩ ଥାନା ଥାନା ଅଧିକାରୀ ପିଙ୍କି ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜୋନାଲ ଡିଏସପି ଜଗେଶ୍ୱର ପଣ୍ଡା ଯୋଗଦେଇ ସମସ୍ତ ପୂଜା କମିଟିର ଅସୁବିଧା ଓ ସେମାନଙ୍କ ପୂଜା ସମ୍ବନ୍ଧୀୟ ବିଭିନ୍ନ ପ୍ରସ୍ତାବ ଶୁଣିଥିଲେ। ପ୍ରାରମ୍ଭରେ ଥାନା ଅଧିକାରୀ ପୂଜାର ସମସ୍ତ ନିୟମାବଳୀ ଉପରେ ସବିଶେଷ ସୂଚନା ଦେଇ କହିଥିଲେ ଯେ ସମସ୍ତ ପୂଜା କମିଟି ପିଡବ୍ଲୁଡି ବିଭାଗରୁ ପେଣ୍ଡାଲ ଫିଟନେସ୍ ଆଣିବା, ଫାୟାର ସେଫଟି ସାର୍ଟିଫିକେଟ, ବିଦ୍ୟୁତ ବିଭାଗରୁ ସାର୍ଟିଫିକେଟ, ପେଣ୍ଡାଲର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା, ଡାକବାଜି ଯନ୍ତ୍ର ରାତି ଦଶଟା ପରେ ବନ୍ଦ ରଖିବା, ପୂଜା ସମୟରେ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସ୍ୱେଚ୍ଛାସେବୀ ମୁତୟନ କରିବା, ପୂଜା ଭସାଣି ଶୋଭାଯାତ୍ରା ନିମନ୍ତେ ଥାନାରୁ ଆବଶ୍ୟକୀୟ ଅନୁମତି ନେବା। ପୂଜା କାର୍ଯ୍ୟକ୍ରମ ରାତ୍ରି ୧୦ ଟା ଓ ମେଳା ଓ ମୀନା ବଜାର ରାତି ୧୦ଟା ୩୦ ମିନିଟ୍‌ରେ ବନ୍ଦ କରିବା। ଏଥି ସହ ସମସ୍ତ କମିଟି ଆବଶ୍ୟକସ୍ଥଳେ କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଡିଏସ୍‌ପି ସମସ୍ତ ବିଷୟ ପୂଜା କମିଟି ଠାରୁ ଶୁଣି ପୂଜା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତଙ୍କ ସହଯୋଗରେ ଏହି ପୂଜାକୁ ସଫଳ ଓ ଶାନ୍ତି ଶୃଙ୍ଖଳା ସହ ପାଳନ ଉପରେ ଆଲୋକପାତ କରିଥିଲେ। ସବ୍ ଇନ୍ସପେକ୍ଟର ଦୁର୍ଯ୍ୟୋଧନ ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ।

## ମଡେଲ ସିନିଅର ସିଟିଜେନ୍ ସେଣ୍ଟରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ରାଉରକେଲା, ୧୧।୯ (ସମିସ):** ସ୍ଥାନୀୟ ଛେଣ୍ଡ ଥାନା ପରିସରରେ ଥିବା ମଡେଲ ସିନିଅର ସିଟିଜେନ୍ ହେଲ୍ଥ ସେଣ୍ଟର ପରିସରରେ ନିଉ ଇଣ୍ଡିଆ ଆସୁରାନ୍ସ ଏବଂ ଏମ୍.ଡି ଇଣ୍ଡିଆ ଟିପିଏର ମିଳିତ ସହଯୋଗରେ ରାଉରକେଲା ଆପୋଲୋ ହସ୍ପିଟାଲର ଡାକ୍ତର ଏବଂ ଟେକ୍ନିସିଆନ୍‌ଙ୍କ ଦ୍ୱାରା ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପାନପୋଷ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଆପୋଲୋ ହସ୍ପିଟାଲର ମାର୍କେଟିଂ ହେଡ୍ ସିଦ୍ଧାର୍ଥ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହୃଦରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ନାୟକ, ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ଅଭିଷେକ ନନ୍ଦ, ଫୁସଫୁସ ରୋଗ ବିଶେଷଜ୍ଞ ଡାକ୍ତର ପୃଥ୍ୱୀରାଜ ବଣ୍ଡିକେ, ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ବୈଷ୍ଣବୀ ଦାସ ପଟ୍ଟନାୟକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପଯୁକ୍ତ ପରାମର୍ଶ ଦେଇଥିଲେ। ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟ କ୍ରମରେ ଛେଣ୍ଡ ଥାନା ଅଧିକାରୀ ବିଜୟ ସିଂହ, ନୋଡାଲ ଅଫିସର ମହେନ୍ଦ୍ର କୁମାର ସାହୁ ଏବଂ ସେଣ୍ଟରର ସଭାପତି ମହେନ୍ଦ୍ର କୁମାର ମହାନ୍ତି, ସାଧାରଣ ସମ୍ପାଦକ ବିଜୟ କୁମାର ବରାଳଙ୍କ ସହ ଲକ୍ଷ୍ମଣ ନାଥ ଦାସ, ଡାକ୍ତର ଗୋକୁଳାନନ୍ଦ ସାହୁ, ସବିତା ସାହୁ, ସରୋଜ ସ୍ୱାଇଁ, ଗଜେନ୍ଦ୍ର ସାହାଣି, ଯୋଗେନ୍ଦ୍ର ପ୍ରଧାନ, କୁଳମଣି ଦାସ, ବିଜୟ ପରିଡ଼ା, ସବିତା ସାମଲ, ମୁନିଲାଲ ଜୟସ୍ୱାଲ, ଶ୍ରୀକାନ୍ତ ଦାସ, ହୃଷୀକେଶ ନାୟକ, ସୁବାସ ସାହୁ ପ୍ରମୁଖ ପରିଚାଳନା କରିବାରେ ସହାୟତା କରିଥିଲେ।

## ଏମ୍‌ଏସ୍‌ଏମ୍‌ଇ ଡେଭଲପମେଣ୍ଟ ଓ ଫେଲିସିଟେସନ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ କର୍ମଶାଳା

**ରାଉରକେଲା, ୧୧।୯ (ସମିସ):** ସ୍ଥାନୀୟ ବେଦବ୍ୟାସସ୍ଥିତ ଏକ ହୋଟେଲରେ ଏମ୍‌ଏସ୍‌ଏମ୍‌ଇ ଡେଭଲପମେଣ୍ଟ ଓ ଫେଲିସିଟେସନ୍ କାର୍ଯ୍ୟାଳୟ ପକ୍ଷରୁ 'ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ ଭୂଦୃଶ୍ୟରୁ ରପ୍ତାନି ବୃଦ୍ଧି' ଉପରେ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଥିଲା। ଡିଜିଏଫ୍‌ଟି, ଆଇଆଇଇପି, ଏଫ୍‌ଆଇଇଓ, କଷ୍ଟମସ ବିଭାଗ, ଏସ୍‌ବିଆଇ(ଆଇବି), ଡିଆଇସି, ରାଉରକେଲା ଚାମ୍ବର ଅଫ୍ କମର୍ସ, ଓଏଏସ୍‌ଏମ୍‌ଇ, ଓୱାଇଇଏ ଏବଂ ଡିଆଇଏସ୍‌ଏସ୍‌ଆଇଏର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାକୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନହା ଦସ୍ତଗିର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରପ୍ତାନି ପ୍ରୋତ୍ସାହନ, ଗୋଟିଏ ଜିଲ୍ଲା- ଗୋଟିଏ ଉତ୍ପାଦ ଏବଂ କ୍ଲାରିଆନ୍ ଡାକ 'ଭୋକାଲ୍ ଫର୍ ଲୋକାଲ' ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ରପ୍ତାନିକାରୀ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରପ୍ତାନି ବ୍ୟବସାୟରେ ହସ୍ତକ୍ଷେପ କରିବାକୁ ଆଗ୍ରହୀ ଲୋକଙ୍କୁ ସଚେତନ କରିବା ଏବଂ ସଚେତନତା ସୃଷ୍ଟି କରିବା। ଏହି କ୍ଷେତ୍ର ବିଶ୍ୱ ବଜାରରେ ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ଉତ୍ପାଦକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଯାହା କ୍ଷୁଦ୍ର ରପ୍ତାନିକାରୀଙ୍କୁ ସଶକ୍ତ କରିବା ଏବଂ ଆନ୍ତର୍ଜାତୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ରପ୍ତାନି ସମ୍ଭାବନାକୁ ବିସ୍ତାର କରିବା, ଆନ୍ତର୍ଜାତୀୟ ସହଯୋଗ ଯୋଜନା ଅଧୀନରେ ସହାୟତା ପ୍ରଦାନ କରିବା ଏବଂ ସେମାନଙ୍କ ଉତ୍କର୍ଷତାକୁ ସ୍ୱୀକୃତି ଦେବା ପାଇଁ ଜାତୀୟ ପୁରସ୍କାର ପ୍ରଦାନ କରିବା ଉପରେ ଧ୍ୟାନ ଦେଇଥାଏ। ଏହି କାର୍ଯ୍ୟକ୍ରମରେ ଏମଏଏସଏମଇ ଶାଖା ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଏସ. କେ. ସାହୁ, ରାଉରକେଲା ଚାମ୍ବର ଅଫ୍ କମର୍ସ ଆଲୋକ ଏମ୍. ଲୋସାଲ୍କା, ଓଏଏସଏମଇ ଅଧକ୍ଷ ରଜତ ପଟ୍ଟନାୟକ, ଓୱାଇଇଏ ସଭାପତି ଦେବବ୍ରତ ସ୍ୱାଇଁ, ଡିଆଇସି ଆଞ୍ଚଳିକ ପ୍ରବନ୍ଧକ ଜଗତ ଜ୍ୟୋତି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରକୃତିପ୍ରେମୀ ହର ବଘାରଙ୍କ ପରଲୋକ

**ସୁବଳୟା, ୧୧।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କ୍ଷୀରପୁର ଗ୍ରାମର ପ୍ରକୃତି ପ୍ରେମୀ ହର ବଘାର( ୯୨)ଙ୍କ ଆଜି ପରଲୋକ ଘଟିଛି। ଦେହ ଅସୁସ୍ଥ ଥିବାରୁ କିଛି ଦିନ ହେଲା ସୋନପୁର ଡାକ୍ତରଖାନା



ଚିକିତ୍ସିତ ହୋଇ ଫେରିଥିଲେ। ଆଜି ତାଙ୍କ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ପୁତ୍ର ପବିତ୍ର ବଘାର, ସୌମିତ୍ରୀ ବଘାର, ସମେତ ନାତି, ବୋହୂ ଉପସ୍ଥିତ ଥିଲେ। ନିକଟରେ ଥିବା କ୍ଷୀରପୁର ଜଙ୍ଗଲକୁ ଜଗି ଜଙ୍ଗଲ ସୁରକ୍ଷା କରୁଥିଲେ। ଯଦି କିଏ ଜଙ୍ଗଲ କ୍ଷତି କଲା ବନ ବିଭାଗ ହେଉ କି ଗ୍ରାମ୍ୟ କମିଟି କୁ ଖବର ଦେଇ ସୁରକ୍ଷା ଦେଉଥିଲେ। ଜଙ୍ଗଲ ବିଭାଗରୁ କୌଣସି ପାଉଣା ପାଉ ନ ଥିଲେ। ତାଙ୍କୁ ପୂର୍ବତନ ବିଧାୟକ ପଦ୍ମନାଭ ବେହେରା ବୀରମହାରାଜପୁର ଜଙ୍ଗଲ ପ୍ରେମୀ ଭାବେ ସମ୍ବର୍ଦ୍ଧିତ କରିଥିଲେ। ବଡ଼ ପୁଅ ପବିତ୍ର ମୁଖାଗ୍ନି ଦେଇଥିଲେ।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ ବୈଠକ



**ରାଉରକେଲା, ୧୧।୯ (ସମିସ):** ସ୍ଥାନୀୟ ସେକ୍ଟର-୨୨ ସ୍ଥିତ ଗାଙ୍ଗପୁର ମଜଦୁର ମଞ୍ଚ କାର୍ଯ୍ୟାଳୟ ଠାରେ ପୂର୍ବତନ ବିଧାୟକ ପ୍ରାର୍ଥୀ ଗୋପାଳ ଦାସ ସଂଗଠନ ସୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ସଞ୍ଜୟ କପୁର, ପିସିସି ପର୍ଯ୍ୟବେକ୍ଷକ ପ୍ରଶାନ୍ତ ରାଉତ ଯୋଗ ଦେଇଥିଲେ। ଅଖିଳ ଭାରତୀୟ କଂଗ୍ରେସ କମିଟିର ନିଷ୍ପତ୍ତି କ୍ରମେ ତୃଣମୂଳ ସ୍ତରରେ କଂଗ୍ରେସ ଦଳକୁ ମଜବୁତ୍ କରିବା ପାଇଁ ଏହି ଅଭିଯାନ ମୂଳ ଲକ୍ଷ୍ୟ ବୋଲି ଗୋପାଳ ଦାସ କହିଥିଲେ। ଏହି ଅଭିଯାନରେ ପଞ୍ଚାୟତ, ବ୍ଲକରୁ ଆରମ୍ଭ କରି ଜିଲ୍ଲା କଂଗ୍ରେସ କମିଟିର ସମସ୍ତ କଂଗ୍ରେସର କର୍ମକର୍ତ୍ତା, ନେତା, ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ସଦସ୍ୟ ତଥା ସିଭିଲ ସୋସାଇଟିର ସାଧାରଣ ଜନତାଙ୍କୁ ବ୍ୟକ୍ତିଗତ ସ୍ତରରେ ଭେଟି କଂଗ୍ରେସର ବିଭିନ୍ନ ଜନହିତକର କାର୍ଯ୍ୟ ବିଷୟରେ ଅବଗତ କରାଯିବ। ସେହିପରି ସମସ୍ତଙ୍କୁ ସାଙ୍ଗରେ ନେଇ ସଂଗଠନର ଦାୟିତ୍ୱ ନେଇ କାର୍ଯ୍ୟ କରିପାରୁଥିବା କର୍ମୀଙ୍କୁ ଜିଲ୍ଲାର ନେତୃତ୍ୱ ଦେବାକୁ ନିର୍ଦ୍ଦେଶ ରହିଥିବା ଶ୍ରୀ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜଲଦା ଜିପି, ହାତୀବନ୍ଧା ଜିପି, ସୁଇଡି ଜିପି, ଲାଠିକଟା ଜିପି, ବୋଲାନି ଜିପି, ରାମଜୋଡି ଜିପି, ମୁଣ୍ଡଜୋର ଜିପି ଏବଂ ଫର୍ଟିଲାଇଜର କଂଗ୍ରେସ ଟାଉନ୍ କମିଟିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଡିସିସି ସଂଯୋଜକ ନିର୍ମଳ ନାୟକ, ପିସିସି ଏସଟି ୱିଙ୍ଗ୍ ମୁଖପାତ୍ର ଆଲବ୍ରେଟ୍ କିଣ୍ଡୋ, ଲାଠିକଟା ବ୍ଲକ ସଭାପତି ଚାମରୁ ତିର୍କି, ସୁବାସ ପାତ୍ର, ଶାନ୍ତନୁ ମୁଦୁଲି, ଫର୍ଟିଲାଇଜର ବ୍ଲକ ସଭାପତି ସୁଧାକର ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଯୋଗେନ୍ଦ୍ର ଲୋହାର, ଏସ୍‌ଟି ମୋର୍ଚ୍ଚାର ଗଡ଼ବିନ ଟପ୍ପୋ, ପ୍ରଫୁଲ ପାରିଜା, ଉପେନ୍ଦ୍ର ଦାଶ, ମାଙ୍ଗୁ ଟପ୍ପୋ, ରାଜୁ ପରିଡ଼ା, ଜିତେନ୍ଦ୍ର ଓରାମ, ସତ୍ୟ ସୁନ୍ଦର ଭୁମିଜ, ବିଜୁ ଲୋହର, ସତ୍ୟ ଭୂମିଜ, ନାରାୟଣ ଭୁମିଜ, ଶୁକ୍ରୁ ଓରାମ, ଦିବାକର ପୁରଣ, ବିଶ୍ୱନାଥ ଓରାମ, ଜାର୍ଣିବୁ ଓରାମ, ରାଜେଶ ଲାକ୍ରା, ପ୍ରେମଚାନ୍ଦ ତିର୍କି, ବିଷ୍ଣୁ ଚରଣ ମାହାତୋ, ଆନନ୍ଦ ଟପ୍ପୋ, ମହାବୀର ଦାସ, ପରମେଶ୍ୱର ଅମାତ, ମାନୁ ମାରାଣ୍ଡି, ଅବଦୁଲ ଗଫର୍ ଆନସାରି, ଲାଠିକଟା ଗ୍ରାମପଞ୍ଚାୟତ ଏବଂ ଅନ୍ୟାନ୍ୟ ଅନେକ ପ୍ରମୁଖ କଂଗ୍ରେସ ନେତାମାନେ ଉପସ୍ଥିତ ଥିଲେ।

## 'ଆଧୁନିକ ବିଜ୍ଞାନର ଆଧ୍ୟାତ୍ମିକ ବିବର୍ତ୍ତନ' ଆଲୋଚନା

**ରାଉରକେଲା, ୧୧।୯ (ସମିସ) :** ବାସନ୍ତୀ କଲୋନୀସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରାଉରକେଲା ଆସୋସିଏସନ୍ ଫର୍ ବାୟୋଜେନେସିସ୍ ଅଫ୍ ସାଇନ୍ସ ଆଣ୍ଡ ସ୍ପିରିଚୁଆଲିଟି ଅନୁଷ୍ଠାନ ଓ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଧୁନିକ ବିଜ୍ଞାନ ଓ ଆଧ୍ୟାତ୍ମିକତା ଆଧାରିତ 'ଆଧୁନିକ ବିଜ୍ଞାନର ଆଧ୍ୟାତ୍ମିକ ବିବର୍ତ୍ତନ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଫେସର ଡ. ମିନତୀ ପଣ୍ଡା କହିଥିଲେ ଯେ ବିଜ୍ଞାନ ପ୍ରଗତି କରିପାରେ। ମାତ୍ର ମଣିଷକୁ ଶାନ୍ତିରେ ବଞ୍ଚିବାକୁ ହେଲେ ଆଧ୍ୟାତ୍ମିକତାର ଆବଶ୍ୟକତା ଜରୁରୀ। ରାବ୍ସର ସଭ୍ୟା ଡ. ସଂଯୁକ୍ତା ପତି, ରାବ୍ସର ସଭାପତି ପ୍ରଜାପତି ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିବର୍ତ୍ତନର ପିତା ଭାବରେ ଜଣା ଚାର୍ଲ୍ସ ଡାରୱିନ୍‌ଙ୍କ ପୂର୍ବରୁ ଜିନ ଲାମାର୍କ କହିଥିବା ପରସ୍ପର ତଥା ପରିବେଶ ମଧ୍ୟରେ ଥିବା ସହଯୋଗ ଓ ସଙ୍ଗତି କିପରି ବିବର୍ତ୍ତନକୁ ଆଗକୁ ନିଏ ସେ ବିଷୟରେ ମତ ରଖିଥିଲେ। ଆଉ କହିଲେ ମଧ୍ୟ ଯେ ଆଧୁନିକ ବିଜ୍ଞାନ ଯଦି ନିଜର ଅହଂ ଏବଂ ପଦାର୍ଥ ବନ୍ଧା ବିଜ୍ଞାନ ଭଳି ଅଜ୍ଞାନତାକୁ ସର୍ବୋତ୍ତମଙ୍କ ପାଖରେ ସମର୍ପଣ ନକରେ ଆଉ ନିଜର ଟ୍ରାନ୍ସଫର୍ମେଶନ ପାଇଁ ଆବାହନ ନକରେ ତେବେ ଆଜିର ଏଇ ଆଧୁନିକ ମଣିଷ ପୂର୍ବର ଚଉଦ ପ୍ରକାରର ବଣମଣିଷ ପରି ଲୁପ୍ତ ହୋଇଯିବ। "ବିଦ୍ୟାଳୟର ଶିକ୍ଷକ ରୂପକ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଓ ଅନ୍ୟତମ ଶିକ୍ଷକ ଅପର୍ଣ୍ଣା ବେହେରା ପୁରସ୍କାର ବିତରଣରେ ସହଯୋଗ କରିବା ସଙ୍ଗେ ସଙ୍ଗେ ଗୃହର ଶାନ୍ତି ଶୃଙ୍ଖଳା ପ୍ରତି ନଜର ରଖିଥିଲେ। ଶେଷରେ ଶିକ୍ଷକ ବସନ୍ତ ହଂସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାବ୍ସ ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।



**ରୁପ୍ରାରୋଡ ପଞ୍ଚାୟତ ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍**

# ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଯାଦବ ଜାତିର ଅବଦାନ ଅତୁଳନୀୟ

**ଭବାନୀପାଟଣା, ୧୧।୯ (ସମିସ)**

ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଯାଦବ ଜାତିର ଅବଦାନ ଅତୁଳନୀୟବୋଲି ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜ ପକ୍ଷରୁ ଆୟୋଜିତ ହୋଇଥିବା ନୂଆଖାଇ ଭେଟ୍‌ଘାଟରେ ମତ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ଲକ୍ଷ୍ମୀପୂଜା ମଣ୍ଡପ ଠାରେ ଯାଦବ ସମାଜ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ରୁପ୍ରାରୋଡ ପଞ୍ଚାୟତ ଯାଦବ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯାଦବ ସଂସ୍କୃତିର ମହାନ ବିଭବ ବାଡ଼ିଖେଳ ସହ ଘୁମୁରା, ଗଣାବଜା ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏକ ଭବ୍ୟ ଶୋଭାଯାତ୍ରାରେ ବରଗାଁ ସମଲେଇ ମନ୍ଦିରରୁ ଛତର ଆସିଥିବାବେଳେ ଜଗନ୍ନାଥ ମନ୍ଦିରରୁ ରାଧାକୃଷ୍ଣଙ୍କ ଫଟୋଚିତ୍ରକୁ ମଞ୍ଚକୁ ଆଣି ସ୍ଥାପନ କରାଯାଇଥିଲା। ସମସ୍ତେ ଏକାଠି ବସି କୁରେ ପତରରେ ନୂଆ ଖାଇବା ପରେ ଜୁହାର ଭେଟ୍ ହୋଇଥିଲେ। ରୁପ୍ରାରୋଡ ପଞ୍ଚାୟତ ଯାଦବ ସମାଜର ସଭାପତି ତ୍ରିଲୋଚନ ଗଉଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହ ତଥା ସାମାଜିକ ସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ, ବିଶିଷ୍ଟ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଗୋବିନ୍ଦ ବନଛୋର, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, ପୂର୍ବତନ ବ୍ଲକ ସଭାପତି ହୃଷିକେଶ ଭୋଇ, ନର୍ଲା ବ୍ଲକ ଯୁବ ଯାଦବ ମହାସଭା ସଭାପତି ପ୍ରସୁନ୍ନ କୁମାର ଜାଲ, ଶିକ୍ଷାବିତ ମାଧବ ନାଗ ଓ ଜୟଚନ୍ଦ୍ର ହାତୀ, ସମଲେଇ ପୂଜକ ରୁଷିନାଥ ବାଗ, ବାଏଚନ ବାଗ, ଭୀମ ବାଗ, ରୁପ୍ରାରୋଡ ପଞ୍ଚାୟତ ଯାଦବ ସମାଜର ଉପସଭାପତି ପିତାମ୍ବର ଖୁଣ୍ଟୁଲା, ଯୁଗ୍ମ ସମ୍ପାଦକ ସୁବାସ ଗହୀର ପ୍ରମୁଖ ମଞ୍ଚାସୀନ ରହି ସମାଜ ସଙ୍ଗଠନକୁ ଆହୁରି ମଜଭୂତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟ ବକ୍ତା ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ, ସମ୍ମାନିତ ଅତିଥି ଭାବେ ଉସ୍ତାଦ ବିସମିଲା ଖାଁ ଜାତୀୟ ପୁରସ୍କାରପ୍ରାପ୍ତ ଲୋକକଳାକାର



ସର୍ବେଶ୍ୱର ଭୋଇ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ଭୀମକେଲା ସରପଞ୍ଚଙ୍କ ପ୍ରତିନିଧି ଜୟନ୍ତ ଗଉଡ, ବିଖ୍ୟାତ ମୃଦଙ୍ଗ ବାଦକ ଖଗେଶ୍ୱର ଗଉଡ ପ୍ରମୁଖ ମଞ୍ଚାସୀନ ରହି ଗଣପର୍ବ ନୂଆଖାଇର ତତ୍ୱ ଓ ଦର୍ଶନ ଉପରେ ଆଲୋକପାତ କରିବା ସହ ଲୋକକଳାର ପୁନଃରୁତ୍ଥାନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ରୁପ୍ରାରୋଡଠାରେ ନୂତନ ଯାଦବ ଭବନ ନିର୍ମାଣ ପାଇଁ ବିଧାୟିକା ଶ୍ରୀମତୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଏହି ଯାଦବ ଭବନ ନିର୍ମାଣ ପାଇଁ ବିଷ୍ଣୁ ବିଶି ଓ ତାଙ୍କ ଧର୍ମପତ୍ନୀ ଧ୍ରୁବେନ ବିଶି, ପିତାମ ଖୁଣ୍ଟଲା ଓ ତାଙ୍କ ଧର୍ମପତ୍ନୀ ଗୁଣମତୀ ଖୁଣ୍ଟଲା ଭୂମୀଦାନ କରିବେ ବୋଲି ମଞ୍ଚରେ ଘୋଷଣା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଯାଦବ ଲଳନା ମାନଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ହେମଲତା ସେଲମା, ରେଣୁକା ହଂସ, ଯାଜ୍ଞସେନୀ କରୁଆଁ, ଯାଜ୍ଞସେନୀ ବାଗ, ଆରାଧ୍ୟା ଗହୀର, ସଂଯୁକ୍ତା ଗଉଡ ଓ ସାଥି, ଲକ୍ଷ୍ମୀ ଗଉଡ, ଶାଳିନୀ, କାଜଲ ପ୍ରମୁଖ ନୃତ୍ୟ ପ୍ରଦର୍ଶନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଯୁବ ଗାଳ୍ପିକ ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ରୁପ୍ରାରୋଡ ପଞ୍ଚାୟତ ଯାଦବ ସମାଜର ଉପସଭାପତି ପିତାମ୍ବର ଖୁଣ୍ଟୁଲା, ଯୁଗ୍ମ ସମ୍ପାଦକ ସୁବାସ ଗହୀର, କୋଷାଧ୍ୟକ୍ଷ ଅର୍ଜୁନ ଭୋଇ, ନରେଶ ଗଉଡ, ନିରାକାର ଗଉଡ, ଜନକ ପୋଢ, ପୂର୍ଣ୍ଣଚନ୍ଦ୍ର କରୁଆଁ, ଅଶୋକ ହଂସ, ଗିରିଧାରୀ ବାଗ, ସନ୍ତୋଷ ସେଲମା ପ୍ରମୁଖଙ୍କ ସମେତ ଅନେକ ମହିଳା ଓ ଯୁବ ଯାଦବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁଙ୍କ ସହଯୋଗ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିପାରେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ବନ୍ଧୁ ମିଳନ ଯୋଗ ରହିଛି।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସହିତ ହସଖୁସିର ସମୟ ବିତାଇବେ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହୋଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଦାନ ଧର୍ମ କରନ୍ତୁ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଉଧାର ଟଙ୍କା ଫେରି ପାଇବେ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଉଧାର ଟଙ୍କା ଫେରି ପାଇବେ।


**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୮୭୩- ପ୍ରଥମ ଟାଇପ୍ ରାଇଟର୍ ଗ୍ରାହକଙ୍କୁ ବିକ୍ରି କରାଗଲା।
- ୧୯୪୪- ଆମେରିକୀୟ ସେନା ପ୍ରଥମ ଥର ଜର୍ମାନୀରେ ପ୍ରବେଶ କଲା।
- ୧୯୫୯-ସୋଭିଏତ୍ ସଂଘର ପ୍ରଥମ ମହାକାଶଯାନ 'ଲୁନା-୨' ଚନ୍ଦ୍ରପୃଷ୍ଠରେ ପହଞ୍ଚିଲା।
- ୧୯୯୮- କୁଆଲାଲାମ୍ପୁରରେ ୧୬ତମ ରାଷ୍ଟ୍ରମଣ୍ଡଳ ଖେଳର ଆରମ୍ଭ।
- ୨୦୦୦- ନ୍ୟୁୟର୍କରେ ଅନ୍ତରାଷ୍ଟ୍ରୀୟ ଆୟୁର୍ବେଦ ସମ୍ମିଳନୀର ଆରମ୍ଭ।

## ଆଜି ବାହୁଡ଼ିଥିଲେ

# ପାଠାଗାର ଆନ୍ଦୋଳନର ପୁରୋଧା
# ଦାଶରଥୀ ପଟ୍ଟନାୟକ




ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥୀ ପଟ୍ଟନାୟକଙ୍କର ଆଜି ପୁଣ୍ୟତିଥି। ଦାସିଆ ଅଜା ନାମରେ ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଦାସିଆ ଅଜା ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ର ଉଦୟପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ମାତ୍ର ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ସେ ନିଜ ଗାଁରେ ପଥୁରିଆ ଅନୁର୍ବର ଜମି ଚାଷ କରି ପେଟ ପୋଷୁଥିଲେ। ଏଥିପାଇଁ ସେ ଖୁଣ୍ଟାତଡ଼ା ରଜା ନାମରେ ପରିଚିତ ଥିଲେ। ସେ ଦ୍ୱିପ୍ରହର ସମୟରେ ବିଶ୍ରାମ ନ ନେଇ ପାଠ ପଢ଼ିବାକୁ ଏକ ନିଶା ଭାବେ ଆଦରି ନେଇଥିଲେ। ବହି ପଢ଼ିବା ପାଇଁ ସେ ପର ଦିନ ପଢ଼ିବା ବହି ତା' ଆଗଦିନ ଆଣି ସଂଗ୍ରହ କରି ରଖୁଥିଲେ। କ୍ରମେ ତାଙ୍କର ଏହି ବହି ସଂଗ୍ରହ ଏକ ପାଠାଗାର ଆନ୍ଦୋଳନର ରୂପ ନେଇଥିଲା। ସେ ମୁଣ୍ଡରେ ଠେକା ଭିଡ଼ି, କାନ୍ଧରେ ଝୁଲା ମୁଣା ଧରି ସାରା ଓଡ଼ିଶା ବୁଲି ବହି ସଂଗ୍ରହ କରୁଥିଲେ। ଦାସିଆ ଅଜା ପ୍ରତିଦିନ ଏକଶହରୁ ଊର୍ଦ୍ଧ୍ୱ ପୋଷ୍ଟକାର୍ଡ଼ ଲେଖି ବିଭିନ୍ନ କବି ଲେଖକମାନଙ୍କୁ ପଠାଉଥିଲେ। ଲେଖା ପଢ଼ି ଉତ୍ସାହିତ କରୁଥିଲେ ଓ ଅଚାନକ ସେମାନଙ୍କ ଘରେ ବି ପହଞ୍ଚି ଯାଉଥିଲେ। ଯାହାକୁ ଭେଟୁଥିଲେ ତାଙ୍କଠାରୁ ସହଯୋଗ ଅର୍ଥ ଭାବେ ମାତ୍ର ୧୦ ପଇସା ମାଗୁଥିଲେ। ନିଜର ସଂଗୃହୀତ ଜିନିଷ ସବୁକୁ ନେଇ ଦାସିଆ ଅଜା ନୟାଗଡ଼ର ନୂଆଗାଁରେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ସ୍ଥାପନା କରିଥିଲେ। ୫୦୦୦ରୁ ଅଧିକ ତାଳପତ୍ର ପୋଥି, ପୁରୁଣା ମୁଦ୍ରା, ଅସ୍ତ୍ରଶସ୍ତ୍ର, ଚେରମୂଳି, ବିଶିଷ୍ଟ ବ୍ୟକ୍ତିଙ୍କ ବ୍ୟବହୃତ ଦ୍ରବ୍ୟ, ପୁରାତନ ଦସ୍ତାବିଜ୍, ଫସିଲ, ଡାକଟିକଟ, ବାଦ୍ୟଯନ୍ତ୍ର, ମୂଲ୍ୟବାନ ପଟ୍ଟଚିତ୍ର ଆଦି ଅନେକ ଦୁର୍ଲଭ ଜିନିଷ ରହିଛି ଏହି ସଂଗ୍ରହାଳୟରେ। ସଂଗ୍ରହାଳୟ ପରିସର ମଧ୍ୟରେ ବାଞ୍ଛାନିଧି ପାଠାଗାର ଓ ଯଦୁମଣି ସାହିତ୍ୟ ସଂସଦ ରହିଛି। ଏକକ ପ୍ରଚେଷ୍ଟାରେ ୫୦ ହଜାରରୁ ଅଧିକ ବହି ଓ ୬୫ ହଜାରରୁ ଅଧିକ ପତ୍ରିକାରେ ସମୃଦ୍ଧ ହୋଇଥିଲା ବାଞ୍ଛାନିଧି ପାଠାଗାର। ଏଠାରେ ବିଭିନ୍ନ ଭାଷାର ଅଭିଧାନ, ୩ ହଜାର ବିରଳ ବହି ଓ ୧୯୫୯ରୁ ୧୯୯୭ ପର୍ଯ୍ୟନ୍ତ ବହୁ ଦୈନିକ ଖବରକାଗଜ ରହିଛି। ୧୯୯୭ ମସିହା ଆଜିର ଦିନରେ ୯୦ ବର୍ଷ ବୟସରେ ଦାସିଆ ଅଜାଙ୍କର ଦେହାନ୍ତ ହୋଇଥିଲା। ତେବେ ତାଙ୍କର ତିନୋଟି ଅନୁଷ୍ଠାନ ତାଙ୍କୁ ଚିରଦିନ ଅମର କରିଦେଇଛି। ସରକାରୀ ପ୍ରୋତ୍ସାହନରେ ଦାସିଆ ଅଜାଙ୍କର ତିନୋଟି ଯାକ ଅନୁଷ୍ଠାନକୁ ମିଶାଇ ଦାଶରଥୀ ପଟ୍ଟନାୟକ ଫାଉଣ୍ଡେସନ୍ ଟ୍ରଷ୍ଟ ଗଠନ କରାଯାଇଛି।

## ସ୍ୱାଦହୀନ କ୍ୟାଣ୍ଡି



ପିଲାଠୁ ବୁଢ଼ା ସମସ୍ତେ ଚକଲେଟ୍ ଖାଇବାକୁ ପସନ୍ଦ କରନ୍ତି। ଚକଲେଟ୍ ସାଧାରଣତଃ ମିଠା ହୋଇଥାଏ। ଏହାବାଦ୍ ରାଗ, ଲୁଣିଆ, ଖଟା ସ୍ୱାଦ ଯୁକ୍ତ ଚକଲେଟ୍ ମଧ୍ୟ ବଜାରରେ ମିଳୁଛି। ଜାପାନର ଆଗଧାଡ଼ିର ରିଟେଲ୍ କମ୍ପାନୀ 'ଲାସନ' ୨୦୨୨ ମସିହାରେ ଏକ ଭିନ୍ନ ଧରଣର କ୍ୟାଣ୍ଡିକୁ ଲଞ୍ଚ୍ କରିଥିଲା। ଏହି କ୍ୟାଣ୍ଡିର ନାଁ 'ଅଜି ନୋ ଶିନାଇ'। ସ୍ଥାନୀୟ ଭାଷାରେ ଏହାର ଅର୍ଥ ବିନା ସ୍ୱାଦର କ୍ୟାଣ୍ଡି। ଏହି କ୍ୟାଣ୍ଡି ଖାଇଲେ ଏଥିରେ କିଛି ସ୍ୱାଦ ଜଣାପଡ଼ିବ ନାହିଁ ବୋଲି ସେତେବେଳେ କମ୍ପାନି ପକ୍ଷରୁ କୁହାଯାଇଥିଲା। ଏହି କ୍ୟାଣ୍ଡି ପାଟିକୁ ମିଠା, ଖଟା, ରାଗ କି ଲୁଣିଆ ଲାଗିବ ନାହିଁ। ଏହାକୁ ତିଆରି କରିବା ପାଇଁ କେବଳ ଦୁଇଟି ସାମଗ୍ରୀର ବ୍ୟବହାର ହୋଇଛି। ପ୍ରଥମଟି ହେଉଛି ସିନ୍ଥେଟିକ ସୁଗାର୍‌ର ବିକଳ୍ପ ଯାହାକୁ ପଲିଡେକ୍ସଟ୍ରୋଜ୍ ଓ ଅନ୍ୟଟି ହେଉଛି ଅର୍ଗାନିକ ସୁଗାରର ବିକଳ୍ପ ଏରିଥ୍ରିଟୋଲ। ତେବେ ଏହି କ୍ୟାଣ୍ଡି ଖାଇଥିବା କିଛି ଲୋକଙ୍କର କହିବାନୁସାରେ, ଏହି କ୍ୟାଣ୍ଡି ସ୍ପୋର୍ଟସ୍ ଡ୍ରିଙ୍କରେ ଅଧିକ ପାଣି ମିଶାଇଲେ ତାହା ଯେମିତି ପାଟିକୁ ଲାଗିଥାଏ ଏହା ସେମିତି ଲାଗୁଛି। ସେହିଭଳି ଆଉ କିଛି ଜଣ ଏହା ହାଲ୍‌କା ମିଠା ଲାଗୁଛି ବୋଲି କହିଛନ୍ତି। ଅନ୍ୟପଟେ ମିଠା କିମ୍ବା ସ୍ୱାଦଯୁକ୍ତ କ୍ୟାଣ୍ଡି ଖାଇବାକୁ ପସନ୍ଦ କରୁନଥିବା ଲୋକଙ୍କ ପାଇଁ ଏହା ତିଆରି କରାଯାଇଥିବା କମ୍ପାନି ପକ୍ଷରୁ କୁହାଯାଇଛି। ମହାମାରୀ କରୋନା ସମୟରେ ମାସ୍କ ବ୍ୟବହାରୀଙ୍କ ପାଇଁ ମିଣ୍ଟ କ୍ୟାଣ୍ଡି ସମସ୍ୟା କରୁଥିବା ଲକ୍ଷ୍ୟ କରି ଏହି ସ୍ୱାଦହୀନ କ୍ୟାଣ୍ଡିଟିକୁ ତିଆରି କରାଯାଇଥିଲା।

# ଓଜନ ବଢ଼ାଇଲେ ଅମିର୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମକୁ ନେଇ ଚର୍ଚ୍ଚା



ବଲିଉଡ୍ ଅଭିନେତା ଅମିର୍ ଖାନ୍ ଏବେ ତାଙ୍କର ନୂଆ ଲୁକ୍ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଇତିମଧ୍ୟରେ ଅମିର୍‌ଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ 'ସିତାରେ ଜମିନ୍ ପର୍' ଟିମ୍ ସହ ନାଚୁଥିବାର ଦେଖାଯାଇଛନ୍ତି। ଏହି ସମୟରେ ସେ ବେଶ୍ ମୋଟା ଦେଖାଯାଉଛନ୍ତି। ଅମିର୍‌ଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ 'ସିତାରେ ଜମିନ୍ ପର' ଲୁକ୍ ସହ ତୁଳନା କରୁଛନ୍ତି। 'ସିତାରେ ଜମିନ୍ ପର୍'ରେ ଅମିର୍ ବେଶ୍ ପତଳା ଦେଖାଯାଉଥିଲେ। ତେବେ ଅମିର୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ତାଙ୍କ ଓଜନ ବୃଦ୍ଧି କରିଥିବା ଚର୍ଚ୍ଚା ହେଉଛି। ରାଜକୁମାର ହିରାନୀ 'ଦାଦା ସାହେବ ଫାଲ୍‌କେ'ଙ୍କ ବାୟୋଗ୍ରାଫି ପାଇଁ ଅମିର୍‌ଙ୍କୁ ସାଇନ୍ କରିଥିବା ଜଣାପଡ଼ିଛି। ଏହାପୂର୍ବରୁ ଅମିର୍ 'ଦଙ୍ଗଲ' ଫିଲ୍ମ ପାଇଁ ଓଜନ ବଢ଼ାଇଥିଲେ। ଏହା ବକ୍ସ ଅଫିସ୍‌ରେ ୨୦୦୦ କୋଟିର ବିଜିନେସ୍ କରିଥିଲା। ତେବେ 'ଦଙ୍ଗଲ'ର ସଫଳତାକୁ ଦୋହରାଇବା ପାଇଁ ଅମିର୍ 'ଦାଦାସାହେବ ଫାଲ୍‌କେ' ଫିଲ୍ମ ପାଇଁ ଓଜନ ବଢ଼ାଇଥିବା ମଧ୍ୟ ଚର୍ଚ୍ଚା ହେଉଛି।




## 'ସକାଳ'ର ସ୍ୱାସ୍ଥ୍ୟ

# ଟମାଟୋ ଫ୍ଲୁ

**ଋତୁପରିବର୍ତ୍ତନ ଦ୍ୱାରା ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ଅଧିକ ବୃଦ୍ଧିପାଏ। ଦୂଷିତ ବାୟୁ ଯୋଗୁଁ ଥଣ୍ଡା, କାଶ, ଜ୍ୱର ସହିତ ଶ୍ୱାସ ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଏହି କ୍ରମରେ ଏବେ ଦେଶରେ ଟମାଟୋ ଫ୍ଲୁ ନାମକ ଭୂତାଣୁ ଚିନ୍ତା ବଢ଼ାଉଛି। ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା..**



ଟମାଟୋ ଫ୍ଲୁ ଏକ ଭୂତାଣୁ ସଂକ୍ରାମକ ରୋଗ। ସାଧାରଣତଃ ୫ବର୍ଷରୁ କମ୍ ବୟସର ପିଲାଙ୍କୁ ଏହା ଅଧିକ ପ୍ରଭାବିତ କରିଥାଏ। ବର୍ଷାଦିନେ ବାତାବାରଣ ଆର୍ଦ୍ର ଥିବାରୁ ଏହି ସମୟରେ ପରିବେଶରେ ମଶା, ମାଛି ତଥା ବିଭିନ୍ନ ଭୂତାଣୁ ଶୀଘ୍ର ବଢ଼ିଥାନ୍ତି। ପିଲାଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନେ ଅନ୍ୟପିଲାଙ୍କ ସହ ଖେଳିବା କିମ୍ବା ଖାଇବା ଦ୍ୱାରା ଏହି ଭୂତାଣୁ ସଂକ୍ରମଣର ଶିକାର ହୋଇଥାନ୍ତି। ତେବେ ସଂକ୍ରମିତ ପିଲାଙ୍କ ଚର୍ମରେ ଲାଲ ଏବଂ ଗୋଲ ଗୋଲ ଟମାଟୋ ଆକାର ଫଳିଯାଉଥିବାରୁ ଏହାକୁ ଟମାଟୋ ଫ୍ଲୁ କୁହାଯାଇଥାଏ। ଏଥିରେ ସଂକ୍ରମିତ ପିଲାଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ପାଞ୍ଚଦିନ ଧରି ଜ୍ୱର ଲାଗି ରହିବା, ଦୁର୍ବଳ ଓ ଥକ୍କା ଅନୁଭବ କରିବା, ହାତ ଗୋଡ କିମ୍ବା ମୁହଁ ଓ ଜିଭରେ ଟମାଟୋ ପରି ଛୋଟ ଦାନା ବାହାରି ପୋଡ଼ାଜଳା କିମ୍ବା କୁଣ୍ଡାଇ ହେବା, ମୁଣ୍ଡବିନ୍ଧା, ଗଳା ଦରଜ, ଖାଦ୍ୟ ଢ଼ୋକିବାରେ ସମସ୍ୟା, ଆଣ୍ଠୁ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣକୁ ଅଣଦେଖା କଲେ ଏହା ରୋଗପ୍ରତିରୋଧକଶକ୍ତିକୁ ହ୍ରାସ କରିଦିଏ। ସେଥିପାଇଁ ଉପରୋକ୍ତ ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ଏହା ସହିତ ପିଲାଙ୍କ ଖାଦ୍ୟପେୟ ଓ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି। ଘର ପରିବେଶକୁ ସଫା ରଖିବା ଦ୍ୱାରା ଭୂତାଣୁ ସଂକ୍ରମଣର ଆଶଙ୍କା ହ୍ରାସ ପାଏ। ସେହିପରି ରୋଗାକ୍ରାନ୍ତ ପିଲାଙ୍କୁ ଅନ୍ୟପିଲାଙ୍କଠାରୁ ଦୂରେଇ ରଖିବା ଆବଶ୍ୟକ। ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାର ପାଣି ପିଆଇବା ସହିତ ପୌଷ୍ଟିକ ଖାଦ୍ୟ ଦେବା ଦରକାର। ଧ୍ୟାନ ଦେବେ, ପିଲା ଯେମିତି ଫୋଟକାକୁ ନ କୁଣ୍ଡାନ୍ତି। ସଂକ୍ରମିତ ପିଲାଙ୍କୁ ସ୍କୁଲ କିମ୍ବା ବାହାରକୁ ଖେଳିବାକୁ ଛାଡନ୍ତୁନି। ବାହାର ଖାଦ୍ୟ ଏବଂ ଆମିଷ ଖାଦ୍ୟଠୁ ଦୂରେଇ ରଖନ୍ତୁ। ଧୂଳିଠାରୁ ପିଲାଙ୍କୁ ଦୂରେଇ ରଖିବା ସହ ଡାକ୍ତରୀ ପରାମର୍ଶ ଅନୁସାରେ ଔଷଧ ଦେଲେ ଜ୍ୱରର ତୀବ୍ରତା କମି ଥାଏ।

# ଆଇଡ୍ରପ୍ ପକାଉଥିଲେ...

**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ବୟସ ହେଲେ କିମ୍ବା ଅନ୍ୟ କୌଣସି କାରଣରୁ ଦୃଷ୍ଟି ଶକ୍ତି ହ୍ରାସ ପାଇଲେ, ଡାକ୍ତରଙ୍କ ପରାମର୍ଶରେ ଆଖିର ଯତ୍ନ ନିଆଯାଏ। ଆଖି ସଂକ୍ରମଣ କିମ୍ବା ଗ୍ଲୁକୋମା ଆଦି ହେଲେ ଆଇ ଡ୍ରପ୍ ବ୍ୟବହାର କରାଯାଏ। ହେଲେ ଜାଣନ୍ତିକି ଭୁଲ୍ ଶୈଳୀରେ ଆଇ ଡ୍ରପ୍ ପକାଇବା ଦ୍ୱାରା ଏହା ଆଖି ସଂକ୍ରମଣର କାରଣ ସାଜିପାରେ।**



ଆଖିରେ କୌଣସି ସମସ୍ୟା ଦେଖା ଗଲେ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆଖିର ଯତ୍ନ ନିଆଯାଏ। ତେଣୁ ଡାକ୍ତର ପ୍ରେସ୍କ୍ରାଇବ କରିଥିବା ଆଖିଡ୍ରପ୍‌କୁ ସଠିକ୍ ଶୈଳୀ ଏବଂ ସାବଧାନତା ସହିତ ପକାଇବା ଦ୍ୱାରା ଏହା ଚକ୍ଷୁ ଜନିତ ସମସ୍ୟା କମ୍ କରିବାରେ ସହାୟ ହୋଇଥାଏ। ହେଲେ ଅଧିକାଂଶ ଭୁଲ୍ ଶୈଳୀରେ ଆଇ ଡ୍ରପ୍ ପକାନ୍ତି। ଏହାଦ୍ୱାରା ଆଖି ସଂକ୍ରମଣର କାରଣ ସାଜିପାରେ। ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ଲୁକୋମା ରୋଗୀମାନେ ଆଖିରେ ଡ୍ରପ ପକାଇବା ପୂର୍ବରୁ ଭଲଭାବେ ହାତ ଧୋଇବା ଦରକାର। ଡ୍ରପ ପକାଇଲା ପରେ ଆଖିର କୋଣରେ ନଳିକା ନିକଟେ (ଟିଅରଡକ୍ଟ) ୧ ମିନିଟ୍ ପର୍ଯ୍ୟନ୍ତ ହାଲୁକା ଚାପ ଦେଲେ ଔଷଧ ଭଲ ଭାବେ କାମ କରିଥାଏ। ଡାକ୍ତର ଯେପରି ମାତ୍ରା ଓ ସମୟ କହିଛନ୍ତି ସେହିଭଳି କରିବା ଆବଶ୍ୟକ।

ସେହିପରି ଆଇଡ୍ରପ୍ ଦ୍ୱାରା ଆଖିକୁ ଛୁଇଁବା ତଥା ହାତ ନ ଧୋଇ ଆଖିରେ ହାତ ମାରିବା ଅଭ୍ୟାସ ସଂକ୍ରମଣ ବୃଦ୍ଧି କରାଏ। ଅଧିକାଂଶ ଆଇ ଡ୍ରପ୍‌ର ଏକ୍ସପାଏରୀ ତାରିଖ ଦେଖନ୍ତିନି କିମ୍ବା ଖୋଲା ପଡ଼ିଥିବା ପୁରୁଣା ଆଇ ଡ୍ରପ୍ ବ୍ୟବହାର କରିଦିଅନ୍ତି। ଏଥିଯୋଗୁଁ ଆଖି ସଂକ୍ରମଣ ହୁଏ। ଲେନ୍ସ ବ୍ୟବହାର କରୁଥିଲେ, ଆଇଡ୍ରପ ବ୍ୟବହାର ପୂର୍ବରୁ ଲେନ୍ସକୁ କାଢ଼ିଦେବା ମଧ୍ୟ ଜରୁରି। ସେହିପରି ଡ୍ରପ୍ ପକାଇ ଆଖିକୁ ତୁରନ୍ତ ବନ୍ଦ ନ କଲେ ବି ଆଖି ସଂକ୍ରମଣର କାରଣ ସାଜିପାରେ। ତେଣୁ ପଛକୁ ମୁଣ୍ଡ କରି ତଳ ଆଖି ପତାକୁ ହାଲୁକା ଟାଣି ଆଇଡ୍ରପ୍ ପକାଇବା ଉଚିତ। ଡ୍ରପ୍ ପକାଇବା ସମୟରେ ଡ୍ରପର ଆଖିକୁ ଯେପରି ସ୍ପର୍ଶ ନ କରେ ତାହା ଧ୍ୟାନ ଦେବା ଦରକାର। ଡ୍ରପ୍ ପକାଇବା ପରେ ତୁରନ୍ତ ଆଖିକୁ ବନ୍ଦ କରିବା ହିତକର।

## ବହୁ ରୋଗର ମହୌଷଧି ଗୁଳୁଚି



ଗିଲୋୟ ବା ଗୁଳୁଚିର ବୈଜ୍ଞାନିକ ନାଁ ଟିନୋସ୍ପୋରା କୋରଡିଫୋଲିଆ। ଆୟୁର୍ବେଦରେ ଏହାକୁ ଅମୃତା ବୋଲି କୁହାଯାଏ। ଆମ୍ବ, ଲିଚୁ, ପିଜୁଳି ଆଦି ବଡ଼ଗଛମାନଙ୍କ ଉପରେ ଏହା କୁଣ୍ଡଳୀ ଆକାରର ମାଡ଼ିଥାଏ। ଏହାର ପତ୍ରଗୁଡ଼କ ହୃଦୟାକାର, ପାନପତ୍ର ସଦୃଶ ଅଟେ। ଏହା କେବଳ ଏକ ଔଷଧୀୟ ଗଛ ନୁହେଁ, ବରଂ ପ୍ରାକୃତିକ ଟନିକ୍ ଭାବେ ଶରୀରରେ ବହୁ ରୋଗ ଦୂର କରିପାରେ।

- ପ୍ରତିଦିନ ସକାଳୁ ଖାଲି ପେଟରେ ୨ରୁ ୩ଟି ଗୁଳୁଚି ପତ୍ରକୁ ଧୋଇ ଚୋବାଇଲେ, ଜ୍ୱର, ଡେଙ୍ଗୁ, ଗାଉଟ୍, ଆମଦୋଷ, ଅର୍ଶ, କାଶ, ଶ୍ୱାସ, ହୃଦ୍‌ରୋଗ, ବାତରକ୍ତ ଆଦି ରୋଗ ଦୂର ହୋଇଥାଏ। ଭୂତାଣୁ ଜନିତ ସଂକ୍ରମଣରେ ଏହା ପ୍ଲେଟଲେଟ୍‌ସ ସଂଖ୍ୟା ବଢ଼ାଇ ଶରୀରକୁ ସୁସ୍ଥ ରଖେ।
- ଗୁଳୁଚି କ୍ୱାଥ ୫୦ମିଲି ସେବନ ଦ୍ୱାରା ପାଚନ ବିକାର ଯଥା- ଅଗ୍ନିମନ୍ଦ, ଯକୃତ ବିକାର, କାମଳ, ମଧୁମେହ, ଅମ୍ଳପିତ, କୃମି ଆଦି ରୋଗର ଉପଶମ ହୋଇଥାଏ।
- ଗୁଳୁଚି ପତ୍ର ତଥା ନିମ୍ବ ପତ୍ରର ସମ ପରିମାଣରୁ କ୍ୱାଥ କରି ୫୦ମିଲି ପିଇଲେ ବାତରକ୍ତ, ଆମବାତ, ଚର୍ମରୋଗ ଆଦିରୁ ଉପଶମ ମିଳିଥାଏ।
- ଗୁଳୁଚି ଲତାକୁ ଚାରିଗୁଣ ପାଣିରେ ସିଝାଇ ତାହାକୁ ଏକ ଗୁଣ ରଖି ସେଥିରେ ମହୁ ମିଶାଇ ପ୍ରତ୍ୟେହ ଦୁଇଥର ସେବନ କଲେ ସମସ୍ତ ପ୍ରକାର ଜ୍ୱରର ଉପଶମ ମିଳେ। ତେବେ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ଅନୁମୋଦିତ ହାରରେ ଗୁଳୁଚି ବ୍ୟବହାର କରିବା ଆବଶ୍ୟକ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଗୁଳୁଚିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ

ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସମୟ ପଛ ପକେଟ୍‌ରେ ପର୍ସ ବା ୱାଲେଟ୍ ରଖିଥାନ୍ତି। ହେଲେ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦୀର୍ଘ ସମୟ ଅଫିସ୍‌ରେ ରହିବା ତଥା ଗାଡ଼ି ଚଳାଇବା ସମୟରେ ପଛ ପକେଟ୍‌ରେ ପର୍ସ ରଖିବା ଦ୍ୱାରା ଏହା ଅଜାଣତରେ ହାଡ଼ ଏବଂ ମାଂସପେଶୀ ଉପରେ ଚାପ ପକାଏ। ଏହି ଚାପ ସ୍ନାୟୁ ଏବଂ ମାଂସପେଶୀଙ୍କୁ ପ୍ରଭାବିତ କରି ସାଇଟିକା ପରି ଗମ୍ଭୀର ରୋଗ ସୃଷ୍ଟି କରେ। ଡାକ୍ତରୀ ଭାଷାରେ ଏହାକୁ 'ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ' ବା 'ୱାଲେଟ୍ ନ୍ୟୁରୋପାଥି' କୁହାଯାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ପର୍ସ ମୋଟା ହେଉ କି ପତଳା, ପଛ ପକେଟ୍‌ରେ ଦୀର୍ଘ ସମୟ ରଖିବା ଦ୍ୱାରା ସ୍ନାୟୁ ଏବଂ ମାଂସପେଶୀ ପ୍ରଭାବିତ ହୁଏ। ଅଣ୍ଟା ଏବଂ ପାଦ ଯନ୍ତ୍ରଣା ପରି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ସେହିପରି ପକେଟ୍‌ରେ ପର୍ସ ସହିତ ବସିବା ଦ୍ୱାରା ମେରୁଦଣ୍ଡ ପ୍ରଭାବିତ ହୋଇ ଧୀରେ ଧୀରେ ଏହା ବଙ୍କା ହୋଇପାରେ। ଏହାର ପ୍ରଭାବ କେବଳ ବସିବା ସମୟରେ ନୁହେଁ, ବରଂ ଛିଡ଼ା ହେବା କିମ୍ବା ଚଲାବୁଲା କରିବାରେ ଅନୁଭୂତ ହୋଇଥାଏ। ରକ୍ତ ସଞ୍ଚାଳନ ସଠିକ୍ ଭାବେ ହୋଇ ନ ଥାଏ। ନିୟମିତ ଶାରୀରିକ କାର୍ଯ୍ୟକଳାପ, ଫିଜିଓଥେରାପି, ଯୋଗ ଆଦି କଲେ ଏହି ସମସ୍ୟାରୁ ଉପଶମ ମିଳିପାରେ। ତେଣୁ ପର୍ସକୁ ସର୍ବଦା ଆଗ ପକେଟ୍‌ରେ ରଖିବା ସୁରକ୍ଷିତ ଉପାୟ। ଦୀର୍ଘ ସମୟ ଧରି ପିଠି କିମ୍ବା ପାଦରେ ଯନ୍ତ୍ରଣା ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

■ ମହିଳା ଏସିଆ କପ୍ ହକି

# ସୁପର୍-୪ରେ ଭାରତର ପ୍ରଥମ ପରାଜୟ



ହାଙ୍ଗଝୋଉ, ୧୧।୯ (ଏଜେନ୍ସି): ଚଳିତ ମହିଳା ଏସିଆ କପ୍ ହକିର ସୁପର୍-୪ ପର୍ଯ୍ୟାୟରେ ଭାରତ ପ୍ରଥମ ପରାଜୟବରଣ କରିଛି। ଗୁରୁବାର ଖେଳାଯାଇଥିବା ସୁପର୍-୪'ର ଏକ ମ୍ୟାଚରେ ଭାରତୀୟ ମହିଳା ଦଳ ୧-୪ ଗୋଲ୍‌ରେ ଘରୋଇ ଚାଇନା ନିକଟରୁ ହାରିଯାଇଛି। ପୂର୍ବରୁ ଭାରତ ଏହି ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ୪-୨ ଗୋଲରେ ୩ଥରର ବିଜେତା ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଫଳରେ ସୁପର୍-୪ ପର୍ଯ୍ୟାୟରେ ଦୁଇ ମ୍ୟାଚ୍ ଖେଳି ଭାରତ ୩ ପଏଣ୍ଟ ପାଇ ଚାଇନା (୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ଏବେ ଶେଷ ସୁପର୍-୪ ମ୍ୟାଚରେ ଶନିବାର ଜାପାନକୁ ଭେଟିବ। ଏହି ମ୍ୟାଚରେ ବିଜୟୀ ହେଲେ ଦଳ ଫାଇନାଲ ଖେଳିବାର ସମ୍ଭାବନା ରହିଛି।

ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ର ୪ର୍ଥ ମିନିଟ୍‌ରେ ଚାଇନାର ଜୋଉ ମେରିଅଙ୍ଗ ଏକ ଫିଲ୍ଡ ଗୋଲ୍ ଦେଇ ଭାରତକୁ ଆରମ୍ଭରୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଏହାପରେ ପ୍ରଥମାର୍ଦ୍ଧ ସୁଦ୍ଧା ଆଉ କୌଣସି ଗୋଲ୍ ଦେଖିବାକୁ ମିଳି ନ ଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଚାଇନା ଆହୁରି ଆକ୍ରମଣାତ୍ମକ ପ୍ରଦର୍ଶନ କରି ୩ଟି ଗୋଲ୍ ଦେଇଥିଲା। ଭାରତ ପାଇଁ ମୁମତାଜ ଖାନ ଗୋଟିଏ ଗୋଲ୍ ଶୁଝିଥିଲେ ମଧ୍ୟ ଦଳକୁ ୧-୪ ଗୋଲରେ ପରାଜୟରୁ ରକ୍ଷା କରିପାରି ନ ଥିଲେ।

■ ମହିଳା ବିଶ୍ୱକପ୍ ଇତିହାସରେ ପ୍ରଥମ

# ସମସ୍ତ ଅଫିସିଆଲ୍ ମହିଳା

ଦୁବାଇ, ୧୧।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ



ଆରମ୍ଭ ହେବାକୁ ଯାଉଛି। ତେବେ ଏହି ମେଗା ଇଭେଣ୍ଟ ଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଇତିହାସରେ ପ୍ରଥମଥର ଲାଗି ମହିଳା ଦିନିକିଆ ବିଶ୍ୱକପ୍ ପରିଚାଳନା ଲାଗି ସମ୍ପୂର୍ଣ୍ଣ ମହିଳା ଅଧିକାରୀ ପ୍ୟାନେଲ ଘୋଷଣା କରିଛି। ଗୁରୁବାର ଆଇସିସି ପକ୍ଷରୁ ଆଗାମୀ ବିଶ୍ୱକପ୍ ଲାଗି ୧୮ ଜଣିଆ ଅଫିସିଆଲ୍‌ଙ୍କ ନାମ ଘୋଷଣା କରାଯାଇଛି। ଯେଉଁଥିରେ ୧୪ଜଣ ଅମ୍ପାୟର ଓ ୪ଜଣ ରେଫରୀ ରହିଛନ୍ତି। ଏହି ୧୮ ଜଣ ଅଫିସିଆଲ୍ ବିଶ୍ୱକପ୍‌ରେ ମୋଟ୍ ୩୧ଟି ଯାକ ମ୍ୟାଚ୍ ପରିଚାଳନା କରିବେ। ଘୋଷିତ ଅଫିସିଆଲ୍‌ଙ୍କ ମଧ୍ୟରେ କ୍ଲେୟାର ପୋଲୋସାକ, ଜ୍ୟାକଲିନ ୱିଲିଅମ୍ସ ଓ ସୁଏ ରେଡଫର୍ନ ୩ୟଥର ଲାଗି ବିଶ୍ୱକପ୍ ପରିଚାଳନା କରିବାର ସୁଯୋଗ ପାଇଛନ୍ତି। ସେହିଭଳି ୪ଜଣ ମ୍ୟାଚ୍ ରେଫରୀଙ୍କ ମଧ୍ୟରେ ଭାରତର ଜିଏସ୍ ଲକ୍ଷ୍ମୀ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମହିଳା ଟି-୨୦ ବିଶ୍ୱକପ୍‌ର ଗତ ଦୁଇଟି ସଂସ୍କରଣ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସମସ୍ତ ଅଧିକାରୀ ମହିଳା ରହିଥିଲେ। ଆଇସିସି ଏହି ଧାରାକୁ ଏବେ ଦିନିକିଆ ବିଶ୍ୱକପ୍‌ରେ ସାମିଲ କରିଛି।

ପହଲଗାମ ଆକ୍ରମଣ, ରୋହିତ୍-ବିରାଟଙ୍କ ଅନୁପସ୍ଥିତି

# ଭାରତ-ପାକିସ୍ତାନ ମ୍ୟାଚ୍‌ରୁ ମୁହଁ ଫେରାଉଛନ୍ତି ଦର୍ଶକ

ଦୁବାଇ, ୧୧।୯ (ଏଜେନ୍ସି):

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚକୁ ଆଉ ୨ ଦିନ ବାକି ରହିଛି। ତେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ଏହି ହାଇଭୋଲଟେଜ ମୁକାବିଲାକୁ ନେଇ ଏଥର କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଆଗଭଳି ଆଉ ଉତ୍ସାହ ନ ଥିବା ପରିଲକ୍ଷିତ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ମ୍ୟାଚର ଟିକଟ୍ ବିକ୍ରିରୁ ଜଣାପଡ଼ିଛି। ରାଜନୈତିକ କାରଣ ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ ଦୀର୍ଘ ଏକ ଦଶନ୍ଧିରୁ ଧରି ବନ୍ଦ ରହିଛି। କେବଳ ଆଇସିସି ଇଭେଣ୍ଟ ଓ ଏସୀୟ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଏହି ଦୁଇଦେଶ ପରସ୍ପର ବିପକ୍ଷରେ ଖେଳିଥାନ୍ତି। ତେଣୁ ଯେତେବେଳେ ବି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯାଇଥାଏ ଏହାର ଟିକଟ୍ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଶେଷ ହୋଇଯାଇଥାଏ। କିନ୍ତୁ ଏଥର ଏସିଆ କପ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏହି ହାଇଭୋଲଟେଜ ମୁକାବିଲା ଲାଗି ପ୍ରାୟ ଦୁଇ ସପ୍ତାହ ହେବ ଟିକଟ୍ ବିକ୍ରି ଆରମ୍ଭ ହେଲାଣି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମଧ୍ୟ ଟିକଟ୍ ବଳକା ରହିଥିବା ଜଣାପଡ଼ିଛି।

ଏଥର ଭାରତ-ପାକିସ୍ତାନ ମ୍ୟାଚର ଟିକଟ୍ ବିକ୍ରି ନ ହେବା ପଛରେ ଏକାଧିକ କାରଣ ରହିଥିବା କୁହାଯାଉଛି। ସେଥିମଧ୍ୟରୁ ଗତ ପହଲଗାମ ଆକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଯୋଗୁ ଦେଶବାସୀଙ୍କ ମନୋଭାବ ପରିବର୍ତ୍ତନ ହୋଇଥିବା କୁହାଯାଉଛି। ଯେଉଁଥି ପାଇଁ ଜାତୀୟ ଭାବନାକୁ ଦୃଷ୍ଟିରେ ରଖି ଭାରତୀୟ ଦର୍ଶକଙ୍କ ମଧ୍ୟରେ ଏହି ମ୍ୟାଚକୁ ନେଇ ଆଗ୍ରହ ନ ଥିବା କୁହାଯାଉଛି। ସେହିଭଳି ଟିକଟ୍ ବିକ୍ରି ନ ହେବାର ଆଉ କାରଣ ହେଉଛି ଭାରତୀୟ ଦଳର ଦୁଇ ତାରକା ଖେଳାଳି ରୋହିତ୍ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତି। ଗତ ଦଶନ୍ଧି ମଧ୍ୟରେ ପ୍ରଥମଥର ଲାଗି ପାକିସ୍ତାନ ବିପକ୍ଷ ଏକ ମ୍ୟାଚରେ ଏହି ଦୁଇ ଖେଳାଳି ଖେଳୁ ନ ଥିବାରୁ ଦର୍ଶକଙ୍କ ଉତ୍ସାହରେ ଏହା ପ୍ରଭାବ ପକାଇଛି ବୋଲି ଆୟୋଜକ ୟୁଏଇ କ୍ରିକେଟ୍ ସଂଘ ପକ୍ଷରୁ ମଧ୍ୟ ସ୍ୱୀକାର କରାଯାଇଛି। ଏହାବାଦ୍ ପ୍ରିମିୟମ ଟିକଟ୍‌ର ମୂଲ୍ୟ ଅତ୍ୟଧିକ ଉଚ୍ଚ ରହିଥିବାରୁ ଦର୍ଶକ ଏହି ମ୍ୟାଚରୁ ମୁହଁ ମୋଡୁଥିବା କୁହାଯାଇଛି। ଦୁଇଟି ପ୍ରିମିୟମ ଟିକଟ୍‌ର ମୂଲ୍ୟ ଏଥର ଅଢ଼େଇ ଲକ୍ଷ ଟଙ୍କା ରହିଛି।

ଆଜିର ମ୍ୟାଚ୍

| | |
|---|---|
| ପାକିସ୍ତାନ-ଓମାନ | |
| ଭେନ୍ୟୁ : | ଦୁବାଇ |
| ଖେଳ ଆରମ୍ଭ : | ରାତି ୮ଟା |
| ପ୍ରସାରଣ : | ସୋନି ସ୍ପୋର୍ଟ୍ସ ନେଟୱର୍କ |



## ପୁଣିଥରେ ନିରାଶ କଲେ ଅଂଶୁମାନ

ଆବୁଧାବି, ୧୧।୯ (ଏଜେନ୍ସି): ଓଡ଼ିଶା ଜନ୍ମିତ ଅଂଶୁମାନ ରଥ ପୁଣିଥରେ ଚଳିତ ଏସିଆ କପ୍‌ରେ ନିରାଶ କରିଛନ୍ତି। କ୍ରମାଗତ ଦୁଇଟି ମ୍ୟାଚରେ ଏହି ଓଡ଼ିଆ କ୍ରିକେଟର୍ ବ୍ୟାଟିଂରେ ବିଫଳ ହୋଇଛନ୍ତି। ଗୁରୁବାର ବାଂଲାଦେଶ ବିପକ୍ଷ ମୁକାବିଲାରେ ହଂକଂ ପକ୍ଷରୁ ଖେଳୁଥିବା ଅଂଶୁମାନ ମାତ୍ର ୪ ରନ କରି ଆଉଟ୍ ହୋଇଛନ୍ତି। ଇନିଂସ ଓପନ କରିଥିବା ଏହି ବାମହାତୀ ବ୍ୟାଟର୍ ୫ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ମାରି ତାସକିନ ଅହମ୍ମଦଙ୍କ ବଲ୍‌ରେ ୱିକେଟ୍ ପଛରେ ଲିଟନ ଦାସଙ୍କ ହାତରେ ଧରାପଡ଼ିଥିଲେ। ଏଥିପୂର୍ବରୁ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ଅଂଶୁମାନ ପ୍ରଥମ ବଲ୍‌ରେ ଆଉଟ୍ ହୋଇ ଗୋଲ୍ଡେନ ଡକ୍‌ର ସମ୍ମୁଖୀନ ହୋଇଥିଲେ। ବାଂଲାଦେଶ ବିପକ୍ଷରେ ହଂକଂ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୩ ରନ୍ ସଂଗ୍ରହ କରିଛି। ଅଧିନାୟକ ୟାସିମ୍ ମୁର୍ତ୍ତାଜ ୨୮ ଓ ନିଜାକତ୍ ଖାନ୍ ୪୨ ରନ୍ କରିଛନ୍ତି।

## ମ୍ୟାଚ୍ ବନ୍ଦ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଚଳିତ ଏସିଆ କପ୍‌ରେ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ। ତେବେ କାର୍ଯ୍ୟସୂଚୀ ଘୋଷଣା ହେବା ଦିନଠାରୁ ଏହି ମ୍ୟାଚକୁ ନେଇ ବିବାଦ ଲାଗି ରହିଛି। ସଦ୍ୟ ସୁପ୍ରିମକୋର୍ଟରେ ଏହି ଭାରତ-ପାକିସ୍ତାନ ମ୍ୟାଚକୁ ବନ୍ଦ କରିବା ନେଇ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତ ଏହି ଆବେଦନର ଶୁଣାଣି କରିବାକୁ ମନା କରିଦେଇଛନ୍ତି। 'ଏତେ ଶୀଘ୍ର ଏହାକୁ ତାଲିକାଭୁକ୍ତ କରିବା ପାଇଁ କାହିଁକି କୁହାଯାଉଛି। ଏହା କେବଳ ଏକ ମ୍ୟାଚ୍। ଏହି ମ୍ୟାଚ୍ ବନ୍ଦ ହେବ ନାହିଁ, ଏହାକୁ ଖେଳାଯିବାକୁ ଦିଆଯାଉ' ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୪ଜଣ ଏଲ୍‌ଏଲ୍‌ବି ଛାତ୍ର ଭାରତ-ପାକିସ୍ତାନ ଏସିଆ କପ୍ ମ୍ୟାଚ୍ ବାତିଲ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

# ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଓପନ ଚେସ୍ ୨୭ରୁ

ଭୁବନେଶ୍ୱର,୧୧।୯ (ସମିସ): ରାଜ୍ୟର ଅଗ୍ରଣୀ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର ଚେସ୍ ସେଣ୍ଟର ପକ୍ଷରୁ ଆଉ ଏକ ମେଗା ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ନାମ ରଖାଯାଇଛି ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର୍ ଅଲଓଡ଼ିଶା ଓପନ ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ରାଜ୍ୟର ସମସ୍ତ ଖେଳାଳି ଏବଂ ଓଡ଼ିଶାରେ ରହୁଥିବା ବାହାର ଖେଳାଳି ଉପଯୁକ୍ତ ପ୍ରମାଣପତ୍ର ସହ ଅଂଶଗ୍ରହଣ କରିପାରିବେ। ଅବଶ୍ୟ ସେମାନଙ୍କୁ ୧,୦୦୦ ଟଙ୍କାର ଏଣ୍ଟ୍ରି ଫି ଦେବାକୁ ହେବ। ଏହା ବଦଳରେ ଚେସ୍ ସେଣ୍ଟର ପକ୍ଷରୁ ମୋଟ ୨ ଲକ୍ଷ ୧୦୦ ଟଙ୍କାର ନଗଦ ଅର୍ଥ, ୮୯ଟି ଆକର୍ଷଣୀୟ ଟ୍ରଫି ଓ ୫୪ଟି ପଦକ ପୁରସ୍କାର ଆକାରରରେ ଦିଆଯିବ। ଚାମ୍ପିଅନ ଖେଳାଳିଙ୍କୁ ସର୍ବାଧିକ ୩୦,୦୦୦ ଟଙ୍କା, ରନର୍ସ ଅପ୍‌ଙ୍କୁ ୨୦,୦୦୦ ଓ ତୃତୀୟ ସ୍ଥାନ ହାସଲ କରିଥିବା ଖେଳାଳିଙ୍କୁ ୧୫,୦୦୦ ଟଙ୍କା ସହ ଅନ୍ୟାନ୍ୟ ପୁରସ୍କାର ଦିଆଯିବ। ଏହି ଟୁର୍ଣ୍ଣାମେଣ୍ଟଟି ଫୁଲନଖରାସ୍ଥିତ କୁରାଙ୍ଗ ଶାସନ ଆମପଲ୍ଲୀ ରିସର୍ଟର ଶୀତତାପ ନିୟନ୍ତ୍ରିତ ହଲ୍‌ରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ସଭାପତି ଶୁଭାଶିଷ ପଟ୍ଟନାୟକ- ଫୋନ୍ ନଂ- ୯୮୬୧୩ କିମ୍ବା ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଫୋନ୍ ନଂ- ୯୪୩୭୨୦୮୫୦୬ କିମ୍ବା ୭୦୦୮୯୭୩୯୫୦ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

**୨ ଲକ୍ଷ ଟଙ୍କା ପୁରସ୍କାର, ୮୯ ଟ୍ରଫି, ୫୪ ପଦକ**

ଦୁଲୀପ୍ ଟ୍ରଫି ଫାଇନାଲ

# ଦକ୍ଷିଣାଞ୍ଚଳକୁ ୧୪୯ରେ ଅଟକାଇଲେ ସାରାଂଶ-କାର୍ତ୍ତିକେୟ





ବେଙ୍ଗାଲୁରୁ, ୧୧।୯ (ଏଜେନ୍ସି): ଦୁଲୀପ ଟ୍ରଫିର ଫାଇନାଲ ମୁକାବିଲା ଗୁରୁବାରଠାରୁ ଏଠାରେ ଆରମ୍ଭ ହୋଇଛି। ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ବ୍ୟାଟିଂ କରି ଦକ୍ଷିଣାଞ୍ଚଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ମାତ୍ର ୧୪୯ ରନରେ ସୀମିତ ରହିଯାଇଛି। ଦଳ ପକ୍ଷରୁ ଓପନର୍ ତନ୍ମୟ ଅଗରୱାଲ ସର୍ବାଧିକ ୩୧ ରନ କରି ରନଆଉଟ୍ ହୋଇଥିଲେ। ସେହିଭଳି ସଲମନ ନାଜିର (୨୪), ଅଙ୍କିତ ଶର୍ମା (୨୦), ରିକି ଭୁଇ (୧୫), ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ (୪ ରନ) ପ୍ରମୁଖ ନିରାଶ କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଅଫ୍-ସ୍ପିନର ସାରାଂଶ ଜୈନ ୫ ଓ ବାମହାତୀ ରିଷ୍ଟ ସ୍ପିନର କୁମାର କାର୍ତ୍ତିକେୟ ୪ଟି ୱିକେଟ୍ ନେଇ ଦକ୍ଷିଣାଞ୍ଚଳର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ସାରାଂଶ ଗତ ସେମିଫାଇନାଲରେ ପଶ୍ଚିମାଞ୍ଚଳ ବିପକ୍ଷରେ ଉଭୟ ଇନିଂସରେ ମୋଟ୍ ୮ ୱିକେଟ୍ ସଫଳତା ପାଇଥିଲେ। ଏହି ଦମ୍‌ଦାର ପ୍ରଦର୍ଶନକୁ ସେ ଫାଇନାଲରେ ମଧ୍ୟ ଦୋହରାଇଛନ୍ତି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା କେନ୍ଦ୍ରାଞ୍ଚଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୧୯ ଓଭରରେ କୌଣସି ୱିକେଟ୍ ନ ହରାଇ ୫୦ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଦାନିସ ମାଲେୱର ୨୮ ଓ ଅକ୍ଷୟ ୱାଦକର ୨୦ ରନରେ ଅପରାଜିତ ରହିଛନ୍ତି।

# ପରିବାରକୁ ସର୍ବିଆରୁ ଗ୍ରୀସ୍‌କୁ ସ୍ଥାନାନ୍ତର କଲେ ଜୋକୋଭିଚ୍



ବେଲ୍‌ଗ୍ରାଡେ, ୧୧।୯ (ଏଜେନ୍ସି): ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ତଥା ସର୍ବିଆ ଟେନିସ ତାରକା ନୋଭାକ ଜୋକୋଭିଚ୍ ଦେଶ ଛାଡ଼ିଥିବା ଜଣାପଡ଼ିଛି। ଜୋକୋଭିଚ୍ ଚୁପଚାପ୍ ତାଙ୍କ ପରିବାରକୁ ଗ୍ରୀସ ସ୍ଥାନାନ୍ତର କରିଛନ୍ତି। ସର୍ବିଆ ସରକାର ସମର୍ଥକ ଗୋଷ୍ଠୀର ବଢୁଥିବା ଚାପ ଯୋଗୁ ସେ ପରିବାରକୁ ସ୍ଥାନାନ୍ତର କରିଥିବା ରିପୋର୍ଟରେ କୁହାଯାଇଛି। ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଜୋକୋଭିଚ୍ ତାଙ୍କ ଦୁଇ ସନ୍ତାନ ୧୧ ବର୍ଷୀୟ ଷ୍ଟିଫାନ ଓ ୮ ବର୍ଷୀୟ ତାରାଙ୍କ ନାମ ଗ୍ରୀସର ଏଥେନ୍ସସ୍ଥିତ ସେଣ୍ଟ ଲରେନ୍ସ କଲେଜରେ ଲେଖାଇଛନ୍ତି। ଏଥିସହ ଗ୍ରୀକର ରାଜଧାନୀରେ ପରିବାର ଲାଗି ଏକ ଘର ମଧ୍ୟ କ୍ରୟ କରିଛନ୍ତି। ସେହିଭଳି ସେ ଗ୍ରୀକର ଗୋଲ୍ଡେନ ଭିସା ଲାଗି ଆବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଯେ ସର୍ବିଆରେ ଗତ କିଛି ମାସ ଧରି ସରକାର ବିରୋଧରେ ଛାତ୍ରମାନଙ୍କ ବିରୋଧ ପ୍ରଦର୍ଶନ ଲାଗି ରହିଛି। ଏହି ଛାତ୍ର ଆନ୍ଦୋଳନକୁ ଜୋକୋଭିଚ୍ ସମର୍ଥନ ଜଣାଇଥିଲେ। ଯାହାକୁ ନେଇ ସେ ସମର୍ଥକ ଗୋଷ୍ଠୀର ଟାର୍ଗେଟ୍‌ରେ ରହିଛନ୍ତି।

# ଓଡ଼ିଶାରେ ହେବ ଚେସ୍ ପ୍ରିମିୟର ଲିଗ୍



ଭୁବନେଶ୍ୱର,୧୧।୯ (ସମିସ):

ଜାତୀୟସ୍ତରରେ ବିଭିନ୍ନ ଖେଳରେ ଚାଲିଥିବା ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ଭଳି ଓଡ଼ିଶାରେ ଏକ ଚେସ୍ ପ୍ରିମିୟର ଲିଗ୍ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। କ୍ରୀଡ଼ା ଓ କର୍ପୋରେଟ୍ କ୍ରୀଡ଼ା ଆୟୋଜନ କରିବାର ଅଭିଜ୍ଞତା ଥିବା ଆଇକନିକ ସ୍ପୋର୍ଟ୍ସ ଫେଡେରେସନ (ଆଇଏସ୍‌ଏଫ୍) ଓ ଅଲଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ)ର ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତା ନଭେମ୍ବର ୧୪ରୁ ୧୬ ତାରିଖଯାଏ ଖେଳାଯିବ। ଏଥିଲାଗି ୧୨ଟି ଫ୍ରାଞ୍ଚାଇଜ୍ ଗଠନ କରାଯିବ ଓ ଅନ୍ୟ ପ୍ରିମିୟର ଲିଗ୍ ପରି ନିଲାମି ମାଧ୍ୟମରେ ଦଳ ଗଠନ କରାଯିବ। ଉଭୟ ଫ୍ରାଞ୍ଚାଇଜ୍ ଓ ଖେଳାଳିମାନଙ୍କୁ ପଞ୍ଜିକରଣ କରିବା ଲାଗି ଅକ୍ଟୋବର ୧୦କୁ ଶେଷ ତାରିଖ ରଖାଯାଇଛି। ଅକ୍ଟୋବରରେ ୧୫ରେ ଫ୍ରାଞ୍ଚାଇଜ୍ ଓ ନିଲାମିରେ ଭାଗନେବାକୁ ମନୋନୀତ ହୋଇଥିବା ଖେଳାଳିଙ୍କ ନାମ ଘୋଷଣା କରାଯିବ। ଅକ୍ଟୋବର ୧୯ରେ ଖେଳାଳି ନିଲାମି କରାଯିବ। ଏସବୁ କାର୍ଯ୍ୟ ଆଇଏସ୍‌ଏଫ୍ ଓ ଏଓସିଏ ମିଳିତଭାବେ କରିବ। ଏହାକୁ ରୋଟାରୀ କ୍ଲବ୍ ୩୨୬୩ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ।

ଆଇକନିକ ପ୍ରିମିୟର ଲିଗ୍ ନାମରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ ଲକ୍ଷ, ପ୍ରଥମ ରନର୍ସ ଅପ୍‌କୁ ୩ ଲକ୍ଷ ଓ ଦ୍ୱିତୀୟ ରନର୍ସ ଅପ୍‌କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ସୂଚନା ଦେଇଥିଲେ। ଏହା ବ୍ୟତୀତ ପ୍ରତି ଫ୍ରାଞ୍ଚାଇଜ୍‌ଙ୍କୁ ୧ ଲକ୍ଷ ଟଙ୍କାର ଏଣ୍ଟ୍ରି ଫି ଦେବାକୁ ହେବ। ପ୍ରତି ଫ୍ରାଞ୍ଚାଇଜ୍‌କୁ ୨ ଲକ୍ଷ ଟଙ୍କାର ପାର୍ଟିସିପେନ ଫି ଦିଆଯିବ। ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାକୁ ସେ ସମସ୍ତ ଚେସ୍ ଖେଳାଳି ଓ କର୍ମକର୍ତ୍ତାଙ୍କ ସହଯୋଗ ଲୋଡିଥିଲେ। ସେହିପରି ଏହାକୁ ସଫଳ କରିବାକୁ ହେଲେ ସମସ୍ତ ସ୍ଥାନୀୟ ଶୀର୍ଷ ଖେଳାଳିଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ରାଜ୍ୟର ଦ୍ୱିତୀୟ ଆଇଏମ୍ ତଥା ପ୍ରୋଚେଷ୍ଟା ମୁଖ୍ୟ ପ୍ରଶାସକ ସ୍ୱୟଂଶୁ ସତ୍ୟପ୍ରାଜ୍ଞ ଏଓସିଏ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଏସ୍‌ଏଫ୍‌ର ବରିଷ୍ଠ ପଦାଧିକାରୀ ଡ. ସଞ୍ଜୟ ଚୌଧୁରୀ ଡ. ଶେଖ ଅବଦୁଲ ସାମିମ, ବିଭୁପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଚିଦାତ୍ମିକା ଖଟୁଆ ସଭା ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ଚେସ୍ ଆଇକନ୍ ତଥା ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ଆଇଏମ୍ ଅନ୍ୱେଷ ଉପାଧ୍ୟାୟ, ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ଆଇଏମ୍ ସମ୍ବିତ ପଣ୍ଡା, ଉଦୀୟମାନ ତାରକା ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ, ରାଜେଶ ନାୟକ, ସଞ୍ଜୀବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠକ ବାସୁଦେବ ଭଞ୍ଜ, ପ୍ରଦ୍ୟୁମ୍ନ ମିଶ୍ର ଓ ମାନସ ପାଣି, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ କୁମାର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।



୨୦୨୫ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ ବିଶ୍ୱକପ୍

# ଭାରତୀୟ ଦଳରେ ଓଡ଼ିଶାର ୪ଖେଳାଳି



ଯମୁନାରାଣୀ ଟୁଡୁ



ବାସନ୍ତୀ ହାଁସଦା



ଫୁଲ ସୋରେନ୍



ପାର୍ବତୀ ମାର୍ଣ୍ଡି

ବାରିପଦା,୧୧।୯ (ସମିସ): ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ମହିଳା ଟି-୨୦ ଦୃଷ୍ଟିବାଧିତ ବିଶ୍ୱକପ୍ କ୍ରିକେଟ-୨୦୨୫ ଟୁର୍ଣ୍ଣାମେଣ୍ଟ ପାଇଁ ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରୁ ୩ଜଣ ଓ ବାଲେଶ୍ୱର ଜିଲ୍ଲାରୁ ଜଣେ ଖେଳାଳି ରହିଛନ୍ତି। ସେମାନେ ହେଲେ ମୟୂରଭଞ୍ଜର ଜମୁନା ରାଣୀ ଟୁଡୁ, ବାସନ୍ତୀ ହେମ୍ବ୍ରମ ଓ ପାର୍ବତୀ ମୁର୍ମୁ ଏବଂ ବାଲେଶ୍ୱର ଜିଲ୍ଲାର ଫୁଲ ସୋରେନ। ଐତିହାସିକ ଟୁର୍ଣ୍ଣାମେଣ୍ଟରେ ଭାରତ ସହିତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଦଳମାନେ ଭାଗ ନେବେ। ପାକିସ୍ତାନ ମ୍ୟାଚ ବ୍ୟତୀତ ସମସ୍ତ ମ୍ୟାଚ ଭାରତର ବେଙ୍ଗାଲୁରୁ ଓ ନୂଆଦିଲ୍ଲୀରେ ଖେଳାଯିବ। ତେବେ ପାକିସ୍ତାନର ମ୍ୟାଚ୍‌ଗୁଡିକ ବିକଳ୍ପ ସ୍ଥାନ ବିଚାର କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୧ରୁ ଆରମ୍ଭ ହୋଇ ୨୫ରେ ଉଦ୍‌ଯାପିତ ହେବ। କର୍ଣ୍ଣାଟକର ଦୀପିକା ଟିସି ଅଧିନାୟିକା ଏବଂ ମହାରାଷ୍ଟ୍ରର ଗଙ୍ଗା ଏସ୍ କଦମ ଉପ-ଅଧିନାୟିକା ଭାବେ ଭାରତୀୟ ଦଳର ଦାୟିତ୍ୱ ନେବେ। ଉଲ୍ଲେଖନୀୟ, ୨୦୨୩ରେ ବିଶ୍ୱ କ୍ରୀଡ଼ାରେ ଭାରତୀୟ ମହିଳା ଦୃଷ୍ଟି ବାଧିତ କ୍ରିକେଟ ଦଳ ଅଷ୍ଟ୍ରେଲିଆକୁ ପରାସ୍ତ କରି ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲା। ଓଡ଼ିଶାର ଏହି ୪ଜଣ ଖେଳାଳିଙ୍କ ସହ ଭାରତୀୟ ଦଳ ଘରୋଇ ମାଟିରେ ଆଉ ଏକ ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତ ଥିବା ଜଣାପଡିଛି। ଏହି ଖେଳାଳି ମନୋନୀତ ହୋଇଥିବାରୁ ରାଜ୍ୟର ଦୃଷ୍ଟିବାଧିତ ଖେଳାଳିଙ୍କ ମଧ୍ୟରେ ନୂଆ ଉତ୍ସାହ ପରିଲକ୍ଷିତ ହୋଇଛି।

**ମୟୂରଭଞ୍ଜରୁ ୩: ବାଲେଶ୍ୱରରୁ ଜଣେ**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS